R.N.I. REGN. No. 65000/96 POSTAL REGN. No. OR/BN-32/12-14

26 January 2026, Monday

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୩
ତିଥି : ଅଷ୍ଟମୀ
୨୬ ଜାନୁଆରୀ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur






## ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

OIPR: DADLS-83



## ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା





ମେଷ- ନୂତନ ଆୟ, ସମ୍ମାନ ପ୍ରାପ୍ତି, ଉଚ୍ଚଆଶା ଫଳପ୍ରଦ, କାର୍ଯ୍ୟରେ ବିବାଦ, ବ୍ୟବସାୟରେ ଲାଭ, ଶତ୍ରୁ ସମସ୍ୟା ସମାଧାନ, ଦାମ୍ପତ୍ୟ ସୁଖ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମା ଭଗବତୀ ।

ବୃଷ- ଆୟ ଅପେକ୍ଷା ବ୍ୟୟ ଅଧି କ, ବୃଥାପରିଶ୍ରମ, ଦାମ୍ପତ୍ୟ କଳହ, ବ୍ୟବସାୟରେ ଶତ୍ରୁତା, ଅର୍ଥସମସ୍ୟା, ଦୂରଯାତ୍ରା, ବନ୍ଧୁ ଦର୍ଶନ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

ମିଥୁନ- ପ୍ରଶଂସିତ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ଶୁଭକାର୍ଯ୍ୟରେ ଧନବ୍ୟୟ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା, କର୍ମକ୍ଷେତ୍ରରେ ଶାନ୍ତି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

କର୍କଟ- ଧନଲାଭ, କାର୍ଯ୍ୟରେ ଆନନ୍ଦ, ଦୂରଯାତ୍ରା, ଅତିଥି ସତ୍କାର, ବନ୍ଧୁଲାଭ, ଉଚ୍ଚଆଶା ଫଳପ୍ରଦ, ପିଲାଙ୍କ ଖୁସି, ବିଦ୍ୟାରେ ସଫଳତା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ବିଷ୍ଣୁ ।

ସିଂହ- କାର୍ଯ୍ୟକ୍ଷେତ୍ରେ ବିପଦ, ସମ୍ମାନ ହାନି, ଶତ୍ରୁ କଷ୍ଟ, ନୂତନ କାର୍ଯ୍ୟ ପ୍ରତି ଆଶକ୍ତ, ନୂତନ ଯୋଜନାରେ ଲାଭ, ବନ୍ଧୁ ଦର୍ଶନ, ଉଚ୍ଚଆଶାରେ ବିଫଳ, ବିଦ୍ୟାରେ ଅସଫଳ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦିଆ, ସଂଖ୍ୟା-୨, ଆରାଧନା-ଭଗବାନ ଶଙ୍କର ।

କନ୍ୟା- ଆଭୂଷଣ ପ୍ରାପ୍ତି, ଶରୀର ସୁସ୍ଥ, ସୁସମାଚାର, ନୂତନ କର୍ମ ଆରମ୍ଭ, ଦୂରଯାତ୍ରା, ତୀର୍ଥାଟନ, ପାରିବାରିକ ଶାନ୍ତି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୯, ଆରାଧନା-ଗ୍ରାଦ୍ୱେତୀ ।

ତୁଳା- ଶତ୍ରୁ ନଷ୍ଟ, ମାନସିକ ଅବସାଦ, ସ୍ୱାଦିଷ୍ଟ ଭୋଜନ, ସମ୍ପତ୍ତି ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୩, ଆରାଧନା- ପ୍ରଭୁ ଲିଙ୍ଗରାଜ ।

ବିଛା- ସୁସମାଚାର, ଅର୍ଥ ସମସ୍ୟା, ମାନସିକ ଅଶାନ୍ତି, ଦୂରଯାତ୍ରା, ବିବାଦ ସମାଧାନ, ତୀର୍ଥାଟନ, ଋଣ କରିପାରନ୍ତି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୨, ଆରାଧନା- ଭଗବାନ ନୃସିଂହ ।

ଧନୁ- ଦୂରଯାତ୍ରା, ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ଲାଭ, ବିଦେଶ ଭ୍ରମଣ, ଉଚ୍ଚଆଶା ଫଳପ୍ରଦ, ଧର୍ମକାର୍ଯ୍ୟ ପ୍ରତି ଆଶକ୍ତ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

ମକର- ସହଯୋଗ ବୃଦ୍ଧି, ବନ୍ଧୁ ଖୁସି, ଅର୍ଥ ସମସ୍ୟା ସମାଧାନ, ବିଷାଦ ମୁକ୍ତ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜୟ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା- ମା ଶିତଳା ।

କୁମ୍ଭ- କାର୍ଯ୍ୟ ସିଦ୍ଧି, ଅର୍ଥ ବ୍ୟୟ, ବାଣିଜ୍ୟେ ଲାଭ, ମାନସିକ ଶାନ୍ତି, ଦାମ୍ପତ୍ୟ ଖୁସି, ଶତ୍ରୁ ନାଶ, ଗାଡ଼ି ମୋଟର ଚାଳନାରେ ସାବଧାନ, ପୂର୍ବଭାଦ୍ର କୁମ୍ଭ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୫, ଆରାଧନା- ବାବା ଲୋକନାଥ ।

ମୀନ- କର୍ମକ୍ଷେତ୍ରେ ପଦୋନ୍ନତି, ବ୍ୟୟ ଅଧି କ ରିଷ୍କ, ଦୂରସ୍ଥାନକୁ ଯାତ୍ରା, ଉଚିତ କର୍ମ ପ୍ରତି ଅନାଗ୍ରହ, କଚେରି ମାମଲାରୁ ମୁକ୍ତି, ସୁମିଷ୍ଟ ଭୋଜନ, ଜିନିଷ କିଣାକିଣି, ବହୁ ବ୍ୟକ୍ତିଙ୍କ ସହଯୋଗ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା- ମା ଗୌରୀ ।

**ମାଘମାସ ଶୁକ୍ଳପକ୍ଷ, ଅଷ୍ଟମୀ**
**୨୬.୧.୨୦୨୬ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ୩୧ ତୋପର ସଲାମି

ଆଜିର ନ୍ୟାସନାଲ ଷ୍ଟାଡିୟମ ସେତେବେଳେ ଇରାବିନ୍ ଷ୍ଟାଡିୟମ ନାଁରେ ପରିଚିତ ଥିଲା । ସେତେବେଳେ ରାଜେନ୍ଦ୍ର ପ୍ରସାଦ ୩୫ ବର୍ଷ ପୁରୁଣା ଶାହି ଘୋଡା ଗାଡିରେ ବସି ଏଠାରେ ପହଞ୍ଚିଥିଲେ । ଯାହାକୁ ୬ଟି ଅଷ୍ଟ୍ରେଲିଆର ଘୋଡା ଟାଣୁଥିଲେ । ପ୍ୟାରେଡ୍ ସ୍ଥଳରେ ସନ୍ଧ୍ୟା ସମୟରେ ରାଷ୍ଟ୍ରପତିଙ୍କୁ ୩୧ ତୋପୋର ସଲାମି ଦିଆଯାଇଥିଲା । ଏହି ପ୍ରଥମ ପ୍ୟାରେଡ୍‌ରେ ସାଧାରଣ ଜନତା ମଧ୍ୟ ସାମିଲଥିଲେ । ପ୍ରଥମରୁ ଲୋକମାନେ ଏହି ପ୍ୟାରେଡ୍‌ରେ ରାଜାମାନଙ୍କର ଶାହି ଶାନ୍ ଦେଖିବାକୁ ଚାହିଁଥିଲେ । ଯେଉଁକାରଣରୁ ସରକାର କିଛି ବର୍ଷ ପରେ ଏହାର ରୁପରେଖା ବଦଳାଇ ଦେଇଥିଲା । ଏଥିରେ ହାତୀ, ଘୋଡା ଓ ସେନାର କ୍ଷମତାକୁ ଦେଖାଇବା ଆରମ୍ଭ କରିଥିଲା ।





## ପ୍ରଥମଥର ପତାକା ଉତ୍ତୋଳନ

ଭାରତର ଗଣତନ୍ତ୍ର ହେବା ଘୋଷଣା ଦେଶର ଶେଷ ଗଭର୍ନର ଜନରଲ୍ ସି ରାଜଗୋପାଲଚାରୀ କରିଥିଲେ । ୧୯୫୦ ଜାନୁଆରୀ ୨୬ ସକାଳ ୧୦ ଟା ୧୮ ମିନିଟ୍‌ରେ ଦେଶ ଗଣତନ୍ତ୍ର ହୋଇଥିଲା । ଏହାର ମାତ୍ର ୬ ମିନିଟ୍ ପରେ ଅର୍ଥାତ ୧୦.୨୪ରେ ଡ. ରାଜେନ୍ଦ୍ର ପ୍ରସାଦ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ । ପ୍ରଥମ ଗଣତନ୍ତ୍ର ଦିବସରେ ରାଜେନ୍ଦ୍ର ପ୍ରସାଦ ୨୧ ତୋପର ସଲାମୀ ସହିତ ପ୍ରଥମଥର ପାଇଁ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ । ଏହାପରଠାରୁ ପ୍ରତିବର୍ଷ ୨୬ ଜାନୁଆରୀକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି । ଦେଶ ସ୍ୱାଧୀନ ହେବା ପୂର୍ବରୁ ୯ ଡିସେମ୍ବର ୧୯୪୬ରେ ଏହା ନିର୍ଣ୍ଣୟ ହୋଇଥିଲା କି ଭାରତର ସମ୍ବିଧାନ ରହିବ । ଏଥିପାଇଁ ସମ୍ବିଧାନ ସଭାର ମଧ୍ୟ ଆୟୋଜନ କରାଯିବା ଆରମ୍ଭ ହୋଇଥିଲା । ପାଖାପାଖି ୨ ବର୍ଷ ୧୧ ମାସ ପର୍ଯ୍ୟନ୍ତ ମାରାଥନ ସଭା ବସିବା ପରେ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା । ଏହାପରେ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭା ଏହାକୁ ମଞ୍ଜୁରୀ ଦେଇଥିଲା ।

## ସାଧାରଣତନ୍ତ୍ର ପ୍ୟାରେଡ୍

ସାଧାରଣତନ୍ତ୍ର ଦିବସରେ ସବୁଠାରୁ ଆକର୍ଷଣୀୟ ହୋଇଥାଏ ଏହି ଦିନ ପ୍ରଦର୍ଶିତ ହେଉଥିବା ପ୍ୟାରେଡ୍ । ପ୍ରତିବର୍ଷ କର୍ତ୍ତବ୍ୟପଥରେ ଏହିଦିନ ପ୍ରସ୍ତୁତ ହୋଇଥାଏ ଆକର୍ଷଣୀୟ ପ୍ୟାରେଡ୍ । ସାଧାରଣତନ୍ତ୍ର ଦିବସର ଉତ୍ସବ ତିନିଦିନ ଧରି ପାଳନ ହୋଇଥାଏ । ପ୍ରଥମଥର ପାଇଁ ୧୯୫୦ରେ ଏହି ପ୍ୟାରେଡ୍‌ର ଆୟୋଜନ କରାଯାଇଥିଲା । ତେବେ ଏହି ପ୍ୟାରେଡ୍‌ର ଇତିହାସ ମଧ୍ୟ ଖୁବ ରୋଚକ । ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୫୦ ୨୬ ଜାନୁଆରୀରେ ସମ୍ବାଧାନ ଲାଗୁ ହୋଇଥିଲା ଏବଂ ଭାରତକୁ ଗଣରାଜ୍ୟଭାବେ ଘୋଷଣା କରାଯାଇଥିଲା । ପ୍ରଥମଥର ପାଇଁ ଏହି ବର୍ଷ ଗଣତନ୍ତ୍ର ଦିବସର ପ୍ୟାରେଡ୍ ବାହାରିଥିଲା ।



# ଗୌରବ

ଆଜି ସମଗ୍ର ଭାରତବର୍ଷରେ ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହେଉଛି । ଏହି ପବିତ୍ର ଅବସରରେ ଜାତୀୟତାବୋଧର ଏକ ଭବ୍ୟ ପରିବେଶ ଚତୁର୍ଦ୍ଦିଗରେ ଦେଖିବାକୁ ମିଳୁଛି । ଦେଶ ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ସେହି ମହାନ ଦେଶପ୍ରେମୀ ତଥା ଅଗଣିତ ସଂଗ୍ରାମୀଙ୍କ ଅତୁଳନୀୟ ବଳିଦାନକୁ ଆଜି ସମସ୍ତେ ଶ୍ରଦ୍ଧାର ସହ ସ୍ମରଣ କରୁଛନ୍ତି ।



## ଆମ ସ୍ୱାଭିମାନ

ରାଜନୈତିକ ଢାଞ୍ଚା ମାଧ୍ୟମରେ ଗୋଟିଏ ରାଷ୍ଟ୍ରର ନାଗରିକମାନେ କେଉଁ ଧରଣର ଶାସନ ବ୍ୟବସ୍ଥା ମଧ୍ୟରେ ଶାସିତ ହେବେ ତାର ମୌଳିକ ବ୍ୟବସ୍ଥା ନିର୍ଣ୍ଣୟ କରିବା ନିମନ୍ତେ ସମ୍ପୃକ୍ତ ରାଷ୍ଟ୍ରର ସମ୍ବିଧାନ ପ୍ରଣୟନ କରାଯାଇଥାଏ । ଭାରତ ସ୍ୱାଧୀନତା ଲାଭ କରିବା ପରେ ପ୍ରଚଳିତ ନୂତନ ସମ୍ବିଧାନ ଅନୁଯାୟୀ ନାନା ବିବିଧତା ମଧ୍ୟରେ ଏକତାର ସ୍ୱର ଝଙ୍କୃତ ହେବା ସମଗ୍ର ବିଶ୍ୱ ସମୁଦାୟକୁ ଚକିତ କରିଦେଇଛି । ସ୍ୱାଧୀନ ଭାରତ ନିମନ୍ତେ ଏକ ନୂତନ ସମ୍ବିଧାନର ଆବଶ୍ୟକତା ଥିବାରୁ ରାଷ୍ଟ୍ରର ପ୍ରମୁଖ ବ୍ୟକ୍ତିମାନଙ୍କୁ ନେଇ ଏକ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା। ସଚ୍ଚିଦାନନ୍ଦ ସିହ୍ନାଙ୍କ ପୌରୋହିତ୍ୟରେ ଏହି ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡ଼ିସେମ୍ବର ମାସ ୯ ତାରିଖ ସୋମବାର ଦିବା ୧୧ ଘଟିକା ସମୟରେ ଆରମ୍ଭ ହୋଇଥିଲା । ପରେ ଡଃ. ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ପ୍ରଣୟନ ସଭାର ସଭାପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ବିଶିଷ୍ଟ ଆଇନ ବିଶେଷଜ୍ଞ ବାବା ସାହେବ ଆମ୍ବେଦକର ସମ୍ବିଧାନ ଖସଡ଼ା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟାରମ୍ଭ କଲେ । ବିଶ୍ୱର ପ୍ରାୟ ୬୦ ଗୋଟି ବଛା ବଛା ସମ୍ବିଧାନ ସମୁହର ଗଭୀର ଅନୁଶୀଳନ ଆଲୋଚନା, ପର୍ଯ୍ୟାଲୋଚନା କରାଯାଇ ୨ ବର୍ଷ ୧୧ ମାସ ୧୭ ଦିନ ପରେ ସମ୍ବିଧାନ ପ୍ରଣୟନ କାର୍ଯ୍ୟ ସମାପ୍ତ ହୋଇ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହା ସମସ୍ତ ସଦସ୍ୟଙ୍କ ସ୍ୱାକ୍ଷର ବହନ କରି ନୂତନ ସମ୍ବିଧାନ ଭାବେ ସ୍ୱୀକୃତି ଲାଭ କଲା ।

ଏହି ସମ୍ବିଧାନ ପ୍ରସ୍ତୁତ ନିମନ୍ତେ ସମୁଦାୟ ୬୩ ଲକ୍ଷ ୯୬ ହଜାର ୭୨୯ ଟଙ୍କା ବ୍ୟୟ ହୋଇଥିଲା ।

ଏହି ସମ୍ବିଧାନ ପ୍ରଣୟନ ସଭାରେ ମହିଳାମାନଙ୍କ ମଧ୍ୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରମୁଖ ନେତ୍ରୀମାନଙ୍କ ମଧ୍ୟରେ ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ, ରାଜକୁମାରୀ ଅମୃତ କାଉର, ସୁଚେତା କୃପାଳିନୀ, ରେଣୁକାରାୟ, ବେଗମ୍ ଅଜିଜର ସୁଲ, ହଂସ ମେହେଟ୍ଟା, ମାଳତୀ ଚୌଧୁରୀ ଆଦି ଥିଲେ ଅନ୍ୟତମ । ଏହି ନୂତନ ସମ୍ବିଧାନ ପ୍ରଣୟନ ସଭାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ଦାସ, ବିଶ୍ୱନାଥ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ହରେକୃଷ୍ଣ ମହତାବ, ଲକ୍ଷ୍ମୀନାରାୟଣ ସାହୁ, ଲୋକନାଥ ମିଶ୍ର, ନନ୍ଦକିଶୋର ଦାସ, ରାଜକୃଷ୍ଣ ବୋଷ, ଶାନ୍ତନୁ କୁମାର ଦାସ ଆଦି ଥିଲେ ଅନ୍ୟତମ ।

ଗିରିଜା ଶଙ୍କର ତରାସିଆ
ମୋ: ୯୯୩୭୩୩୪୮୦୦



R.N.I. REGN. No. 65000/96 POSTAL REGN. No. OR/BN-32/12-14

26 January 2026, Monday

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୧୩

ତିଥି : ଅଷ୍ଟମୀ

୨୬ ଜାନୁଆରୀ ୨୦୨୬, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା

୭୭ତମ ସାଧାରଣତନ୍ତ୍ରଣ ଦିବସ ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

ନିର୍ଦ୍ଦେଶିକା

## 'ସମୟ'ର ଛୁଟି

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଜାନୁଆରୀ ୨୬ ତାରିଖ ସୋମବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

### ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

# ଗଣତନ୍ତ୍ରର ସୁରକ୍ଷା ଯୁବପୀଢ଼ିଙ୍କ ହାତରେ



ନୂଆଦିଲ୍ଲୀ, ୨୫ ।୧ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ସନ୍ଧ୍ୟାରେ ଦେଶବାସୀଙ୍କୁ ୭୭ତମ ଗଣତନ୍ତ୍ର ଦିବସ ପୂର୍ବରୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଦେଶ ଏବଂ ବିଦେଶରେ ରହୁଥିବା ଆମେ ଭାରତର ଲୋକମାନେ, ଉତ୍ସାହର ସହ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ। ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଜାତୀୟ ପର୍ବ ଗଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ପବିତ୍ର ଗଣତନ୍ତ୍ର ଦିବସ ଆମ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଶର ଭାଗ୍ୟ ଏବଂ ପରିସ୍ଥିତି ଉପରେ ଅବଲୋକନ କରିବାର ଏକ ଅବସର ଆଣିଦେଇଥାଏ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ସ୍ୱାଧୀନତା ସଂଗ୍ରାମ ଯୋଗୁଁ, ଆମ ଦେଶର ଭାଗ୍ୟ ପରିବର୍ତ୍ତନ ହେବା ସହ ଭାରତ ସ୍ୱାଧୀନ ହୋଇଥିଲା। ଆମେ ଆମ ଜାତିର ଭାଗ୍ୟ ନିର୍ଦ୍ଧାରଣ କରିଥିଲୁ।

୧୯୫୦ ମସିହା ଜାନୁଆରି ୨୬ ତାରିଖରୁ ଆମେ ଆମ ଗଣତନ୍ତ୍ରର ସାମ୍ବିଧାନିକ ଆଦର୍ଶ ଦିଗରେ ଆଗକୁ ବଢୁଛେ। ସେହି ଦିନ ଆମେ ଆମର ସମ୍ବିଧାନକୁ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିଥିଲୁ। ଗଣତନ୍ତ୍ରର ଜନନୀ ଭାରତର ସମ୍ବିଧାନ ଉପନିବେଶବାଦର ବିଧି ବିଧାନରୁ ମୁକ୍ତ ହୋଇ ଲୋକତନ୍ତ୍ରର ଏହି ଗଣରାଜ୍ୟ ତାର ଅସ୍ତିତ୍ୱକୁ ଫେରି ପାଇଥିଲା। ଆମର (୯ ପୃଷ୍ଠାରେ)

# ଜୀବନ ଯୁଦ୍ଧରେ ହାରିଗଲେ ଅଭିଜିତ୍

ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର, ୨୫ ।୧ (ସବ୍ୟ): ଦୀର୍ଘ ୫ ମାସ ଧରି ଜୀବନ ଯୁଦ୍ଧରେ ସଂଘର୍ଷ କରି ଶେଷରେ ହାରିଯାଇଛନ୍ତି ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର । ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ସକାଳ ୯ଟା ୨ ମିନିଟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା।



ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ତାଙ୍କର ବିୟୋଗ ଆମ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ (୯ ପୃଷ୍ଠାରେ)

### ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

## ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପାଲଟିଛି ଭାରତ

ନୂଆଦିଲ୍ଲୀ: ଆଜି ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପାଲଟିଛି । ଷ୍ଟାର୍ଟଅପ୍ ଇଣ୍ଡିଆର ଏହି ଆଶ୍ଚର୍ଯ୍ୟଜନକ ଯାତ୍ରାର ନାୟକ ହେଉଛନ୍ତି ଆଜିର ଯୁବ ବନ୍ଧୁ । ନିଜର କମଫର୍ଟ ଜୋନରୁ ବାହାରି ସେମାନେ ଯେଉଁ ଇନୋଭେସନ୍ କରିଛନ୍ତି ତାହା ଇତିହାସରେ ଲିପିବଦ୍ଧ ହୋଇଛି । ଏଆଇ, ମହାକାଶ, ପରମାଣୁ ଶକ୍ତି, ସେମିକଣ୍ଡକଫର, ମୋବିଲିଟି, ଗ୍ରୀନ ହାଇଡ୍ରୋଜେନ୍, ବାୟୋଟେକ୍ନୋଲୋଜି, ଭଳି ଷ୍ଟାର୍ଟଅପ୍ ଗୁଡିକରେ ଆମ ଯୁବପିଢ଼ିମାନେ ସଫଳତାର ସହ ଆଗକୁ ବଢୁଛନ୍ତି ।

ଆଜି ମନ କି ବାତରେ ଭୋଟରଙ୍କୁ ନେଇ ବଡ଼ କଥା କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଆଜି ଥିଲା (୯ ପୃଷ୍ଠାରେ)

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଜାଳିଦେଲେ

ଢ଼ାକା, ୨୫ ।୧ : ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଜାରି ରହିଛି। ସେଠାରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନରସିଙ୍ଗଡି ଜିଲ୍ଲାରେ ଏହି ଘଟଣା ଘଟିଛି।


ମୃତ ଯୁବକଙ୍କ ନାଁ ଚଞ୍ଚଳ ଚନ୍ଦ୍ର ଭୌମିକ। ତାଙ୍କ ନିଜ ଘର ବାଂଲାଦେଶର କୁମିଲା ଜିଲ୍ଲାର ଲକ୍ଷ୍ମୀପୁର ଗାଁରେ। ଚଞ୍ଚଳ ତାଙ୍କ ବାପାମା'ଙ୍କ ମଝିଆଁ ପୁଅ ଥିଲେ। ସେ ବହୁ ବର୍ଷ ହେଲାଣି ନରସିଙ୍ଗଡିରେ ରହୁଥିଲେ। ସେଠାରେ ସେ ଏକ ଗ୍ୟାରେଜ କରିଥିଲେ।


ନରସିଙ୍ଗଡି ପୁଲିସ ଲାଇନ୍ସ ପାଖରେ ଥିବା ମସଜିଦ ମାର୍କେଟ ପାଖରେ ଗ୍ୟାରେଜ କରିଥିଲେ ଚଞ୍ଚଳ। ଗତ ଶୁକ୍ରବାର ବିଳମ୍ବିତ ରାତିରେ ସେ ଗ୍ୟାରେଜ ଭିତରେ ଶୋଇଥିବା ବେଳେ ସେଥିରେ ନିଆଁ ଲଗାଇ ଦିଆଯାଇଥିଲା। ଅଭିଯୋଗ ଅନୁଯାୟୀ, କିଛି ଲୋକ ପ୍ରଥମେ ତାଙ୍କ ଦୋକାନର ଶଟରରେ ବାହାରପଟୁ ତାଲା ପକାଇ ଦେଇଥିଲେ। ତା'ପରେ ପେଟ୍ରୋଲ ଢାଳି ଦୋକାନରେ ନିଆଁ ଲଗାଇ ଦେଇଥିଲେ।

ଗ୍ୟାରେଜରେ ନିଆଁ ଲାଗିଥିବା ଜାଣିବା ପରେ ସ୍ଥାନୀୟ କିଛି ଲୋକ ଅଗ୍ନିଶମ ବାହିନୀକୁ (୯ ପୃଷ୍ଠାରେ)

# ଓଡ଼ିଶାରୁ ୪ ଜଣଙ୍କୁ ପଦ୍ମଶ୍ରୀ

ନୂଆଦିଲ୍ଲୀ, ୨୫ ।୧ : ଭାରତ ସରକାର ପଦ୍ମ ପୁରସ୍କାର-୨୦୨୬ ଘୋଷଣା କରିଛନ୍ତି। ୧୩୧ଜଣଙ୍କୁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ଗଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଆଜି ଏହି ଘୋଷଣା କରାଯାଇଛି। ରାଷ୍ଟ୍ରପତି ନିଜେ ଏହି ସମସ୍ତ ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତି ଭବନରେ ପୁରସ୍କାର ପ୍ରଦାନ କରିବେ। ଏହି ସମ୍ମାନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଦିଆଯିବ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରୁ ୪ ଜଣଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ସେମାନେ ହେଲେ ଚରଣ ହେମ୍ବ୍ରମ, ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ମହେନ୍ଦ୍ର (୯ ପୃଷ୍ଠାରେ)






# ଉତ୍କଳ ସାମ୍ବାଦିକ ସଂଘର ୮୨ତମ ପ୍ରତିଷ୍ଠା ଉତ୍ସବ ପାଳନ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସର୍ବପୁରାତନ ଓ ସର୍ବବୃହତ ସାମ୍ବାଦିକ ସଂଗଠନ ଉତ୍କଳ ସାମ୍ବାଦିକ ସଂଘର ୮୨ ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ୍ ଚୌଧୁରୀ, ଭକ୍ତ ଶେଖର ରାୟ, ଟୁଲୁ ପାତ୍ର ପ୍ରମୁଖ ଯୋଗଦେଇ କେକ୍ କାଟି ଉତ୍ସବ ପାଳନ କରିଥିଲେ । ଆଗାମୀ ଦିନରେ ରାଜ୍ୟ ସଂଘର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ହେବାକୁ ଥିବାରୁ ପ୍ରତିଷ୍ଠା ଦିବସକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା । ପ୍ରକାଶ ଥାଉକି, ଦେଶ ସ୍ୱାଧୀନତାର ଦୁଇ ବର୍ଷ ପୂର୍ବରୁ ୧୯୪୫ ମସିହା ଜାନୁଆରୀ ୨୫ ତାରିଖରେ ଉତ୍କଳ ସାମ୍ବାଦିକ ସଂଘ ଗଠନ କରାଯାଇଥିଲା । ସେହି ଦିନ ଠାରୁ ଯାତ୍ରା ଆରମ୍ଭ କରିଥିବା ସଂଘ, ଆଜିର ଦିନରେ ରାଜ୍ୟର ସର୍ବବୃହତ ସାମ୍ବାଦିକ ସଂଘ ଭାବେ କାର୍ଯ୍ୟରତ ସାମ୍ବାଦିକଙ୍କ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଶେଷରେ ସଂଘର ଉପଦେଷ୍ଟା ପବିତ୍ର ମହାରଥା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପୁରୀ ଏସିଏସ୍ କଲେଜ ଛକ ହତ୍ୟା କାଣ୍ଡ ଘଟଣାରେ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଗତ ଶୁକ୍ରବାର ରାତିରେ ପୁରୀ ଏସିଏସ କଲେଜ ଛକ ନିକଟରେ ଘଟି ଥିବା ହୋଟେଲ କର୍ମଚାରୀ ଟୁକୁ ଓରଫ ସ୍ମାରକ ସିଂ ହତ୍ୟା କାଣ୍ଡ ଘଟଣାରେ ଅଭିଯୁକ୍ତକୁ ଧରିବାରେ ପୁଲିସକୁ ମିଳିଛି ବଡ ସଫଳତା । ଘଟଣା ଘଟିବାର ୨୪ ଘଣ୍ଟା ନ ପୁରୁଣୁ ହତ୍ୟାକାରୀକୁ ଧରିବାରେ ସକ୍ଷମ ହୋଇଛି ପୁଲିସ । ଟାଉନ ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିଛି । ଟୁକୁ ଓରଫ ସ୍ମାରକ ସିଂଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ଗୁନା ଓରଫ ଅଜିତ ମହାପାତ୍ରକୁ ଗିରଫ କରିଛି ଟାଉନ ଥାନା ପୁଲିସ । ହତ୍ୟାକାରୀ ଏହି ଘଟଣା ଘଟାଇ ପୁଲିସ ଗିରଫ ଭୟରେ ପରିବାର ସହିତ ପୁରୀରୁ ଟ୍ରେନ ଯୋଗେ ବାଲେଶ୍ୱର ଅଭିମୁଖେ ଫେରାର ହୋଇ ଯାଇ ଥିଲା । ସିଟି ଡିଏସପି ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସ ସ୍ୱତନ୍ତ୍ର ଟିମ ତାକୁ ଢେଙ୍କାନାଳ ରେଳ ଷ୍ଟେସନ ଠାରେ ଧରି ଗିରଫ କରି ଥିଲେ । ଗିରଫ ପରେ ପୁଲିସ ଅଭିଯୁକ୍ତ ଅଜିତ ମହାପାତ୍ରକୁ ପୁରୀ ଆଣି ଘଟଣା ସ୍ଥଳକୁ ନେଇ ସିନ ରିକ୍ରିଏସନ୍ କରିଛି । ଏହି ହତ୍ୟା କାଣ୍ଡ ମୁଖ୍ୟତଃ ପୂର୍ବ ଶତ୍ରୁତାକୁ ନେଇ ଘଟିଛି ବୋଲି କହିଛନ୍ତି ଏସପି ପ୍ରତୀକ ସିଂ । ପୁଲିସ ଅଭିଯୁକ୍ତକୁ କଣ ପାଇଁ ସେ ହତ୍ୟା କଲା ବୋଲି ପଚର ଉଚରା କରି ଥିଲା । ହତ୍ୟାକାରୀ ଅଭିଯୁକ୍ତ ଅଜିତର ଘର ବାଲେଶ୍ୱର ଜଳେଶ୍ୱର ନିକଟରେ । ସେ ପୁରୀ କଲେଜ ଛକ ନିକଟରେ ଥିବା ଗାୟତ୍ରୀ ହୋଟେଲରେ ଏକ ମାସ ତଳେ କାମ କରୁ ଥିଲା । ତେବେ ହୋଟେଲ ମାଲିକ ତାକୁ ଚାକିରୀରୁ କାଢ଼ି ଦେଇ ଥିଲା । ଅଜିତ ସ୍ଥାନରେ ହୋଟେଲ ମାଲିକ ମୃତ ଟୁକୁକୁ ଚାକିରୀରେ ରଖି ଥିଲା । ଯାହା ଫଳରେ ଅଜିତ ମନରେ ଟୁକୁ ପ୍ରତି ରାଗ ସୃଷ୍ଟି ହୋଇ ଥିଲା । ଘଟଣା ଦିନ ଶୁକ୍ରବାର ରାତିରେ ଅଜିତ ଟୁକୁ କୁ ଏସିଏସ କଲେଜ ଛକ ଫୁଲ ଦୋକାନ ନିକଟକୁ ଡାକି ଥିଲା । ସେଠାରେ ଉଭୟଙ୍କ ମଧ୍ୟରେ କଥା କଟି ଓ ବଚସା ହୋଇଥିଲା । ପୂର୍ବରୁ ସାଙ୍ଗରେ ନେଇ ଥିବା ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିଯୁକ୍ତ ଗୁନା ଓରଫ ଅଜିତ ଟୁକୁ କୁ ଆକ୍ରମଣ କରି ଥିଲା ।

### 'ପଦ୍ମ ପୁରସ୍କାର- ୨୦୨୬' ପାଇଁ ମନୋନୀତ ଓଡ଼ିଆ ପ୍ରତିଭାଙ୍କୁ ଶୁଭେଚ୍ଛା

# ଅସାଧାରଣ ପ୍ରତିଭାଙ୍କୁ ଜାତୀୟ ସ୍ୱୀକୃତି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ତୃଣମୂଳ ସ୍ତରର ଅସାଧାରଣ ପ୍ରତିଭାଙ୍କୁ ସମ୍ମାନଜନକ 'ପଦ୍ମ ପୁରସ୍କାର' ପାଇଁ ମୋନନୀତ କରି ମୋଦୀ ସରକାର ସେମାନଙ୍କୁ ଜାତୀୟ ସ୍ୱୀକୃତି ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସମସ୍ତ ପୁରସ୍କାର ବିଜେତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାର ଗାରିମା ଓ ପ୍ରତିଭାକୁ ନିରନ୍ତର ଭାବେ ବିଶ୍ୱ ଦରବାରରେ ପରିଚିତ କରାଉଥିବାରୁ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ କହିଛନ୍ତି ଯେ, ମୋଦୀ ସରକାରରେ ଓଡ଼ିଆ ଲୋକମାନେ ସର୍ବଦା ଯଥୋଚିତ ସମ୍ମାନ ପାଇ



ଆସୁଛନ୍ତି । 'ପଦ୍ମ ପୁରସ୍କାର' ମାଧ୍ୟମରେ ତୃଣମୂଳ ସ୍ତରର 'ବଣମଲ୍ଲୀ'ଙ୍କୁ ଲୋକଲୋଚନକୁ ଆଣିବା ଆମ ସରକାରଙ୍କ ଏକ ପରମ୍ପରା ହୋଇଛି । ପଦ୍ମ ପୁରସ୍କାର ମାଧ୍ୟମରେ ବଣମଲ୍ଲିକୁ ଲୋକଲୋଚନକୁ ଆଣିବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ଚଳିତ ବର୍ଷ ଓଡ଼ିଶାରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର ଓ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେବା ଗର୍ବ ଓ ଗୌରବର ବିଷୟ । ଦେଶକୁ ସମୃଦ୍ଧ କରିବାରେ ଏହି ସାଧାରଣ ନାଗରିକଙ୍କ ଅସାଧାରଣ କାର୍ଯ୍ୟକୁ ଏହି ସ୍ୱୀକୃତି ଏକ ବଡ଼ ସମ୍ମାନ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଏହି ପୁରସ୍କାର ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

### କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

# ପାଟାଥନରେ ଶାଢ଼ି ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା

ଭୁବନେଶ୍ୱର, (ସବ୍ୟୁ): 'ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତା ନେଇ ପ୍ରତିବର୍ଷ ଜାନୁଆରୀ ମାସର ଶେଷ ରବିବାର କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ୍‌ର ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ମଧ୍ୟ ଆଜି ଓଡ଼ିଶାର ସମସ୍ତ ଜିଲ୍ଲା ଏବଂ ଭାରତର ମେଟ୍ରୋ ସହରଗୁଡ଼ିକରେ ଏହି ମିନି ମାରାଥନର ଆୟୋଜିତ ହୋଇଯାଇଛି । 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟ ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୧୬ ମସିହାରୁ ଏହି ପ୍ରୟାସ ଆରମ୍ଭ କରିଆସୁଛନ୍ତି । ମାରାଥନ ମାଧ୍ୟମରେ ସମସ୍ତଙ୍କୁ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଛି- ଫିଟନେସ୍ ରହିବା ଯେଭଳି ସମସ୍ତଙ୍କ ପାଇଁ ଆବଶ୍ୟକ ସେହିପରି ଜଳ, ବାୟୁ, ମାଟି ଓ ଶିକ୍ଷା ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ଚଳିତ ବର୍ଷ ଓଡ଼ିଶାର ୩୫ଟି ସ୍ଥାନ ଓ ଭାରତର



ବିଭିନ୍ନ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା । ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା । ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ତୃତୀୟ ସଂସ୍କରଣରେ ୬ ହଜାରରୁ ଊର୍ଦ୍ଧ୍ୱ ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ । 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି । କିଟ୍, କିସ୍ ଓ କିମ୍ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ ।

ଏହି ଗଣଦୌଡ଼ରେ ସୁନ୍ଦରଗଡ଼ର ସୁସ୍ମିତା ଟିଗା ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦିପ୍ତିରାଣୀ ସାହୁ ଦ୍ୱିତୀୟ ଓ କଟକର ବାସନ୍ତୀ ମୁଣ୍ଡା ତୃତୀୟ ହୋଇ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ । ସେହିପରି ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ି ପ୍ରଦାନ କରାଯାଇଥିଲା ।

# ବଡ଼ଶଙ୍ଖ ଛକରେ ଛୁରୀ ଦେଖାଇ ଆତଙ୍କ ସୃଷ୍ଟି ଅଭିଯୋଗରେ ୨ ଗିରଫ

ପୁରୀ, (ସବ୍ୟୁ): ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଗତ ୨୧ ତାରିଖ ରାତ୍ରରେ ବଡ଼ଶଙ୍ଖ ଛକ ନିକଟରେ ଥିବା ଏକ ଫଳ ଦୋକାନ ସମ୍ମୁଖରେ ଛୁରୀ ଦେଖାଇ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ରବିବାର ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ପରିଚୟ ହେଲା କୁମ୍ଭାରପଡ଼ା ଥାନା ଅଧିନ ପତିତପାବନ ଲେନର ଶଙ୍ଖୁ ଓରଫ ଶିବ ଶଙ୍କର ବେହେରା (୨୩) ଓ ମହୀ ଓରଫ ମହେଶ୍ୱର ଦଲେଇ (୨୪), ବଡ଼ଶଙ୍ଖ ଛକ, ନିର୍ବାଣୀ ଆଖଡ଼ା ମଠ ଲେନ । ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ରଙ୍କ ସୂଚନା ମୁତାବକ ବଡ଼ଶଙ୍ଖ ଛକ ନିକଟରେ ଅଭିଯୋଗକାରୀ ସୁନିଲ କୁମାର ନାୟକଙ୍କର ଏକ ଫଳ ଦୋକାନ ଅଛି । ଉକ୍ତ ଫଳ ଦୋକାନକୁ ଲାଗିକି ଅଭିଯୁକ୍ତ ଶଙ୍ଖୁର ଏକ ଫୁଲ ଦୋକାନ ଅଛି । ବ୍ୟବସାୟକୁ ନେଇ ଉଭୟ ସୁନିଲ ଓ ଶଙ୍ଖୁ ମଧ୍ୟରେ ଶତ୍ରୁତା ଓ ତିକ୍ତତା ରହିଛି । ଏହାକୁ ନେଇ ୨୧ ତାରିଖ ରାତିରେ ଅଭିଯୁକ୍ତ ଦ୍ୱୟ ସୁନିଲ ଓ ମହୀ ଅଭିଯୋଗକାରୀ ଫଳ ଦୋକାନ ନିକଟକୁ ଏକ ସ୍କୁଟିରେ ଆସି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ଏକ ଧାରୁଆ ଅସ୍ତ୍ର ଛୁରୀ ଦେଖାଇ ସେଠାରେ ଆତଙ୍କ ସୃଷ୍ଟି କରି ଥିଲେ । ଏନେଇ ସୁନିଲ କୁମ୍ଭାରପଡ଼ା ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ । ସୁନିଲଙ୍କ ଅଭିଯୋଗ କ୍ରମେ ପୁଲିସ କେଶ ନମ୍ବର ୩୯/୨୬ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା । ପୁଲିସ ରବିବାର ଦିନ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଆବେଦନ ନାମଂଜୁର କରି ଜେଲକୁ ପଠାଇ ଦେଇଛନ୍ତି ।

### ବେଦାନ୍ତ ଆଲୁମିନିୟମ ଓଡ଼ିଶା ଏବଂ ଛତିଶଗଡ଼ରେ ଜାତୀୟ କନ୍ୟା ଦିବସ ପାଳନ

# ଶିକ୍ଷା, ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣ ମାଧ୍ୟମରେ ୭୮୦ ରୁ ଅଧିକ ଝିଅଙ୍କୁ ନିୟୋଜିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର କାର୍ଯ୍ୟ ପରିସରଭୁକ୍ତ ଅଂଚଳର ଝିଅ ଏବଂ ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ଜାତୀୟ କନ୍ୟା ଦିବସ ପାଳନ କରିଛି । ବିଭିନ୍ନ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା, ଶିଶୁ କୁପୋଷଣକୁ ଦୂର କରିବା ଏବଂ ଦକ୍ଷତା ବିକାଶ ପାଇଁ ସୁଯୋଗ ବିସ୍ତାର କରିବା ପାଇଁ କାର୍ଯ୍ୟ କରୁଛି । ଏକତ୍ର, ଏହି ପଦକ୍ଷେପଗୁଡ଼ିକ ଲିଙ୍ଗଗତ ବିଭେଦକୁ ଦୂର କରିବା ଏବଂ ଗ୍ରାମୀଣ ଭାରତରେ ଝିଅ ଏବଂ ଯୁବତୀମାନଙ୍କ ପାଇଁ ଏକ ସମାନ ଭବିଷ୍ୟତ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି । ଚଳିତ ବର୍ଷର ଉତ୍ସବ ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ଯୌବନ ସଚେତନତା ଅଧିବେଶନ, ଶିକ୍ଷା ଏବଂ କ୍ୟାରିଅର ଆକାଂକ୍ଷା ଉପରେ ଆଦାନପ୍ରଦାନ ଆଲୋଚନା,




ଡିଜିଟାଲ୍ ସାକ୍ଷରତା ସମ୍ପର୍କ ଏବଂ ସୃଜନଶୀଳ ଶିକ୍ଷଣ କାର୍ଯ୍ୟକଳାପ ଭଳି ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ୭୮୦ ରୁ ଅଧିକ ଝିଅଙ୍କୁ ସାମିଲ କରିଥିଲା । କିଶୋରୀ ଝିଅମାନେ ମାନସିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେତେବେଳେ ପ୍ରାରମ୍ଭିକ ଶିକ୍ଷାର୍ଥୀମାନେ ମୌଳିକ ଦକ୍ଷତା ଗଠନ ପାଇଁ ଖେଳ-ଭିତ୍ତିକ ଏବଂ ପ୍ରକାଶନୀୟ କାର୍ଯ୍ୟକଳାପ ମାଧ୍ୟମରେ ନିୟୋଜିତ ହୋଇଥିଲେ । ଛାତ୍ର, ଅଭିଭାବକ, ଶିକ୍ଷକ, ସମ୍ପ୍ରଦାୟ ସଦସ୍ୟ ଏବଂ ମହିଳା କର୍ମଚାରୀ ସ୍ୱେଚ୍ଛାସେବକମାନେ ଏହି ଅଧିବେଶନଗୁଡ଼ିକୁ ସକ୍ରିୟ ଭାବରେ ସହଯୋଗ କରିଥିଲେ, ଶିକ୍ଷା ଏବଂ ଅଭିବ୍ୟକ୍ତି ପାଇଁ ସୁରକ୍ଷିତ, ଅନ୍ତର୍ଭୁକ୍ତ ସ୍ଥାନ ସୃଷ୍ଟି କରିଥିଲେ । ଏହି ଅବସରରେ ଭାଷଣ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଥିଲେ, "କନ୍ୟା ଶିଶୁଙ୍କୁ ସଶକ୍ତ କରିବା ଏକ ଦିନର ପ୍ରତିବଦ୍ଧତା ନୁହେଁ, ବରଂ ଏକ ସ୍ଥାୟୀ ଦାୟିତ୍ୱ । ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଯେତେବେଳେ ଝିଅମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ଦକ୍ଷତା ସହିତ ସମର୍ଥନ କରାଯାଏ, ସେମାନେ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟ ପାଇଁ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ ହୋଇଯାଆନ୍ତି । ବିଭିନ୍ନ ସ୍ଥାନରେ ଆମର ପଦକ୍ଷେପଗୁଡ଼ିକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରେ ଯେଉଁଠାରେ ପ୍ରତ୍ୟେକ ଝିଅ ଶିଖିପାରିବେ, ବଢ଼ିପାରିବେ ଏବଂ ଆତ୍ମବିଶ୍ୱାସର ସହିତ ନେତୃତ୍ୱ ନେଇପାରିବେ ।

### ପେସାରେ ଡାକ୍ତର, ନିଶା କିନ୍ତୁ ନିଶା ନିବାରଣ

# ନିଶାମୁକ୍ତ ସମାଜ ଗଠନ ନେଇ ସ୍କୁଲରେ ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

କଟକ, (ସ୍ୱପ୍ର): ନିଶା ସେବନ କରୁଥିବା ଲୋକଙ୍କୁ ଦେଖିଲେ ମନ ଆନ୍ଦୋଳିତ ହୋଇ ଉଠେ । ମନେମନେ ଭାବେ ଏମାନଙ୍କୁ କେମିତି ସଚେତନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବି । ଏମିତି ଭାବୁ ଭାବୁ ମନକୁ ଆସିଲା ବାଲ୍ୟକାଳରୁ ପିଲାମାନଙ୍କୁ ସଚେତନ କଲେ ଏକ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇ ପାରିବ । ତେଣୁ ବୃତ୍ତିଗତ ଜୀବନରୁ ଫୁରସତ ମିଳିଲେ ବିଭିନ୍ନ ସ୍କୁଲକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ସମାଜ ଗଠନ କରିବାକୁ ସଚେତନ କରୁଛି । ରାଜ୍ୟ ସରକାର ତମ୍ବାଖୁ, ଗୁଟ୍‌ଖା ଉପରେ ରୋକ୍ ଲଗାଇବା ପରେ ନିଜର ଖୁସି ବ୍ୟକ୍ତ କରି ଏମିତି କହିଛନ୍ତି ଲାପରୋସ୍କୋପି ସର୍ଜନ ଡା. ସୁବାସ ଦାସ । ଡା. ଦାସ ବର୍ତ୍ତମାନ ସ୍ଥାନୀୟ ଯୋବ୍ରା



ସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି । ନିଶାମୁକ୍ତ ସମାଜ ଗଠନ କରିବା ଲକ୍ଷେ ନେଇ ସେ ମାସକୁ ପାଞ୍ଚ ଥର ବିଭିନ୍ନ ସ୍କୁଲକୁ ଯାଇ ନିଶା ସେବନର ଭୟାବହତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରୁଛନ୍ତି । ତେବେ ଜଣେ ଭଲ ଡାକ୍ତର ଭାବରେ ସେ ଯେତିକି ସୁନାମ କମେଇଲେଣି ତାଠାରୁ ବେଶୀ ନାଁ କଲେଣି ନିଶାମୁକ୍ତ ସମାଜ ଗଠନରେ ସଚେତନ କରି । ଡା. ଦାସ କହିଛନ୍ତି ଦିନେ ଏକ ପିଲା ମୋ ପାଖକୁ ଚିକିତ୍ସା ପାଇଁ ଆସିଥିଲା ତାକୁ ପରୀକ୍ଷା କରୁକରୁ ବୁଝିଲି ଯେ, ସେ ପିଲା ନିଶା ସେବନର ଶିକାର ହୋଇଛି । ତେଣୁ ସେଇ ଦିନ ଠାରୁ ମୋ ମନରେ ନିଶାମୁକ୍ତ ସମାଜ ଗଠନ ଦିଗରେ କିଛି କାର୍ଯ୍ୟ କରିବାକୁ ସ୍ଥିର କରି ଏପରି କରି ଚାଲିଛି ।

## ଆଜି କଟକରେ ବୃହତ୍ ରକ୍ତଦାନ ଶିବିର, ଯୋଗଦେବେ ମୁଖ୍ୟମନ୍ତ୍ରୀ

କଟକ, (ସବ୍ୟୁ):ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ସକାଳ ୮ଟା ୩୦ରେ ଏହି ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିବାକୁ ସଦୟ ସମ୍ମତି ପ୍ରଦାନ କରିଛନ୍ତି । କଟକ ମହାନଗର ନିଗମ, କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ସହରବାସୀ ଆଗ୍ରହର ସହିତ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତ ଦାନ କରିବାକୁ ମହାନଗର ନିଗମ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ଓଡ଼ିଶା ବିକାଶ ମହାମଞ୍ଚର ତୃତୀୟ ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବିକାଶ ମହାମଞ୍ଚର ଚିର ପ୍ରତିଷ୍ଠା ଦିବସ ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ପର୍ବ ନେତାଜୀ ଜୟନ୍ତୀ ଦ୍ୱାରା ପତାକା ପ୍ରଦର୍ଶନ ପୂର୍ବକ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ ଓ ଆଲୋଚନା ଚକ୍ର ବୁଦ୍ଧମନ୍ଦିର ପରିସରରେ




ଅବସରରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଆୟୋଜନ ଶ୍ରୀରାମ ମନ୍ଦିର ଠାରୁ ବୁଦ୍ଧମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠାନର ସଦସ୍ୟ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସମାଜସେବୀ, ବୁଦ୍ଧିଜୀବୀମାନଙ୍କର ମିଳିତ ଉଦ୍ୟମରେ ଆୟୋଜିତ ହୋଇଯାଇଛି । ରାଜ୍ୟ ବିଜେପି ଉପସଭାପତି ଅଶୋକ କୁମାର ମିଶ୍ର ଓ ଅନୁଷ୍ଠାନର ଉପଦେଷ୍ଟା ସୁଦର୍ଶନ ସାହୁଙ୍କ ଲାୟନ୍ସ ଇଣ୍ଟରନ୍ୟାସନାଲ ର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ରବିନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଉତ୍ସବରେ ଅତିଥି ଭାବରେ ଅଧ୍ୟାପକ ଡ. ନିରଞ୍ଜନ ରାଉତ ଯୋଗ ଦାନ କରିଥିଲେ । ବକ୍ତବ୍ୟ ରଖିଥିଲେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଜନାବ ଲିକାୟକ ଅଲ୍ଲି, ପ୍ରଦୀପ କୁମାର ସାମଲ, ସଞ୍ଜୟ କୁମାର ସିଂହ, ଇନ୍ଦ୍ରମଣି ବିଶ୍ୱାଳ ପ୍ରମୁଖ । କାର୍ଯ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠାନର ସଭାପତି ପ୍ରଣବ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏଥିରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟଅତିଥି, ପ୍ରଫେସର ଡ. ଶଶାଙ୍କ ଶେଖର ଚୂଡାମଣି ସମ୍ମାନୀତ ଅତିଥି ଓ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଡ. ସତ୍ୟବ୍ରତ ଜେନା ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପ୍ରଦୀପ କୁମାର ଦାସ ସ୍ୱାଗତ ଭାଷଣ ଓ ସଂପାଦକ ସତ୍ୟଜିତ୍ ମହତାବ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱନାଥ ପଟ୍ଟନାୟକ, ସମାଜସେବୀ ସତ୍ରୁଘ୍ନ ସ୍ୱାଇଁ ଓ ଦେବାଶିଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରେଡ୍ ସ୍ୱସ୍ତିକ ଅନୁଷ୍ଠାନ ପକ୍ଷରୁ ପ୍ରଦତ ଆଶାବାଡି, କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା । ଯୁଗ୍ମ ସଂପାଦକ କମଳାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଭିଜିତ୍ ମଜୁମଦାରଙ୍କ ବିୟୋଗରେ ଧର୍ମେନ୍ଦ୍ର ଓ ବୈଜୟନ୍ତଙ୍କ ଶୋକ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଜନପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ଅକାଳ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, "ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ନିଜର ନିଆରା ସଙ୍ଗୀତ ଶୈଳୀ ଓ ସୃଜନଶୀଳତା ମାଧ୍ୟମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ । ତାଙ୍କର ଅକାଳ ବିୟୋଗ ଓଡ଼ିଆ କଳା ଓ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଅମର ଆତ୍ମାର ସଦଗତି କାମନା କରିବା ସହ ଏହି କଠିନ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି । ସେହିପରି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ଅଭିଜିତ୍‌ଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାରଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ତାଙ୍କ ବିୟୋଗ ଓଡ଼ିଶା ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି । ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରପ୍ରତି ସେ ଗଭୀର ସମାବେଦନା ଜଣାଇଛନ୍ତି ।

# ଭୁବନେଶ୍ୱରରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର: (ସବ୍ୟୁ): ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି ଭୁବନେଶ୍ୱରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଲୋକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ ହୋଇଛି । ସମସ୍ତ ଅବସର ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାରର ରେଶମ ଶାଢ଼ି ଗୋଟିଏ ସ୍ଥାନରେ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ଭୁବନେଶ୍ୱର ଜନପଥ ହୋଟେଲ ପ୍ରାଚୀରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆୟୋଜନ କରାଯାଇଛି । ଦଶ ଦିନିଆ ଏହି ପ୍ରଦର୍ଶନୀରେ ଗ୍ରାହକଙ୍କୁ ପର୍ବପର୍ବାଣୀ ଏବଂ ବିବାହ ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଶାଢୀ ଏବଂ ପୋଷାକ ସାମଗ୍ରୀ ପ୍ରଦାନ କରାଯାଇଛି । ୧୩ ଟି ରାଜ୍ୟର ହସ୍ତତନ୍ତ ଶାଢୀ ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଅଟେ । ଉଦଘାଟନ ପରେ ମଡେଲମାନେ ଏକ ସୁନ୍ଦର ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଶାଢୀ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି ଯେ, "ରେଶମ ବୁଣାର ପାରମ୍ପରିକ କଳାକୁ ବଂଚାଇ ରଖିବା ପାଇଁ ସଂଗଠନ ଅନେକ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି । ସେ କହିଛନ୍ତି ଯେ ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି । ଏହି ପ୍ରଦର୍ଶନୀ ଜାନୁୟାରୀ ୨୩ ରୁ ଫେବୃଆରୀ ୧, ୨୦୨୬ ପର୍ଯ୍ୟନ୍ତ



ଅନୁଷ୍ଠିତ ହେଉଛି ଏବଂ ପ୍ରତିଦିନ ସକାଳ ୧୦:୩୦ ରୁ ରାତି ୮:୩୦ ପର୍ଯ୍ୟନ୍ତ ଖୋଲା ରହିବ । ସିଲ୍କ ଇଣ୍ଡିଆ ପ୍ରଦର୍ଶନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକପ୍ରିୟ ରେଶମ ଶାଢୀ ଏବଂ ପୋଷାକ ସାମଗ୍ରୀର ଏକ ଚିତାକର୍ଷକ ସଂଗ୍ରହ ଉପସ୍ଥାପନ କରାଯାଇଛି ।

# ବଚପନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସ୍ମାଇଲସ୍ ଏଣ୍ଡ ସାର୍କଲ୍ସ ପାଳିତ

ବାରିପଦା, (ସବ୍ୟୁ) : ଶହୀଦ ସ୍ମୃତି ଭବନ ପରିସରରେ ବଚପନ ବିଦ୍ୟାଳୟର ଅଧ୍ୟକ୍ଷ ମିନାକ୍ଷୀ ପାତ୍ରଙ୍କ ପୌରହିତ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ଆରକ୍ଷୀ ଅଧିକାରୀ ବିଶେଷ ଅତିଥ ବରୁଣ ଗୁଣ୍ଡପାଲ୍ଲୀ, ଆଞ୍ଚଳିକ ବ୍ୟାଘ୍ର ସଂରକ୍ଷଣ ମୁଖ୍ୟଅତିଥି- ଡଃ ପ୍ରକାଶ ଚନ୍ଦ୍ର ଗଗିନେନି ଓ ସମ୍ମାନିତ ଅତିଥି ପ୍ରସିଦ୍ଧ ସିନେ କଳାକାର ସୁକାନ୍ତ ରଥ ଯୋଗଦେଇ ପିଲାଙ୍କୁ ନୈତିକ ମୂଲ୍ୟବୋଧ ବିଷୟରେ ଗୁରୁତ୍ୱରୋପ କରିଥିଲେ । ଅନୁଷ୍ଠାନର ମ୍ୟାନେଜ୍‌ମେଣ୍ଟ ଟ୍ରଷ୍ଟି ସ୍ୱରୂପ ରଞ୍ଜନ ଦାସ ଏବଂ ଟ୍ରଷ୍ଟି ମାନଙ୍କ ମଧ୍ୟରେ ଶୁଭ୍ରାନ୍ତି ମହାନ୍ତି, ସୌମେନ୍ କ୍ରାନ୍ତି ମହାନ୍ତି, ଶୁଭସ୍ମିତା ମହାନ୍ତି ଓ ଅମିତ କୁମାର ବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । କୁନି କୁନି ପିଲାଙ୍କ ଦ୍ୱାରା ସୁନ୍ଦର ଭାବରେ ନୃତ୍ୟ ପରିବେଷଣ ହୋଇଥିଲା ଏବଂ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଜନ୍ମଭି ଭଟ୍ଟର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



## ଶାନ୍ତି ଶକ୍ତି ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର


ଆସିକା, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଶିବିରକୁ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା ଶ୍ୟାମଘନ ବିଶ୍ୱାଳ, ଆସିକା ଥାନାର ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କର ଡା.ଚିନ୍ମୟ ରଞ୍ଜନ ସ୍ୱାଇଁ, ଆସିକା ପ୍ରେସ କ୍ଲବର ସଭାପତି ସତ୍ୟନାରାୟଣ ରଥ, ଶିକ୍ଷକ କର୍ମଚାରୀ ସଂଘର ନେତା ଦେବହରି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସମ୍ବାଦ ଓ ଆମ ଓଡ଼ିଶାର ସ୍ଥାନୀୟ ପ୍ରତିନିଧି ଗିରିଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବୁଲୁ ଭାଇ ବ୍ରହ୍ମାକୁମାରୀ ସୁଜ୍ଞାନୀ ଉପସ୍ଥିତ ସମସ୍ତଙ୍କୁ ସହଜ ରାଜଯୋଗ ଅଭ୍ୟାସ କରାଇଥିଲେ । ଶିବିର ପରିଚାଳନାରେ ସଂଗଠନର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ । ଶିବିରରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ବିଡିଏସ୍ ପ୍ଲେ ସ୍କୁଲରେ ଖେଳ କୌତୁକ

କଟକ, (ସ୍ୱପ୍ର) : ସ୍ଥାନୀୟ ଜଗତପୁର ସ୍ଥିତ ଲକ୍ଷ୍ମୀନାରାୟଣ ବିହାରରେ ଥିବା ବିଡିଏସ୍ ପ୍ଲେ ସ୍କୁଲରେ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି । ସ୍କୁଲ ପିଲାମାନଙ୍କ ଅଭିଭାବକଙ୍କୁ ନେଇ ପ୍ରତିଯୋଗିତାରେ ବିଚାରକ ଭାବେ ସମାଜସେବୀ ତଥା ଆଇନଜୀବୀ ଚନ୍ଦ୍ର ପ୍ରକାଶ ରାଉତରାୟ ଓ ଆଇନଜୀବୀ ୟୁରେକା ରାଉତ ଉପସ୍ଥିତ ରହି ମା' ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗୀତାରେ





ଏକ କ୍ରୀଡା, କୌତୁକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପକ୍ଷରୁ ପିଲାମାନଙ୍କ ମା' ମାନେ ମେହେନ୍ଦୀ, ଝୋଟି ଓ ବିନା ନିଆଁରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅଂଶ ଗ୍ରହଣ କରି ପରିବେଶକୁ ବେଶ୍ ମନଛୁଆଁ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଡିଏସ୍ ସ୍କୁଲର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଓଝା ଓ ବିଦ୍ୟାଳୟ ପରିଚାଳକ ଶାନ୍ତନୁ କୁମାର ସାହୁ ସୂଚାରୁ ରୁପେ ପରିଚାଳନା କରିଥିଲେ ।









## ଜଗତସିଂହପୁର ପୋଲିସର ଅପରେସନ ହ୍ୱାଇଟ ସାଡୋ
# ୫୯.୬ ବ୍ରାଉନସୁଗର ସହ ନଗଦ ୯୫ ହଜାର ଜବତ : ୨ ଗିରଫ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲାରେ ଦିନକୁ ଦିନ ବଢି ଚାଲିଛି ବ୍ରାଉନ ସୁଗାର ବ୍ୟବସାୟ ।ଫଳରେ ଯୁବ ସମାଜ ନିଶା କବଳରେ ପଡି ପଥଭ୍ରଷ୍ଟ ହେଥିବା ଦେଖାଯାଇଛି ।ଏହାକୁ ନେଇ ସାଧାରଣ ଲୋକେ ନିଜ ପରିବାରର ସୁରକ୍ଷା ପାଇଁ ଜଗତସିଂହପୁର ପୋଲିସ ଦ୍ୱାରସ୍ଥ ହୋଇଥିବା ବେଳେ ଜଗତସିଂହପୁର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ଅପରେସନ ହ୍ୱାଇଟ ସାଡୋ ।

ଶନିବାର ଦିନି ଜଗତସିଂହପୁର ପୋଲିସକୁ ଅପରେସନ ହ୍ୱାଇଟ ସାଡୋ–୨ରେ ମିଳିଛି ଆଉ ଏକ ସଫଳତା ।ଜଗତସିଂହପୁର ପୋଲିସ ବିଶେଷ ସୁତ୍ରରୁ ଖବର ପାଇ ଦେଉଳି ଗ୍ରାମେଶ୍ୱର ଛକ ନିକଟରୁ ୨ଦୁର୍ଦାନ୍ତ ଅପରାଧୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୫୯.୬ ଗ୍ରାମ ବ୍ରାଉନ ସୁଗାର,ନଗଦ ୯୫ ହଜାର ଟଙ୍କା ଓ ଏକ ବ୍ରିଜା କାର ନମ୍ବର ଓଡି୦୨ ସିକେ୫୭୬୫କୁ ଜବତ କରିଛି ।ଗିରଫ ମୁଖଯ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲ୍ଲା ପଟାମୁଣ୍ଡାଇ ଥାନା ସୁଜନପୁର ଗ୍ରାମର ବଳିଆ ଓରଫ ଦୀପକ ମଲ୍ଲିକ(୩୪) ହୋଇଥିବା ବେଳେ ଅନଯ ଜଣେ ଜଗତସିଂହପୁର ଥାନା ତର୍କିନ୍ଦ ବେହେରାମପୁରର ଇମ୍ରାନ ଖାଁ (୨୯)।



ଦେଉଳି ଗ୍ରାମେଶ୍ୱର ଛକ ନିକଟରେ ଦୀପକ ଓ ଇମ୍ରାମ ପହଁଚି ବ୍ରାଉନ ସୁଗାର ଦେବା ପାଇଁ ଅପେକ୍ଷା କରିଥିବା ବେଳେ ସଦର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ପହଁଚି ରେଡ଼ ହ୍ୟାଣ୍ଡରେ ଉଭୟଙ୍କୁ ମାଡି ବସିଥିଲା।ଉଭୟ ହାଡ଼କୋର କ୍ରିମିନାଲ ହୋଇଥିବା ବେଳେ ଦୀପକ ମଲ୍ଲିକଙ୍କ ନାମରେ ଚୋରି,ଡକାୟତି, ହତଯା ଉଦ୍ୟମ,ଅପହରଣ ଭଳି ସଙ୍ଗୀନ ୧୪ ଟି କେସ ରହିଥିବା ବେଳେ ଇମ୍ରାନଙ୍କ ନାମରେ ସମାନ ଦଫାରେ ୪ ଟି କେଶ ରହିଛି ବୋଲି ଆଜି ଜିଲ୍ଲା ପୋଲିସ ମୁଖଯାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏସପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି ।ପୋଲିସ ସୁଚନା ଅନୁସାରେ ଦୀପକ ମଲ୍ଲିକ,ଇମ୍ରାନ ଖାଁ ଓ ଅନ୍ୟ କେତେ ଜଣ ମିଶି ବ୍ରାଉନ ସୁଗାର ବ୍ୟବସାୟ ଚଳାଉଥିଲେ । ସେମାନଙ୍କର ଗଯାଙ୍ଗ ଲିଡର ଦୀପକ ମଲ୍ଲିକ ରହିଥିବା ବେଳେ ଅନ୍ୟମାନେ ସହଯୋଗ କରୁଥିଲେ ।

## ଚାଷୀଙ୍କ ସମସ୍ୟା ସମାଧାନ ଜରୁରୀ ବୈଠକ



ବ୍ୟାସନଗର,(ଜିପ୍ର): ଚାଷୀଙ୍କ ସମସ୍ୟା ସମାଧାନ ନେଇ ରବିବାର ଦିନି ବ୍ୟାସନଗର ପୌର କାର୍ଯ୍ୟାଳୟରେ ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୂଖ ଉପସ୍ଥିତ ରହିଥିଲେ । ବୈଠକରେ ଚାଷୀଙ୍କ ଠାରୁ କାହିଁକି ଧାନ କିଣା ବିଳମ୍ବ ଘଟୁଛି, କାହିଁକି ସମସ୍ତ ମଣ୍ଡି ଖୋଲାଯାଇନି, କାହିଁକି କଟନିଛଟନି କରାଯାଉଛି, କାହିଁକି ଖୋଟ ବଯାଗ ପ୍ରାରମ୍ଭରୁ ଯୋଗାଇ ଦିଆଗଲାନି, କାହିଁକି ଧାନ କଟାଯିବା ପରେ ସାଟେଲାଇଟ ସର୍ଭେ କରାଗଲା ଏସବୁ ବାବଦରେ ଆଲୋଚନା ହୋଇଥିଲା । ବୈଠକରେ ଉପସ୍ଥିତ ଥିବା ମିଲର ଆମେ ଅଖାର ମୂଲଯ ଦେଉଛୁ, ଚାଷୀ ଛୋଟ ବଦଳରେ ଜରି ଅଖାରେ ଧାନ ଦେଉଛନ୍ତି । ଯାହା ଫଳରେ ଧାନନାଲି ପଡ଼ିଯିବାର ସମ୍ଭାବନା ରହିଛି । ଆମେ କ୍ଷତିରେ ଚାଲୁଛୁ, ମିଲ କରିବାକୁ ଉଚିତ ମନେ କରୁନୁ । ବୈଠକରେ ଉପସ୍ଥିତ ସମବାୟ ମନ୍ତ୍ରୀ ଜିଲାରେ ଧାନ ଧାଯ୍ୟଠାରୁ କମ ଉଠିଛି, ଖୋଟ ଅଖା ସମସ୍ୟା ରହିଛି କଥାକୁ ସ୍ୱିକାର କରିବା ସହ ବିରୋଧି ଦଳ ପକ୍ଷରୁ ଯେଉଁ ଅଭିଯୋଗ କରାଯାଉଛି, ତାହା ସେମାନଙ୍କ କାଯ୍ୟ । ଚାଷୀଙ୍କ ଫାଇଦା ପାଇଁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସର୍ବୋତମ ଅଟେ । କୋରେଇ ବିଧାୟକ ଆକାଶ ଦାସନାୟକ ଚାଷୀଙ୍କ ରହିଥିବା ବିଭିନ୍ନ ସମସ୍ୟା ଉପରେ ସରକାରତ୍ମକ ଆଲୋଚନା କରାଯାଇଥିଲା, ଚାଷୀ ମାନଙ୍କ ଧାନ କିଭଳି ମିଲର କିଣିବେ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଯେଉଁ ମଣ୍ଡି ଖୋଲାଯାଇନି, ତାହା ଖୋଲିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା । ବିଧାୟିକା ପ୍ରମିଳା ବୈଠକ ପରେ ପ୍ରତିକ୍ରିୟା ରଖି କହିଥିଲେ କି ଆଜିର ବୈଠକରେ ମିଲରଙ୍କୁ ସୁହାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଚାଷୀଙ୍କ ସମସ୍ୟା ସମାଧାନ ବାଟ ଫିଟିଲାନି । କଟନି ଛଟନିକୁ ରୋକାଯାଇ ପାରୁନି, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ଚାଷୀ ମାରଣନୀତିକୁ ଆପଣାଇଛନ୍ତି । ଏଭଳି ଜାରି ରହିଲେ ଜିଲାରେ ଚାଷୀ ଆନ୍ଦୋଳନ କରାଯିବ ବୋଲି ପ୍ରମିଳା କହିଥିଲେ । ବୈଠକରେ ଏଡ଼ିଏମ କଳିଙ୍ଗନଗର ସପନ କୁମାର ନନ୍ଦ, ସିଏସଓ ଦିଲୀପ କୁମାର ପାଣିଗ୍ରାହି, ଏସିଏସଓ, ସମସ୍ତ ବ୍ଲକର ଏମଆଇ, ସମବାୟ ସମିତି ସଂପାଦକ, ପ୍ରାକ୍ତନ ଜିଲା ବିଜେପି ସଭାପତି ଗୌତମ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସରକାରୀ ଜମିରୁ ବେଆଇନ୍ ମାଟି ଉଠାକୁ ବିରୋଧ

ଯାଜପୁରସଦର, (ସବ୍ୟୁ): ଯାଜପୁର ସଦରଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ଗଜିପାଡି ଛକରେ କବିରପୁର ମୌଜାର ୫୧ ନଂ ପ୍ଲଟରେ ଥିବା ଜଳାଶୟରୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନଂ ପ୍ଲେଟ୍ ନଥିବା ଏକ ଜେସିବି ଓ ୧ ଟି ଟ୍ରାକ୍ଟର ଦ୍ୱାରା ମାଟି ଖୋଳି ଚାଲାଣ ବେଳେ କୋଣସି ସୁତ୍ରରୁ ସଦରଥାନା ପୋଲିସ୍ ଖବର ପାଇଥିଲେ । ମାଟି ଉଠାଇ ବେ–ଆଇନ୍ ଚାଲାଣ ବେଳେ ଘଟଣାସ୍ଥଳରେ ପୋଲିସ୍ ପହଁଚି ଗିରଫ କରିଥିଲେ । ପ୍ରକାଶ ଥାଉକି ଉକ୍ତ ବିବାଦୀୟ ଜଳାଶୟ ଜମିରେ ୨ଜଣ ଗରିବ ବେକାର ଯୁବକ ୨ଟି କଯାବିନ୍ ପକାଇ ୨ବର୍ଷ ହେଲା ସେଲୁନ୍ ଦୋକାନ କରି ନିଜର ଗୁଜୁରାଣ ମେଂଟାଉଥିଲେ । କିଛି ବ୍ୟକ୍ତି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଦୋକାନ ଉଚ୍ଛେଦ କରାଯାଇଥିଲା । ଯେଉଁ ବଯକ୍ତିମାନେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସେମାନେ ବେଆଇନ ଭାବେ ଜୋରଜବରଦସ୍ତ ମାଟି ଖୋଳି ବିକ୍ରି କରିବା ପାଇଁ ମସୁଧା ଚଳାଇଥିଲେ । ରଜଯ ସରକାରଙ୍କ କଡ଼ା ତାଗିଦ୍ ପରେ ବିନା ହେଲମେଟ ରେ ୨ ଚକିଆ ଯାନ ଚଳାଇଲେ ଜୋରିମାନା ବାବଦକୁ ସର୍ବନିମ୍ନ ୧୦୦୦ଟଙ୍କା ଓ ପ୍ରଦୂଷଣ ବାବଦକୁ ୧୦ହଜାର ଟଙ୍କା ଦେବା ପାଇଁ ପଡୁଥିବା ବେଳେ ଗାଁ ଠୁ ସହର ସବୁଠି ଟ୍ରାକ୍ଟର ଓ ଜେସିବି ଗାଡିର କୌଣସି କାଗଜପତ୍ର ନଥିବା ବେଳେ ଆଂଚଳିକ ପରିବହନ ବିଭାଗ ଓ ପୋଲିସ୍ ନଜରରୁ କେମିତି ବାଦ୍ ପଡୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମହାବୀର କ୍ଲବର ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲିର ପ୍ରସିଦ୍ଧ ମହାବୀର କ୍ଲବର ବାର୍ଷିକ ଉତ୍ସବ ରବିବାର ଦିନ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ତରଫରୁ ଏକ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କ୍ଲବର ମୁଖ୍ୟ ପରାମର୍ଶ ଦାତା ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କ୍ଲବର ସଭାପତି ଜ୍ୟୋତିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିରୂପେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶୁକଦେବ ଦାସ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ସେଠୀ. କ୍ଷୀରୋଦ କୁମାର ପଣ୍ଡା, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସମାଜସେବୀ ପୁରୁଷୋତମ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ରଞ୍ଜନ ଓଝା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

ଏହି ଅବସରରେ ଅନୁଷ୍ଠାନ ତରଫରୁ ପୂର୍ବତନ ସମିତି ସଭ୍ୟ ଭରତ ଦାସ, ବଟକୃଷ୍ଣ ସାହୁ, ଭାସ୍କରଚନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ ପଣ୍ଡା, ଅଜୟ କୁମାର ନାୟକ, ଅକ୍ଷୟ କୁମାର ସ୍ୱାଇଁ, ହରେକୃଷ୍ଣ ଦାସ, ଶ୍ୟାମସୁନ୍ଦର ରଥ, ବାପୁ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପୁଷ୍ପଗୁଚ୍ଛ ,ମାନପତ୍ର ଓ ପରିବେଶର ସୁରକ୍ଷା ନିମନ୍ତେ ଚାରା ରୋପଣ ପାଇଁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଯାଦବ ମହାସଭା

କେନ୍ଦ୍ରାପଡା, (ସବ୍ୟୁ): ଉତ୍କଳ ଯାଦବ ମହାସଭା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବନମାଳୀ ପ୍ୟାଲେସ୍ (କେଣ୍ଡାବାଡ଼ି) ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ତରଫରୁ ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ଜିଲ୍ଲା ଓ ରାଜ୍ୟ ପଦାଧିକାରୀଙ୍କ ସମେତ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଯୋଗଦାନ କରିଥିଲେ। ରାଜ୍ୟ ସଭାପତି ମନୋଜ କୁମାର ପରିଡା, ରାଜ୍ୟ ଯୁବ ସମ୍ପାଦକ ଚିତ୍ତରଂଜନ ଦାସ, ନବ କିଶୋର ଦାସ, ମନୋଜ କୁମାର ଦାସ, ଲୋକନାଥ ଦାସ, ରିନାରାଣୀ ଦାସ, କହ୍ନେଇ ଚରଣ ପରିଡା, ଅସିତ୍ କବି, ମଳୟ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ସଭାରେ ପଛୁଆବର୍ଗ ଜନଗଣନା ଓ ରେଜାଙ୍ଗଲା କଳସ ଶୋଭାଯାତ୍ରାଓ ଅହରହରେ ରେଜିମେଣ୍ଟଦାବି ସହ ଜିଲ୍ଲା ଓ ବ୍ଲକ ପୁନଃଗଠନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ପୋଖରୀକୁ ମାଡ଼ିଗଲା କାର : ଚାପି ହୋଇ ଜଣେ ମୃତ୍ୟୁ

କୋରେଇ, (ସବ୍ୟୁ): କୋରେଇ ଥାନା ଅନ୍ତର୍ଗତ ତାରାକୋଟ ପଞ୍ଚାୟତ ତାରାକୋଟ ଗାଁରେ ଏକ ଅଭାବନିୟ ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଗୁରୁତର ଭାବେ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ଆଉଜଣେ କୋରେଇ ମେ ଚିକିତ୍ସିତ ହେଉଥିବା ଜଣାପଡିଛି।

ସୂଚନା ଥାଉକି ରବିବାର ଅପରାହ୍ନରେ ତାରାକୋଟ ଗାଁର ସେକ ଅବଦୁଲ ମୋରାଦ ଖାଁ, ରମଜାନ ହାକିମ ଖାଁ ଓ ବେସରଦ ବେଗ ତିନିଜଣ ସେଇ ଗାଁର ନୂଆଗଡ଼ିଆ ପୋଖରୀ ଆଡିରେ ବସିଥିବା ବେଳେ ସେଇ ଗାଁ ର କାଲିଆସ ଖାଁଙ୍କ ଡ୍ରାଇଁ ଅମନ ଏକ କାର ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଖରୀ ଆଡିରେ ବସିଥିବା ୩ଜଣ ଉପରକୁ ମାଡି ଯାଇଥିଲା ଫଳରେ ସମସ୍ତ ୩ଜଣ ଙ୍କ ସହ କାର ପୋଖରୀ ଭିତରକୁ ପଶିଯାଇଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ପୋଖରୀ ଭିତରୁ ଡ୍ରାଇଭର ଅମନଙ୍କ ସହ ରମଜାନ ଓ ବେସରଦଙ୍କୁ ଉଦ୍ଧାର କରିଥିବା ବେଳେ ମୋରାଦ କାର ତଳେ ରହିଥିବା ଜାଣିପାରି ନଥିଲେ ମାତ୍ର କେହି ମୋରାଦ ସେଠାରେ ଥିବା ବେଳେ କୁଆଡେ ଗଲା ବୋଲି ଖୋଜିବାରୁ ମୋରାଦ ଙ୍କୁ କାର ତଳୁ ଉଦ୍ଧାର କରି ସମସ୍ତ ୩ଜଣଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଯାଇଥିଲେ ହେଲେ ଡାକ୍ତର ସେଠାରେ ମୋରାଦଙ୍କୁ ଦେଖି ତାଙ୍କର ମୃତ୍ୟୁ ଘୋଷଣା କରିଥିବା ବେଳେ ରମଜାନର ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି ଏବଂ ବେସରଦ ଏବେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକତ୍ସା ହେଉଥିବା ଜଣାପଡିଛି।

## ବିଧାନସଭା ବାଚସ୍ପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ସାଲେପୁର, (ସବ୍ୟୁ): ସାଲେପୁର ବଜାରରେ ଓଡିଶା ବିଧାନସଭା ବାସ୍ତପତି ସୁରମା ପାଢ଼ୀଙ୍କୁ ସାଲେପୁର ବିଜେପି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶନିବାର ପୂର୍ବାହ୍ନପ୍ରାୟ ୧୦ଟାରେ କଟକ–ଚାନ୍ଦବାଲି ରାସ୍ତାରେ ପୁରା ପ୍ରୋଟୋକଲ ସହିତ ଓଡିଶା ବିଧାନସଭାର ବାସ୍ତପତି ସୁରମା ପାଢ଼ୀ କେନ୍ଦ୍ରାପଡ଼ା ଅଭିମୁଖେ ଯିବା ସମୟରେ ସାଲେପୁର ବଜାର କୁଆଁପାଳ ଛକ ନିକଟରେ କଟକ ଜିଲ୍ଲା ବିଜେପିର ବରିଷ୍ଠ ଉପ–ସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଏକତ୍ରିତ ହୋଇ ବାଚସ୍ପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଚ୍ସପତିଙ୍କ ସହିତ ରାଜ୍ୟ ବିଜେପି ଉପ–ସଭାପତି ବିଷ୍ଣୁ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି ଅସିତ ମହାନ୍ତି, ବିଜେପି ନେତା ପ୍ରସନ୍ନ ମିଶ୍ର, ତ୍ରିଲୋଚନ ପାତ୍ର, ସନ୍ତୋଷ ଭୂୟାଁ, ରାଧାନାଥ ସାହୁ, ଲୋଲୁପ ବିଶ୍ୱାଳ, ମନୋଜ ବିଶ୍ୱାଳ, ବିଜୟ ଜେନା, ରଶ୍ମିରଂଜନ ପରିଡା, ପଙ୍କଜ ଘର୍ଡ଼, ମେଘୁ ସିଂ, ରମେଶ ରାଉତ, ନାରୀନେତ୍ରୀ ଅମିତା ସାହାଣୀ, ରାଜଶ୍ରୀ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହିଥିଲେ ।

## ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲର ମାତୃ ସମ୍ମିଳନୀ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲଶ ମିଡିୟମ ସ୍କୁଲରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ । ମୁଖ୍ୟ ଅତିଥିଭାବେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନର ରାଜ୍ୟ ସଭାପତି କଳ୍ପନା ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକା ତଥା ସମ୍ବକାର ଅନସୂୟା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଅବଦୁଲ ସୟଦ ଖାଁ ଓ ବିଜନ ଧଳ ପ୍ରମୁଖ ଯୋଗେଦଇଥିଲେ । ଭାଗଶ୍ରୀ ଦଳେଇଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିବା ବେଳେ ଶିକ୍ଷିକା ମାତୃଜେଯାତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୭ରେ ସିଏମ ଟ୍ରଫି ଫୁଟବଲ ଖେଳାଳି ଚୟନ

ବ୍ୟାସନଗର, (ଜିପ୍ର): ଯାଜପୁର ଜିଲା କ୍ରିଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ ଠାରେ ସିଏମ ଟ୍ରଫି ଫୁଲବଲ ନିମନ୍ତେ ଆସନ୍ତା ୨୭ ତାରିଖ ମଙ୍ଗଳବାର ଦିନ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ । ୨୭ ଓ ୨୮ ତାରିଖ ଦୁଇଦିନ ଧରି ଏହା ଅନୁଷ୍ଠିତ ହେବ । ପୂର୍ବରୁ ଅନଲାଇନରେ ନାମ ପଂଜିକରଣ କରିଥିବା ଖେଳାଳି ଓ ଅପଲାଇନ୍‌ରେ ପଂଜିକରଣ କରିଥିବା ଖେଳାଳି ଚୟନରେ ଭାଗ ନେଇ ପାରିବେ । ଏହି ଚୟନ ଶିବିରରୁ ଖେଳାଳି ଚୟନ କରାଯାଇ ଆସନ୍ତା ମାସ ୧୦ ତାରିଖରୁ ଜିଲାସ୍ତରୀୟ ସିଏମ ଟ୍ରଫି ଅନୁଷ୍ଠିତ ହେବ । ଏଣୁ ଖେଳାଳି ମାନେ ନିଜର ଆବଶଯକୀୟ ଖେଳ ସାମଗ୍ରୀ ସହ ଆଧାରକାର୍ଡ଼, ଜନ୍ମ ପ୍ରମାଣ ପତ୍ର ଏବଂ ପାସ ଫଟୋ ସହ ସକାଳ ୮ଘଟିକା ସୁଦ୍ଧା ପହଁଚିବାକୁ ଜିଲା କ୍ରିଡ଼ା ସଂସଦ ସାଧାରଣ ସଂପାଦକ ସସ୍ମିତ ମହାନ୍ତି ଅନୁରୋଧ କରିଛନ୍ତି ।

## କୁଦାନଗରୀ ପୀଠରେ ମାଘ ମେଳା ମହୋତ୍ସବ ଉଦ୍‌ଘାଟିତ

ପାଟକୁରା, (ସବ୍ୟୁ): କୁଦାନଗରୀ ଥାନା ଅନ୍ତର୍ଗତ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଆଧାତ୍ମିକ ପର୍ଯ୍ୟଟନ କ୍ଷେତ୍ର କୁଦାନଗରୀ ଶ୍ରୀଶ୍ରୀ ଶୁକପରିକ୍ଷୀତଙ୍କ ପୀଠରେ ପବିତ୍ର ମାଘମେଳା ମହସୋବ ଉଦଘାଟନ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବକୁ ଶୁକପରିକ୍ଷୀତ ସାଂସ୍କୃତିକ ପରିଷଦର ପୂର୍ବତନ ସଭାପତି ସଞ୍ଜୟ କୁମାର ରାଉତ ଅଧ୍ୟକ୍ଷତାରେ ମଧୁଶାସନ ସରପଞ୍ଚ ମଞ୍ଜୁଲତା ବେହେରା ଉଦଘାଟନ କରିଥିଲେ । ଏହି ପବିତ୍ର ପୀଠରେ ଶୁକମୁନୀ ପରିକ୍ଷୀତ ରାଜା , ଶିଶୁ ଅନନ୍ତ , ଶ୍ରୀରାମ, ବୀର ହନୁମାନ , ଆଖଣ୍ଡଳମଣୀ , ବାସୁଦେବଙ୍କ ମନ୍ଦିର ସମେତ ମା'ଦକ୍ଷିଣ କାଳୀ ମନ୍ଦିର , ବାଉରୀ ବଟ ଓ ବାବା ଆକୁଳୀ ମଠ ବେଶ୍ ଭକ୍ତମାନଙ୍କୁ ଆକର୍ଷିତ କରିବା ସହ ଭକ୍ତିମୟ ପରିବେଶ ସୃଷ୍ଟି କରିଥବାରୁ ଭକ୍ତମାନଙ୍କ ମନରେ ଭାବ ବିହ୍ୱଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ରଙ୍ଗଶାଳାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମା ଶାରଳା ସାଂସ୍କୃତିକ ସଂଗଠନ ଦ୍ୱାରା ଭଜନ ପରିବେଷଣ କରାଯାଇଥିବା ବେଳେ ଓ ମହାଜ୍ଞାନୀ ଶୁକମୁନୀଙ୍କ ପୀଠରେ ମା' ରାମଚଣ୍ଡି ଭଜନ ସନ୍ଧ୍ୟା ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଶ୍ରୀଶ୍ରୀ ଶୁକପରିକ୍ଷୀତ ସାଂସ୍କୃତିକ ପରିଷଦ ଦ୍ୱାରା ମାଘମେଳା ମହୋତ୍ସବ ଆୟୋଜିତ କରାଯାଉଥିବା ମାଘମେଳା ମହୋତ୍ସବ ଅବସରରେ ଅଷ୍ଟମୀ ତିଥିରୁ ଏକାଦଶୀ ତିଥି ପର୍ଯ୍ୟନ୍ତ ଅପେରା ଓମକାର ନାଟ୍ୟ ପରିବେଷଣ କରିବାର ବ୍ୟବସ୍ଥା କରାଯାଇଛି ।

## ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତର ଗୋପାଳପୁର ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର,ଗୋପାଳପୁ,ମାହାଙ୍ଗା,କଟକ ଆନୁକୂଲ୍ୟରେ ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୧୩୦ତମ ଜନ୍ମ ଉତ୍ସବ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନ ଉତ୍ସବରେ ଉଦ୍ଘାଟକ ଭାବେ ସ୍ତମ୍ଭକାର ଅନନ୍ତ ଗୋପାଳ ପଣ୍ଡା ଯୋଗଦେଇଥିଲେ। ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପୂର୍ବତନ ଉତ୍ତରାଂଚଳ ରାଜସ୍ୱ କମିଶନର ଡଃ. ନିରଂଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ପିପିଲି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରତିଭା ମହାରଥୀ, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତବିଭାଗ ଇଂ. ରଶ୍ମିରଂଜନ ରାୟ, ଚାର୍ଟାଡ ଆକାଉଣ୍ଟାଟ୍ ନିରଂଜନ ପଣ୍ଡା ଯୋଗଦେଇଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଦ୍ୱିତୀୟଭଞ୍ଜ ସାହିତ୍ୟ କୃତି ସଂପର୍କରେ ଆଲୋକପାତ କରିଥିଲା ବେଳେ ସଂସଦର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପ୍ରଧାନ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏବଂ ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସଂସଦର ମୁଖପାତ୍ର 'ଅନର୍ଘ ଅଘର୍ଯ' ଏବଂ କବି ପୁରୁଷୋତ୍ତମ ପୃଷ୍ଟିଙ୍କ ରଚିତ କାବ୍ୟ ପୁସ୍ତକ 'ରାମ ହନୁମାନ ଯୁଦ୍ଧ'କୁ ଲୋକାର୍ପଣ କରିଥିଲେ। ସଂସଦର ବିଂଶତମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁର, ଡାକ୍ତର ଚୌ. ନିହାର ରଂଜନ ପ୍ରହରାଜ, ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗବତ ପ୍ରଧାନ,ଶିଶୁ ସାହିତ୍ୟିକ ନଗେନ୍ଦ୍ରନାଥ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀଙ୍କ ସମେତ ୩୨ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଓ କବିତା ପାଠୋତ୍ସବ ସଂସଦର ଉପସଭାପତି ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ଡଃ ପ୍ରସନ୍ନ କୁମାର ନାଥଶର୍ମା, ସମୀକ୍ଷକ ଭାବେ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ସମ୍ମାନୀତ ବକ୍ତାଭାବେ ପ୍ରବାଚକ ଶରତ ଚନ୍ଦ୍ର ରଥ,ସମ୍ମାନୀତ ଅତିଥିଭାବେ ଶାରଦାପ୍ରସାଦ ମିଶ୍ର ଯୋଗଦେଇଥିଲା ବେଳେ ଶିଶୁ ସାହିତ୍ୟିକ ମହେନ୍ଦ୍ରକୁମାର ଘଡେଇ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବୟିତ୍ରୀ ଗୀତାଞ୍ଜଳୀ କରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ

ରାଜନଗର,(ସବ୍ୟୁ): ରାଜନଗର ବ୍ଲକ ଡାଙ୍ଗମାଳ ପି ଏମ ଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପି ଏମ ଶ୍ରୀ ଉତ୍ସବ ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ମୁଖ୍ୟ ଅତିଥି ଭାବେ ବତିସ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଆଁର, ମୁଖ୍ୟ ବକ୍ତା ଭାବେ ରାଜନଗର ଏବିଇଓ ଚିତ୍ତରଞ୍ଜନ ଜେନା,ବିଶିଷ୍ଟ ଅତିଥି ଭାବେ ଡିଆଇଇଟି ବାଲିଆ ଅଧ୍ୟାପକ ଚିନ୍ମୟ ଦାସ,ଖମାରସାହି ସରପଞ୍ଚ ଅନସୁୟା ବିଶାଳ ସମିତି ସଭ୍ୟା ଶ୍ୟାମଳୀ ମାଇତି ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ ସମିତି ସଭ୍ୟ ଶ୍ରୀଚରଣ ଦାସ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ନିରଞ୍ଜନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା,ଅବସପ୍ରାପ୍ତ ଶିକ୍ଷକ ଉପେନ୍ଦ୍ରନାଥ ସ୍ୱାଇଁ , ସମାଜସେବୀ କୃତିବାସ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛତ୍ରୀମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ରେ ପିଏମଶ୍ରି ଯୋଜନା ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପୋଷଣ କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ଧଳ ଅତିଥି ପରିଚୟ ଓ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଚୁଲି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଓମପ୍ରକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯକ୍ରମ ପିଲାମାନଙ୍କ ଦାରା ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ପଥରପଦା ନେତାଜୀ କ୍ଲବର ବାର୍ଷିକୋତ୍ସବ

ପାଣିକୋଇଲି, (ସବ୍ୟୁ): ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବର ଉଦ୍‌ଯାପିତ ହୋଇଛି । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି , ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ ବନୋଜ କୁମାର ଜେନା, ମନୋଜ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ଶେଷରେ କ୍ଲବର ଉପଦେଷ୍ଟା ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତୃତା ଓ ନୃତଯ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ପାରାଦୀପରେ ଓଡ଼ିଆ ନାଟ୍ୟକାର ସମ୍ମିଳନୀ

ପାରାଦୀପ ,(ଜିପ୍ର):ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ସାରସତ ଓ ସାଂସ୍କୃତିକ ଅନୁଷ୍ଠାନ କାନମାସ ଦାରା ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର ଓ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ , ନୂଆ ଦିଲ୍ଲୀର ସହଯୋଗରେ ଜାନୁଆରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ ଆୟୋଜିତ ହୋଇ ଯାଇଛି । ୨୩ ତାରିଖ ଦିନ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁଙ୍କ ପୌରହତ୍ୟରେ ଆୟୋଜିତ ଉଦ୍ଘାଟନୀ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ଉତ୍ସବକୁ ଉଦଘାଟନ କରି କହିଥିଲେ କି ନାଟକକୁ କେବଳ ପାରାଦୀପରେ ସୀମିତ ନ ରଖି ତାକୁ ଅଧିକ ଲୋକାଭିମୁଖୀ କରିବାରେ ତଥା ଭାରତର ସାଂସ୍କୃତିକ ମାନଚିତ୍ରରେ ପାରାଦୀପ ବନ୍ଦରକୁ ଏକ ଅନନ୍ୟ ସ୍ଥାନ ଦେବାରେ କାନମାସର ପ୍ରଚେଷ୍ଟା ପ୍ରଶଂସନୀୟ । ବନ୍ଦର ସିଏମଇ ସୁଶିଲ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ବିବରଣୀ ରଖିଥିଲେ । କାନମାସର ଉପ ସଭାପତି ସନ୍ତୋଷ ସାମଲ ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ହରନାଧ ସାଗରିକା କଳା ନିକେତନର ଗୁରୁ ପ୍ରଫୁଲ୍ଲ ବଳ, ବ୍ରଜ ମଲ୍ଲିକ, କେଦାର ପରିଡ଼ା, ଶୁଭଶ୍ରୀ ବେଉରା, ସ୍ମୃତି କାନ୍ତ ଶର୍ମାଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ । ପାରାଦୀପର ମୂର୍ଚ୍ଛନା ମିଶ୍ର, ସଂଜୀଭ ସାନୁ, ନିରଞ୍ଜନ ଗାନ, ମିଲୁ ଖୁଣ୍ଟିଆ ଆଦି କଳାକାର ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍ଘାଟନୀ ସନ୍ଧ୍ୟାରେ ଉତ୍କଳି ସାଂସ୍କୃତିକ ଶିଳ୍ପୀ, ରାଉରକେଲା ବିଲୋଚନ ପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ କମ୍ପାନୀ ସରକାର ମଞ୍ଚସ୍ଥ କରିଥିଲେ ।




ନାଟକଟି ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଥିବା ଗୋରୁଦିପ ବା କ୍ୟାଟଲ ଆଇଲଣ୍ଡରୁ ମହାନଦୀ ଶଯ୍ୟାର ତଳ ମୁଣ୍ଡ ପର୍ଯ୍ୟନ୍ତ ଜନ ଜୀବନ ତଥା ଜୈବମଣ୍ଡଳକୁ ପ୍ରଭାବିତ କରୁଥିବା କଥା ଏବଂ ତାର ଆଧାରରେ ଆମ ଦେଶବାସୀଙ୍କ ପାଇଁ ସାଂପ୍ରତିକ ପରିସ୍ଥିତିର ସାମାଜିକ ଓ ଅର୍ଥନୈତିକ ଆଶଙ୍କାର ସାଙ୍କେତିକ ବାର୍ତ୍ତା ବହନ କରେ । ୨ୟ ସନ୍ଧ୍ୟାରେ ହୃଦୟ, ଭୁବନେଶ୍ୱର ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ବୈଷ୍ଣବ ପାଣି ମଞ୍ଚସ୍ଥ କରିଥିଲେ ।୩ୟ ସନ୍ଧ୍ୟାରେ ଶ୍ରୀ କଲଚରାଲ ଆସୋସିଏସନ, ସମ୍ବଲପୁର ସତ୍ୟ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ଭାଷାରେ ନାଟକ ସାଧନା ମଞ୍ଚସ୍ଥ କରିଥିଲେ ।ଜତ ଜୟନ୍ତୀ ଅବସରରେ ଅଫିସର୍ସ କ୍ଲବ ଠାରେ ୮ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ନାଟ୍ୟକାର ସମ୍ମିଳନୀକୁ ବିଶିଷ୍ଟ ଔପନାସିକ ଓ ନାଟ୍ୟକାର ଭାଗିରଥି ଦାସ ଉଦଘାଟନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାଟ୍ୟକାର ମାନେ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାଗିରଥି ଦାସଙ୍କର ସାରସତ ସାଧନା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଭାଗିରଥି ଦାସଙ୍କ ସହିତ ମୁହାଁ ମୁହିଁ ଏକାକୀ ଆଲୋଚନା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା ଯେଉଁଥିରେ ଶ୍ରୀ ଦାସ ପ୍ରତିକୂଳ ପରିସ୍ଥିତିରେ ତାଙ୍କର ସାରସତ ସାଧନାର ଅନେକ ଅତୀତକୁ ନାଟ୍ୟକାର ମାନଙ୍କ ସମ୍ମୁଖରେ ରଖିଥିଲେ। ନାଟ୍ୟକାରମାନେ କହିଥିଲେ କି ନାଟ ମଞ୍ଚନକୁ କାନମାସ ନାଟ୍ୟ ଆନ୍ଦୋଳନରେ ପରିଣତ କରିଛି ଓ ଏହି ଆନ୍ଦୋଳନରେ ଜଣେ ଜଣେ ସାରଥୀ ହେବା ପାଇଁ କାନମାସ ସତେ ଯେପରି ଆମ୍ଭମାନଙ୍କୁ ଆମନ୍ତ୍ରଣ କରୁଛି ଏବଂ କାନମାସର ଚଲାପଥ କୁସୁମିତ ହେଉ ବୋଲି ଆଶା ପ୍ରକାଶ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକର, ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ରମାକାନ୍ତ ମିଶ୍ର, ବନ୍ଦର ଡିସି ଅଲେଖ ସାହୁ , ସିଏମଇ ସୁଶିଲ ନାହାକ ଅତିଥି ଭାବେ ଯୋଗଦାନ କରି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ମତାମତ ରଖିଥିଲେ କି ପାରାଦୀପ ପରି ସହରରେ ଓଡ଼ିଆ ନାଟକର ରଜତ ଜୟନ୍ତୀ ସଫଳତାର ସହିତ ପାଳନ କରି କାନମାସ ନାଟକ ପ୍ରତି ତାର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରତିପାଦିତ କରି ପାରିଛି ଓ ତା ସହିତ ନାଟ୍ୟକାର ସମ୍ମିଳନୀ ଆୟୋଜନ କରି ସବୁ ନାଟ୍ୟକାର ମାନଙ୍କ ସହିତ ପାରାଦୀପର ସାରସତ ତଥା ସାଂସ୍କୃତିକ ଚେତନା ସହିତ ପରିଚିତ କରିପାରିଛି ଏବଂ ସେଥିପାଇଁ କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ତଥା ସମସ୍ତ କର୍ମକର୍ତ୍ତା ଧନ୍ୟବାଦର ପ୍ରିୟପାତ୍ର ।

## ମଲପଡ଼ା ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚ୍ ବନ୍ଧୁମିଳନ



କୁଆଖିଆ, (ସବ୍ୟୁ): ମଲପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୨ ମ୍ୟାଟ୍ରିକ ବ୍ୟାଚ ସହପାଠୀ ସମାବେଶ ଖାଁକେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଖିଳ କୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମାବେଶରେ ଅବସର ପ୍ରାପ୍ତ ଶିକ୍ଷକ ବୃନ୍ଦ ସର୍ବଶ୍ରୀ ଶଶୀଭୁଷଣ ସାହୁ, ଚନ୍ଦ୍ରମଣି ପଣ୍ଡା, ଧରଣୀଧର ସାହୁ, ନିତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ର କର, ସୁଧାଂଶୁ ମିଶ୍ର ଯୋଗ ଦେଇ ସ୍କୁଲ ଜୀବନର ଅପାସୋରା କାହାଣୀ ସବୁ କହିଥିଲେ । ପୁରାତନ ଛାତ୍ରଛାତ୍ରୀ ସବୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମାବେଶ ରେ ବହୁ ପୁରାତନ ଛାତ୍ରଛାତ୍ରୀ ତାଂକ ପରିବାର ସମୂହ ଯୋଗ ଦେଇଥିଲେ ।

## ବ୍ରିଜ ଭାଙ୍ଗି ଲଟକି ରହିଲା ମାଟି ବୋଝେଇ ହାଇଓ୍ୱା

ବାଲୁଗାଁ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ତୋରସିଂହ ଗମ୍ଭାରୀମୁଣ୍ଡା ରାସ୍ତାରେ ମାଟି ବୋଝେଇ ହାଇଓ୍ୱା ଗମ୍ଭାରୀମୁଣ୍ଡାରୁ ବାଣପୁର ଆସୁଥିବା ଥିବା ସମୟରେ ନଛିପୁର ବ୍ରିଜ ଭାଙ୍ଗିଯିବା ଫଳରେ ଲଟକି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି ।ରବିବାର ସକାଳୁ ଗମ୍ଭାରୀମୁଣ୍ଡାରୁ ବାଣପୁର ଏକ ମାଟି ବୋଝେଇ ହାଇଓ୍ୱା ଆସୁଥିଲା।ହଠାତ୍ ପୋଲ ଉପରେ ଗାଡ଼ି ଯିବାବେଳକୁ ପୋଲଟି ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ଦୁଇଖଣ୍ଡ ହୋଇଯାଇଛି। ଯାହାଫଳରେ ଏହି ରାସ୍ତାଦେଇ ଗୋଟିଏ ପଞ୍ଚାୟତ ସହିତ ଗମ୍ଭାରୀମୁଣ୍ଡା ଅଞ୍ଚଳର ଲୋକମାନଙ୍କ ଯାତାୟାତ ଠପ ହୋଇଯାଇଛି। ଘଟଣାସ୍ଥଳରେ ବାଣପୁର ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲିପାଟଣା ,(ସବ୍ୟୁ): ଭାକରସାହି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ଅଧକ୍ଷ ସନ୍ତୋଷ ମହାପାତ୍ରଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ର ବିକାଶ ସହିତ ସମାଜ କୁ ଦିଗଦର୍ଶନ ଦେବାଭଳି ପ୍ରତିଭା ସୃଷ୍ଟି ହେବା ଦରକାର୍ ବୋଲି କହିଥିଲେଛ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢୀ, ବେଣୁପୁର୍ ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ସତ୍ୟବ୍ରତ ସାମଲ,ସମାଜସେବୀ ଜ୍ୟୋତିରଂଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ ପରେ କୁନି କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ମନୋରଞ୍ଜନ କରିଥିଲେ।ରାକେଶ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅତିର ଗୁରୁଶିଷ୍ୟ ସମ୍ପର୍କ ଅବିସ୍ମରଣୀୟ



ଟାଙ୍ଗୀ,(ସବ୍ୟୁ): ଦୀର୍ଘ ୪୦ ବର୍ଷ ପରେ ପ୍ରଥମ ଥର ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୧୯୮୫ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆମନ୍ତ୍ରିତ ଅତଥି ଭାବେ ପୁରାତନ ବରେଣ୍ୟ ଶିକ୍ଷକ ବୃନ୍ଦ ଯୋଗଦେଇ ଅତୀତର ଗୁରୁଶିଷ୍ୟ ସଂପର୍କ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ରତ୍ନମାଳୀଙ୍କ ପୀଠରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ବୟସର ଅପରାହ୍ନରେ ପହଞ୍ଚି ସାରିଥିବା ତତକାଳାନ ବରିଷ୍ଠ ଶିକ୍ଷକ ଧ୍ରୁବଚରଣ ସେନାପତି,ସୀତ ଶୁଂ ଭୂଷଣ ଚକ୍ରବର୍ତ୍ତୀ,ଶ୍ରୀଧର ପଣ୍ଡା,ଶ୍ରୀ ପଣ୍ଡାଙ୍କ ଧର୍ମ ପତ୍ନୀ ଶାନ୍ତିଲତା ପଣ୍ଡା,ସୁବଳ ଭୋଳ,ଗଂଗାଧର ସୁନ୍ଦରାୟ, ପ୍ରମୁଖ ପହଞ୍ଚିବା ପରେ ଅପେକ୍ଷା ରେ ଥିବା ୧୯୮୫ ମସିହା ମାଟ୍ରିକ ବ୍ୟାଚ ସହପାଠୀ,ସହପାଠୀନି ବୃନ୍ଦ ନିଜ ଗୁରୁମାନଙ୍କ ପାଦବନ୍ଦନା କରିଥିଲେ। ସ୍ୱର୍ଗତ ଶିକ୍ଷକ,ଓ ଏହି ବ୍ୟାଚ ର ବହୁ ଛାତ୍ରଛାତ୍ରୀମାନଙ୍କ ଅକାଳ ବିୟୋଗରେ ସେମାନଙ୍କ ଅମର ଆତ୍ମା ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ସହପାଠୀ ସହପାଠୀନି ଯୋଗଦେଇଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ

କାକଟପୁର , (ସବ୍ୟୁ): କାକଟପୁର ବ୍ଲକ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାଲିଥିବା ସାତଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ମୁଦୁଲି ଙ୍କ ସଭାପତିତ୍ୱରେ ପ୍ରଶାନ୍ତ କୁମାର ବିଶ୍ୱାଳ, ମୁଖ୍ୟ ଅତିଥି, ଉମାକାନ୍ତ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାମଦେବ ରାଉତ, ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ସୁକାନ୍ତ କୁମାର ପୃଷ୍ଟି, ଜାତୀୟ ସେବା ଯୋଜନା ର କାର୍ଯ୍ୟକାରୀ ଅଧିକାରୀ ଉମାଶଙ୍କର ନାୟକ କାର୍ଯ୍ୟକ୍ରମ୍ରୁ ପରିଚାଳନା କରିଥିଲେ।ଏହି ଶିବିରରେ (୫୦) ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗଦେଇ ସଡକ ସୁରକ୍ଷା ରାଲି, ସ୍ୱଚ୍ଛତା ରାଲି, ନିଶାନିବାରଣ ରାଲି ତଥା ସଫେଇ ଯୋଗ ଏବଂ ବିଭିନ୍ନ ପ୍ରତିଯୋଗିତା ରେ ଭାଗନେଇଥିଲେ।ଶିବିରାର୍ଥୀ ମାନେ ନିଜନିଜର ଅଭିଜ୍ଞାତା କହିଥିଲେ। ଅତିଥି ମାନେ ଛାତ୍ର ଛାତ୍ରୀ ଙ୍କର କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବାର୍ଷିକ ଉତ୍ସବ




ବାଲିପାଟଣା ,(ସବ୍ୟୁ): ବାଲିପାଟଣା ବ୍ଲକ ତୁରନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ବିଂଶତମ ବାର୍ଷିକ ଉତ୍ସବ ଶନିବାର ଦିବସ ବ୍ୟାପି କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ମୁଖ୍ୟ ଅତିଥି ବାଲିପାଟଣା ତହସିଲଦାର କଳ୍ପନା ଦାସ ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥ,ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ,ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ,ଏସ ଆଇ ପାୟଲ ପ୍ରଧାନ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ଉପଦେଷ୍ଟା ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ରତ୍ନପ୍ରଭା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ।ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଥିଲେ ଓଡ଼ିଶା ପୋଲିସ ର ଡେପୁଟି କମାଣ୍ଡାଟ ଲଳିତ କୁମାର ମହାନ୍ତି,ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର ଓ ଡ ରତିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଥିଲେ।କାର୍ଯ୍ୟକ୍ରମ ରେ ରାଜ୍ୟ ସ୍ତରୀୟ ଆନ୍ତ ଶିକ୍ଷାକେନ୍ଦ୍ର ପ୍ରତିଯୋଗିତାରେ ଓ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଙ୍କ ସହିତ, ମେଧା ବୃତ୍ତି ପରୀକ୍ଷାରେ ସଫଳତା ପାଇଥିବ ସମସ୍ତ ଙ୍କୁ ଅତିଥିମାନେ ପ୍ରମାଣ ପତ୍ର ବଣ୍ଟନ କରିଥିଲେ।ସମସ୍ତ କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅରୁଣ କୁମାର୍ ଶତପଥୀ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ପ୍ରଭାକର ତ୍ରିପାଠୀ,କବି ଭଗବାନ ସାହୁ,ଅଭିମନ୍ୟୁ ନାୟକ,ଶିକ୍ଷୟତ୍ରୀ ତଥା ସିଆରସିସି ଝୁନି ଦେଇ,ସୁଧାକର ତ୍ରିପାଠୀ,ସାମ୍ବାଦିକ ରମେଶ ରଥ, ପ୍ରମୁଖ ଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟ ଶିକ୍ଷୟତ୍ରୀ ବିଶ୍ୱେଶ୍ୱରି ଦାସ ଓ ଶ୍ରଦ୍ଧା ସ୍ୱାଇଁ ଙ୍କ ନିର୍ଦ୍ଦେଶନାରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କୁ ମହାଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ସ୍ଥିତ ନୀଳମାଧ ମହାବିଦ୍ୟାଳୟ ରେ ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ୍ୟା ଡ଼ ନନ୍ଦିତା ବାରିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଜଗଦିଶ ପ୍ରସାଦ ରଥ ଏବଂ ସମ୍ମାନିତ ଅତିଥି ରୂପେ ପ୍ରାଣକୃଷ୍ଣ ମହାରଣା,ଏବିଜି ସୁଜଳ ମହାରଣା, ସାଂସ୍କୃତିକ ସଂଘ ସୁମନ୍ତ କୁମାର ଜେନା, ଇଂରାଜୀ ବିଭାଗ ମୁଖ୍ୟ ଓମ ପ୍ରକାଶ ସାହୁ, ପ୍ରଭାତ ବେହେରା, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥିଗଣ ପ୍ରତିଯୋଗିତା ର ଶୁଭାରମ୍ଭ କରିଥିଲେ।ଅନୁଷ୍ଠିତ ପ୍ରତିଯୋଗିତା ଯଥା ଇଂରାଜୀ, ଓଡ଼ିଆ ପ୍ରବନ୍ଧ,ବକ୍ତୃତା,ସାଧାରଣ ଜ୍ଞାନ, ପେଣ୍ଟିଂ, ମେହେନ୍ଦି, ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ବର୍ଗ ରେ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସୀମା ସାହୁ ଓ ଯୁକ୍ତ ୩ବର୍ଗ ରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଶୁଭ୍ରଜ୍ୟୋତି ମହାରଣା ଲିଟେରରୀ ଚାମ୍ପିଅନ ହୋଇଥିଲେ।

## ୨ବର୍ଷ ହେଲା ହୋଇପାରୁନି ଲଡୁବାବା ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

ଶରଣକୁଳ,(ସବ୍ୟୁ):: ଶରଣକୁଳର ଲଡୁବାବାଙ୍କ ପୀଠରେ ନୂତନ ମାର୍କେଟ ର୍ନିମାଣ ହେବ, ଏନେଇ ୨ବର୍ଷ ବିତିଗଲାଣି କିନ୍ତୁ ଆରମ୍ଭ ହେଇ ପାରୁନି ଦୋକାନ ଗୃହ ର୍ନିମାଣ କାର୍ଯ୍ୟ। ଏଣେ ଦୋକାନ ଗୃହ ପାଇବାକୁ ଆଶା ରଖିଥିବା ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କା ଦେଇ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଦିନ ପରେ ଦିନ ବିତି ଚାଲିଥିବା ବେଳେ ଏବେ ପୁଣି ଦୋକାନୀଙ୍କ ଠାରୁ ୨ଲକ୍ଷ ଟଙ୍କା ଆଦାୟ ନେଇ ଯୋଜନା ଚାଲିଥିବା ବିଷୟ ଦୋକାନୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଦେବୋତ୍ତର ବିଭାଗର ଏଭଳି ଭୂମିକାକୁ ଦୋକାନୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଲଡୁବାବାଙ୍କ ମନ୍ଦିର ରୂପାନ୍ତରଣ ପାଇଁ ୨୦୨୩ରେ ଯୋଜନା ହୋଇଥିଲା। ଏଥିପାଇଁ ୬୦ ଦୋକାନ ଉଚ୍ଛେଦ କରାଯିବାକୁ ଯୋଜନା ହୋଇଥିଲା। ସେହି ୬୦ ବ୍ୟବସାୟୀଙ୍କୁ ଥଇଥାନ ନେଇ ସରକାରୀସ୍ତରରେ କୌଣସି ସଠିକ ଯୋଜନା ନକରି ଦେବୋତ୍ତର ବିଭାଗ ନୂତନ ଦୋକାନ ଗୃହ ର୍ନିମାଣ ବାବଦକୁ ପ୍ରତ୍ୟେକ ବ୍ୟବସାୟୀଙ୍କ ଠାରୁ ୨ ଲକ୍ଷ ଲେଖାଏଁ ଟଙ୍କା ୨ବର୍ଷ ତଳୁ ଆଦାୟ କରିଥିଲା। ଏହି ଅର୍ଥରେ ନୂତନ ମାର୍କେଟ କମ୍ପ୍ଲେକ୍ସ ର୍ନିମାଣ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବ୍ୟବସାୟୀମାନେ ୨୦୨୪ ଜାନୁଆରୀରେ ପ୍ରାୟ ୧କୋଟିରୁ ଉର୍ଦ୍ଧ ଟଙ୍କା ଦେବୋତ୍ତର ବିଭାଗ ନିକଟରେ ଜମା କରିଥିଲେ। ପରେ ତତ୍କାଳୀନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ତତ୍କାଳୀନ ଉପଜିଲାପାଳ ଶକ୍ତିକାନ୍ତ ରାୟ ମାର୍କେଟ ର୍ନିମାଣ ପାଇଁ ଶିଳାନ୍ୟାସ କରିଥିଲେ। ଦେଢ଼ବର୍ଷ ବିତିବା ପରେ ଦୋକାନ ଗୃହ ର୍ନିମାଣ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ପୁଣିଥରେ ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରିବା ନେଇ ଯୋଜନା ଚାଲିଥିବା ଦୋକାନୀମାନେ ଜାଣିବାକୁ ପାଇଛନ୍ତି। ଦୋକାନ ଗୃହ ବାବଦରେ ବ୍ୟୟ ଅଟକଳ ବୃଦ୍ଧି ଦେଖାଇ ପୁଣି ଟଙ୍କା ଆଦାୟ କରିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଦୋକାନ ଗୃହ ର୍ନିମାଣ ପାଇଁ ୩ଲକ୍ଷ ୮୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ହେବ ବୋଲି ପୂର୍ତ୍ତ ବିଭାଗ ବ୍ୟୟ ଅଟକଳରେ ଦର୍ଶାଇଛି। ତେବେ ଏହି ଅର୍ଥ ବ୍ୟବସାୟୀଙ୍କ ଠାରୁ ଆଦାୟ କରିବା ପାଇଁ ଦେବୋତ୍ତର ବିଭାଗ ଚିନ୍ତା କରୁଥିବା ସୂଚନା ମିଳିଛି। ୬୦ଜଣ ବ୍ୟବସାୟୀ ଟଙ୍କା ପୈଠ କରି ୨ବର୍ଷ ବିତିଥିବା ବେଳେ ଏବେ ପୁଣି ସେମାନଙ୍କ ଠାରୁ ଅତିରିକ୍ତ ୨ଲକ୍ଷ ଟଙ୍କା ଆଦାୟ କରିବା ନେଇ ହେଉଥିବା ଚର୍ଚ୍ଚା ଦୋକାନୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଗଲାଣି। ଯାହାକୁ ନେଇ ବ୍ୟବସାୟୀଙ୍କ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେବୋତ୍ତର ବିଭାଗ ଏଥିରୁ ନିବୃତ୍ତ ରହି ଦୋକାନୀଙ୍କୁ ଯଥାଶୀଘ୍ର ଦୋକାନ ଗୃହ ର୍ନିମାଣ କରି ପ୍ରଦାନ ନକରିଲେ ଜୋରଦାର ବିରୋଧ କରାଯିବାକୁ ଶରଣକୁଳ ବ୍ୟବସାୟୀମାନେ ଏକାଠି ହେଉଥିବା ଜଣାଯାଇଛି। ଏହି ଦିଗରେ ଉପଜିଲାପାଳ ତଥା ର୍ନିବାହୀ ଅଧିକାରୀ ଦେବୋତ୍ତର ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଦୋକାନୀମାନେ ଦାବି କରିଛନ୍ତି। ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସାକ୍ଷୀଗୋପାଳ ଆଗମନୀ ସ୍ମୃତି ଉତ୍ସବ

ସାକ୍ଷୀଗୋପାଳ ,(ସବ୍ୟୁ): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ୧୦୪ ତମ ଶ୍ରୀକ୍ଷେତ୍ରରୁ ସାକ୍ଷୀଗୋପାଳ ଆଗମନୀ ସ୍ମୃତି ମହୋତ୍ସବ ସ୍ଥାନୀୟ ସତସଙ୍ଗ ବିହାରରେ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରଦ୍ଧାଳୁ ଙ୍କ ସମାବେଶ, ଭଜନ କୀର୍ତ୍ତନ ଓ ସତସଙ୍ଗ ସଦାଲୋଚନାକୁ ନେଇ ସତସଙ୍ଗ ବିହାର ରେ ଆଧ୍ୟାତ୍ମିକ ମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ , ଉଷା କୀର୍ତ୍ତନ, ପ୍ରାତଃ ବିନତି, ଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳୀ, ସତସଙ୍ଗ ଓ ସଦାଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପୁରୀ ଠାକୁର ବାଡିରୁ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁର ଙ୍କ ବିଗ୍ରହ ସହ ଶୋଭାଯାତ୍ରା ସାକ୍ଷୀଗୋପାଳ ମନ୍ଦିର ଠାରୁ ବାହାରି ନଗର କୀର୍ତ୍ତନରେ ସତସଙ୍ଗ ବିହାରରେ ପହଞ୍ଚିଥିଲା। ସତସଙ୍ଗ ବିହାରର ୧୮ ତମ ବାର୍ଷିକ ସ୍ମୃତି ସଭାରେ ସହ ପ୍ରତିରିତିକ ହୃଷିକେଶ ସେନାପତି, ଗୌରାଙ୍ଗ ଚରଣ ସାହୁ, କସ୍ତୁରୀ ଚମ୍ପତି, ଅରୁଣ କୁମାର ସାହୁ ଓ ନିରଞ୍ଜନ ବେହେରା ଯୋଗଦେଇ ଠାକୁରଙ୍କ ଭକ୍ତି ଉପଦେଶ ମାନବ ସମାଜର ଶୃଙ୍ଖଳିତ ଜୀବନ ଯାପନରେ ସହାୟକ ହୋଇଥାଏ ବୋଲି ଆଲୋଚନା କରିଥିଲେ। ସଭାପତିତ୍ୱ କରିଥିଲେ ଗୋପିନାଥ ତ୍ରିପାଠୀ। ଏହି ଅବସରରେ ସ୍ମରଣିକା ତପୋଦିପାଳି ଅତିଥି ମାନେ ଉନ୍ମୋଚନ କରିଥିଲେ। ଅପରାହ୍ନ ରେ ମାତୃ ସମ୍ମିଳନୀରେ ସତସଙ୍ଗ ବିହାର ରିତିକ ରାଧାଶ୍ୟାମ ମିଶ୍ର, ହରେକୃଷ୍ଣ ମହାନ୍ତି, ଉଦୟନାଥ ମିଶ୍ର, ନଗେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ କମିଟି ଅଧକ୍ଷ ପ୍ରହ୍ଲାଦ ଘଟୁଆରୀ, ଶିଶିର ପରିଡା, ବିଜୟ କୁମାର ବିଶ୍ୱାଳ, ସୁରଞ୍ଜନ ମହାପାତ୍ର, ନିରଞ୍ଜନ ମହାପାତ୍ର, ଶିଶିର ମିଶ୍ର ଓ ବଳଭଦ୍ର ମହାପାତ୍ର ପରିଚାଳନା ରେ ସହଯୋଗ କରିଥିଲେ। ।

## ଜାତୀୟ ମତଦାତା ଦିବସରେ ତହସିଲଦାର ସମ୍ମାନୀତ



ବାଲିପାଟଣା, (ସବ୍ୟୁ): ଜାତୀୟ ମତଦାତା ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବାଲିପାଟଣା ତହସିଲଦାର କଳ୍ପନା ଦାସଙ୍କୁ ଶ୍ରେଷ୍ଠ ସହାୟକ ମତଦାତା ପଞ୍ଜିକରଣ ଅଧିକାରୀ (ଏଇଆରଓ)ସମ୍ମାନ ପ୍ରଦାନ କରାଯାଇଛି। ମତଦାନ ସଚେତନତା ବୃଦ୍ଧି, ର୍ନିବାଚନୀୟ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି।ସମ୍ମାନୀତ ପରେ ଶ୍ରୀମତୀ ଦାସ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ଦାୟିତ୍ୱଶୀଳ ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବ। ସେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗକୁ ଏହି ସଫଳତାର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ।।

## ନୀଳମାଧବ ମନ୍ଦିର ପୂଜକ ସମାଜ ନୂତନ କର୍ମକର୍ତ୍ତା

କଣ୍ଟିଲୋ,(ସବ୍ୟୁ): ନୀଳମାଧବ ମନ୍ଦିର ପୂଜକ ସମାଜ କର୍ମକର୍ତ୍ତା ର୍ନିବାଚନ ସିଂହଦ୍ୱାର ସ୍ଥିତ ସମାଜ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି।ସଭାପତି ରୂପେ ନିହାର ରଞ୍ଜନ ମିଶ୍ର, ଉପ-ସଭାପତି ସିମାଞ୍ଚଳ ମିଶ୍ର, ସମ୍ପାଦକ ମନୋରଞ୍ଜନ ମିଶ୍ର, ସହ-ସମ୍ପାଦକ ସଂଜୀବ ମିଶ୍ର, କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର ଓ ଶ୍ରବଣ ରାମ ମିଶ୍ର ଙ୍କୁ ଗ୍ରନ୍ଥାଗାରିକ ଭାବେ ଚୟନ କରାଯାଇଛି।ଏଥିସହ କମିଟି ସଦସ୍ୟ ହରିହର ମିଶ୍ର, ଦୁର୍ଗାମାଧବ ମିଶ୍ର, ରମାକାନ୍ତ ମିଶ୍ର, ଶିବାଶିଷ ମିଶ୍ର, ରାକେଶ ମିଶ୍ର ପ୍ରମୁଖ ଙ୍କୁ ଚୟନ କରାଯାଇଛି ଏବଂ ଉପଦେଷ୍ଟା ଭାବେ ହୃଷିକେଶ ମିଶ୍ର ଙ୍କୁ ମନୋନୀତ କରାଯାଇଛି । ନୀଳମାଧବ ମନ୍ଦିରର ସାମଗ୍ରିକ ବିକାଶ ପ୍ରାଥମିକତା ହେବ ବୋଲି ସଭାପତିଙ୍କ ସମେତ ନବ ର୍ନିବାଚିତ କର୍ମକର୍ତ୍ତା କହିଛନ୍ତି।

## ତ୍ରିବେଣୀ ମହୋତ୍ସବ ଉଦଯାପିତ

ବାଲିପାଟଣା,(ସବ୍ୟୁ) :ବାଲିପାଟଣା ତ୍ରିବେଣୀଶର ପୀଠରେ ଚାଲିଥିବା ସପ୍ତମ ତ୍ରିବେଣୀ ମହୋତ୍ସବର ଉଦ୍ଯାପିତ ହୋଇଯାଇଛି । ତ୍ରିବେଣୀ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେଓଡ଼ିଶୀ ନୃତ୍ୟ, ଅନ୍ତରା ଚକ୍ରବର୍ତ୍ତୀଙ୍କ ମେଲୋଡି ସୁରତାଲ ଗ୍ରୁପ, ଏହି ମହୋତ୍ସବ ମୁଖ୍ୟ ଆକର୍ଷଣ ଥିଲା । ପୂର୍ବ ପରମ୍ପରାକୁ ଫେରାଇ ଆଣୁଥିବା ଘରକରଣା ସାମଗ୍ରୀ ଓ ସ୍ଥଳରେ ପଡିଥିବା ରାମଦୋଳି,ଡ୍ରାଗନ ଟ୍ରେନର ଛୋଟ ପିଲାମାନେ ମଜା ନେବାବେଳେ ବିଭିନ୍ନ କିସମର ଦୋକାନ ଉତ୍ସବ ସ୍ଥଳର ଶୋଭାବର୍ଦ୍ଧନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆମ ସଂଗଠନର ମୁଖ୍ୟ କମଳ କୁମାର ପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି ମହୋତ୍ସବକୁ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ଗଙ୍ଗାଧର ମଲ୍ଲିକ, ଉପାଧକ୍ଷ ରାଜଲକ୍ଷ୍ମୀ ଜେନା,ଅକ୍ଷୟ କୁମାର ସାହୁ, ପ୍ରଦ୍ୟୁମ୍ନ ସେନାପତି,ହରମୋହନ ସ୍ୱାଇଁ,ରମେଶ ଚନ୍ଦ୍ର ସାହାଣୀ, ତୃପ୍ତି ପ୍ରସାଦ ଛୋଟରାୟ,ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସହ ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କ୍ଷେତ୍ରବାସୀ ଏକାଡେମୀ ୨୦୦୮ ବ୍ୟାଚ ବନ୍ଧୁ ମିଳନ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ପଞ୍ଚାୟତ ତୋଟାଭାଗବତୀ ପୀଠରେ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀର ୨୦୦୮ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷାଦାନ ଦେଇଥିବା ଶିକ୍ଷକ ଉଦୟନାଥ ତ୍ରିପାଠୀ, ଉମେଶ ଚନ୍ଦ୍ର ମିଶ୍ର, ହାଡିବନ୍ଧୁ ବାରିକ ଓ ଶିକ୍ଷୟତ୍ରୀ ଶାନ୍ତିଲତା ଦାସ ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ଏହି ମିଳନ ଉତ୍ସବକୁ ସଫଳ କରିବାରେ ସୁଜିତ ବିଶ୍ୱାଳ, ପ୍ରହ୍ଲାଦ ବେହେରା, ତାର ଶଙ୍କର ବଳବନ୍ତରାୟ, ବ୍ରହ୍ମାନନ୍ଦ ଦାସ, ଟୁଲୁ ସାହୁ, ଶ୍ରୀକାନ୍ତ ଜଗଦେବ, ମୃତ୍ୟୁଞ୍ଜୟ ରାଉତରାୟ ଓ ରାଜେଶ ପ୍ରତିହାରୀ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



## ମନ କି ବାତ କାର୍ଯ୍ୟକ୍ରମ ଶୁଣିଲେ ସାଂସଦ ଅପରାଜିତା

ବାଲିପାଟଣା ,(ସବ୍ୟୁ): ରବିବାର ପୂର୍ବାହ୍ନ ରେ ବାଲିପାଟଣା ଛକ ସ୍ଥିତ ଜାଭିୟର ବିଦ୍ୟାଳୟ ପରିସରରେ ମନ କି ବାତ କାର୍ଯ୍ୟକ୍ରମର ୧୩୦ ତମ ଅଧ୍ୟାୟକୁ ଶୁଣିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ।ଏହି ଉପଲକ୍ଷେ ଆୟୋଜିତ କର୍ମୀ ସମ୍ମିଳନୀ ରେ ସେ ଉଦବୋଧନ ଦେଇ ପ୍ରଧାନ ମନ୍ତ୍ରୀ ଙ୍କ ବଳିଷ୍ଠ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ବିକାଶ କରୁଛି ।ମନ କି ବାତ ମାଧ୍ୟମ ରେ ସେ ସାରା ଦେଶକୁ ଏକାଠି ବାନ୍ଧି ରଖିବା ପାଇଁ ପ୍ରୟାସ କରୁଛନ୍ତି।ଦେଶର ବିଭିନ୍ନ ସ୍ଥାନରେ ହେଉଥିବା ବିକାଶ ମୂଳକ କାର୍ଯ୍ୟ ର ଉଦାହରଣ ଦେଇ ସେ ଅନ୍ୟ ମାନଙ୍କୁ ଉତ୍ସାହିତ କରୁଛନ୍ତି ବୋଲି କହିଥିଲେ। ପ୍ରତି ମାସର ତୃତୀୟ ଶନିବାର ର୍ନିବାଚନ ମଣ୍ଡଳୀ ର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଶିବିର ସାଂସଦ ଙ୍କ ତରଫରୁ ଆୟୋଜିତ ହେବ ବୋଲି ସେ ସୂଚନା ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦ୍ୱାରିକାନାଥ ଚୌଧୁରୀ ଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଅଶୋକ କୁମାର ପଟ୍ଟନାୟକ, ଅଭିମନ୍ୟୁ ନାୟକ , ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର,ବିଧାୟକ ପ୍ରାର୍ଥୀ ବସନ୍ତ ନାୟକ,ମଣ୍ଡଳ ସଭାପତି ନାରାୟଣ ଖୁଣ୍ଟିଆ,ପ୍ରତିମା ପଣ୍ଡା,ଅମ୍ବିକା ଶତପଥୀ,ଅକ୍ଷୟ ପରିଡ଼ା, ସିଦ୍ଧେଶ୍ୱର ନାଥ,ବିଜୟ ମହାରଣା ପ୍ରମୁଖ ଶତାଧିକ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସାମ୍ବାଦିକ, ଖବରକାଗଜ ବିକ୍ରେତାଙ୍କ ବନ୍ଧୁମିଳନ



ଆଠଗଡ଼ , (ସବ୍ୟୁ): ଆଠଗଡ଼ ତିଗିରିଆ, ଖୁଣ୍ଟୁଣୀ ଅଂଚଳ ଖବରକାଗଜର ସାମ୍ବାଦିକ, ବୈଦ୍ୟୁତିକ ସାମ୍ବାଦିକ ଓ ଖବର କାଗଜ ବିକ୍ରେତା ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି । ଆଠଗଡ଼ ବିରକେଶରପୁର ସ୍ଥିତ ମା ବାହାଣ୍ଡା ଠାକୁରାଣୀଙ୍କ ପୀଠରେ ଆଠଗଡ଼ ସାମ୍ବାଦିକ ସଂଘର ଉପସଭାପତି ବିଷ୍ଣୁ ପ୍ରସାଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟଖ୍ୟ ଅତିଥିଭାବେ ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସଂମ୍ପର୍କ ଅଧିକାରୀ ସ୍ମୃତି ସାସ୍ମିତୀ ଷଡ଼ଙ୍ଗୀ ଯୋଗ ଦେଇଥିଲେ।ଆଠଗଡ଼ ସାମ୍ବାଦିକ ସଂଘର ସମ୍ପାଦକ ବିଭୁତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ପଣ୍ଡା, ମହେଶ ଦାସ, ଅଶୋକ କୁମାର ପ୍ରଧାନ, ମନୋରଞ୍ଜନ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର, ପତିତପାବନ ରାଉତ, ସଞ୍ଜୟ କୁମାର ମହାନ୍ତି, କଟକ ଜିଲ୍ଲା ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଆଠଗଡ଼ର ଯୁବ ସାମ୍ବାଦିକ ସୱରାଜ ପଣ୍ଡା, ମାନସ କୁମାର ସାହୁ, ମହେଶ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତିଗିରିଆର ବରିଷ୍ଠ ସାମ୍ବାଦିକ ରାଧା ମୋହନ ମହାପାତ୍ର, ଯୁବ ବୈଦ୍ୟୁତିକ ସାମ୍ବାଦିକ ବିଶ୍ୱଜିତ ରାଉତ ଙ୍କ ସହିତ ବରିଷ୍ଠ ଖବରକାଗଜ କିକ୍ରେତା ପର୍ଶୁରାମ ଭକ୍ତା ଓ ଲାଲମୋହ ସିଂହ ଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ଖବରକାଗଜ ବିକ୍ରେତା ମାନଙ୍କ ମଧ୍ୟରେ ଶୁଭ ନାରାୟଣ ମହାପାତ୍ର, ଶ୍ରୀଧର ସେଠି, ଶ୍ରୀଧର ମହାପାତ୍ର, ଶୁଶାନ୍ତ କୁମାର ପରିଡା, ସତ୍ୟନାରାୟଣ ମହାପାତ୍ର, ସୁରେଶ ଚନ୍ଦ୍ର ବାରିକ, ପ୍ରମେୟ କଟକର ଆସିଷ୍ଟାଣ୍ଟ ଏକ୍ସକ୍ୟୁଟିଭ ମୋତିଲାଲ ସିଂହ ପ୍ରମୁଖ ଉପସ୍ଥିତ ଥିବା ବେଳେ ତିଗିରିଆ ଯୁବ ସାମ୍ବାଦିକ ଚନ୍ଦ୍ର ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କ ପାଇଁ ଦେବଦୂତ ସାଜିଲେ ଇଂ ସୁଶାନ୍ତ କୁମାର ତ୍ରିପାଠୀ

ଫୁଲନଖରା,(ସବ୍ୟୁ): :ମାନବ ସେବା ହିଁ ମାଧବ ସେବା ଏହି ମନ୍ତ୍ରକୁ ହୃଦୟରେ ଧାରଣ କରି ଅସହାୟ, ଗରିବ ଓ ନିରାଶ୍ରୟ ଲୋକଙ୍କ ପାଇଁ ଏକ ଦେବଦୂତ ଭଳି ଆଗେଇ ଆସିଛନ୍ତି ଇଂ ସୁଶାନ୍ତ କୁମାର ତ୍ରିପାଠୀ। ଶୀତର ପ୍ରକୋପରେ ଥରୁଥିବା ଗରିବ ଓ ଅସହାୟ ଲୋକଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ନିଜ ବାସଭବନରେ ସେ ଏକ ବୃହ୍ତ ସାମାଜିକ ସେବା କାର୍ଯ୍ୟକ୍ରମ ଆୟୋଜନ କରି ଶତାଧିକ ଲୋକଙ୍କ ମଧ୍ୟରେ କମ୍ବଳ, ସଉପ ଓ ବେଡ୍ସିଟ ବଣ୍ଟନ କରିଛନ୍ତି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ବଟକୃଷ୍ଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବାମୂଳକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଏ.ସି.ପି. ଅମିତାଭ ମହାପାତ୍ର, ଲୋକପ୍ରିୟ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଶିକ୍ଷାବିତ ଏସ.କେ. କଲ୍ଲୀମୁଦିନ, ନିରୋଦ କୁମାର ଜେନା, କୈଳାଶ ଚନ୍ଦ୍ର ବେହେରା, କାଳି କିଶୋର ତ୍ରିପାଠୀ, ପ୍ରଶାନ୍ତ କୁମାର ତ୍ରିପାଠୀ, ବଙ୍ଗାଳି ପରିଜା ଓ ଦୀନବନ୍ଧୁ ପଣ୍ଡା ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମୟରେ ଅସହାୟ ଲୋକମାନଙ୍କ ପାଇଁ ଜଳଖିଆର ସୁସଜ୍ଜିତ ବ୍ୟବସ୍ଥା କରାଯାଇଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଓ ସନ୍ତୋଷ ଦେଖାଯାଇଥିଲା। ଉପସ୍ଥିତ ସମସ୍ତ ଅତିଥି ଓ ଲାଭାନ୍ୱିତ ଲୋକମାନେ ଏକ ସ୍ୱରରେ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ ଜୀବନ କାମନା କରି ତାଙ୍କ ସାମାଜିକ ସେବା ଭାବନାକୁ ଶୁଭେଚ୍ଛା ଜଣାଇଥିଲେ। ଏପରି ମାନବିକ ଓ ସେବାମୂଳକ କାର୍ଯ୍ୟକ୍ରମ ସମାଜ ପାଇଁ ନିଶ୍ଚୟ ଏକ ଅନୁକରଣୀୟ ଦୃଷ୍ଟାନ୍ତ ହୋଇ ରହିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

## ଏମଏସ ଉଚ୍ଚ ବିଦ୍ୟାଳୟ ୧୯୯୩ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଗୁରୁପୂଜନ



ବଡମ୍ବା ,(ସବ୍ୟୁ): ସ୍ଥାନୀୟ ମୋହନ ସୁବୁଦ୍ଧି(ଏମଏସ) ଉଚ୍ଚ ବିଦ୍ୟାଳୟ ରେ ବିଦ୍ୟାଳୟ ର ୧୯୯୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ଙ୍କ ଆନୁକୂଲ୍ୟରେ ରେ ରବିବାର ଦିନ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓି ସାମ୍ବାଦିକ ଚିନ୍ମାତ୍ମା ମହାନ୍ତି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଉତ୍ସବ ରେ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ମହାନ୍ତି, ଆବରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପୃଷ୍ଟି, ମନମୋହନ ରାଉତ, ଦୁର୍ଯ୍ୟୋଧନ ବେହେରା, ଦାମୋଦର ଦଳେଇ, ବରିଷ୍ଠା ଶିକ୍ଷୟିତ୍ରୀ ଚନ୍ଦ୍ରମଣି ପଙ୍ଗାରି ଙ୍କ ସମତେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର କରଣ ଯୋଗ ଦେଇ ଥିଲେ । ପ୍ରାରମ୍ଭ ରେ ପୁରାତନ ଛାତ୍ର ମାନେ ଗୁରୁ ବନ୍ଦନା କରିବା ପରେ ଦିବଂଗତ ସହଯୋଗୀ ସୁରେଶ ଚନ୍ଦ୍ର ପ୍ରଧାନ (ସୁଗୁରି) ଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରା ଯାଇ ଥିଲା । ବହୁ ଦିନ ପରେ ବିଦ୍ୟାଳୟ ର ପୁରାତନ ଛାତ୍ର ଓ ଶିକ୍ଷକ ମାନେ ଏକାଠି ହୋଇ ଥବାରୁ ସମସ୍ତେ ଆନନ୍ଦିତ ହୋଇ ଥିଲେ ।କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଶିକ୍ଷକ ରମେଶ ଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ମାନସ ଶତପଥି ଅତିଥି ପରିଚୟ ଦେଇ ଥିଲେ । କାର୍ଯ୍ୟକ୍ରମରେ ସନ୍ତୋଷ ମହାରଣା, ବରଦା ଶଙ୍କର ମହାନ୍ତି, ରଶ୍ମି ରଞ୍ଜନ ସାହୁ, ପ୍ରଭାତ ପଟ୍ଟନାୟକ, ସତ୍ୟବ୍ରତ ବେହେରା, ଆଶିଷ ବେହେରା, ହାଡ଼ିବନ୍ଧୁ ତରାସିଆ, ପ୍ରଭାତ ସାହୁ, ପ୍ରଦ୍ୟୁମ୍ନ ମଲ୍ଲିକ,ପ୍ରଭାକର ନାୟଜ, ରଞ୍ଜନ କୁମାର ସାହୁ,ସନ୍ତୋଷ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପୁରାତନ ଛାତ୍ର ଇଣ୍ଡେନି ଗ୍ୟାସ ପ୍ରୋପାଇଟର ତନ୍ମୟ ମହାପାତ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୨)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ**
**ନବାନି ଗୃହ୍ଣାତି ନରୋଽପରାଣି ॥ ୨୨ ॥**

(ନନୁ ଆତ୍ମନଃ ଅବିନାଶେଽପି ତଦୀୟଶରୀରନାଶଂ ପର୍ଯ୍ୟାଲୋଚ୍ୟ ଶୋଚାମାତି ଚେତ୍ ତତ୍ରାହ)– ଯଥା ନରଃ ଜୀର୍ଣ୍ଣାନି ବାସାଂସି (ବସ୍ତ୍ରାଣି) ବିହାୟ (ପରିତ୍ୟଜ୍ୟ) ଅପରାଣି (ଅନ୍ୟାନି)...... ॥ ୨୨ ॥

# ଆମ ସାଧାରଣତନ୍ତ୍ରର ସତୋସ୍ତରୀ ବର୍ଷ

ଆମର ସାଧାରଣତନ୍ତ୍ର ହେଉ ବା ଗଣତନ୍ତ୍ର ହେଉ କିମ୍ବା ଆମର ଶାସନ ବ୍ୟବସ୍ଥା ହେଉ, ତାହା ଏବେ ସତୋସ୍ତରୀ ବର୍ଷରେ ପଦାର୍ପଣ କରିଛି । ଆମ ସାଧାରଣତନ୍ତ୍ରକୁ ବାର୍ଦ୍ଧକ୍ୟ ଗ୍ରାସ କରିଥିଲେ ମଧ୍ୟ ଆମ ସାଧାରଣତନ୍ତ୍ର ବେଶ ମଜଭୁତ ରହିପାରିଛି । ୧୯୫୦ ଜାନୁଆରୀ ୨୬ରେ ଆମର ଏହି ସାଧାରଣତନ୍ତ୍ରର ଶୁଭାରମ୍ଭ ହୋଇଥିଲା । ଏକ ସମୟରେ ଭାରତ ଓ ପାକିସ୍ତାନ ସ୍ୱାଧୀନତା ଲାଭ କରିଥିଲେ– ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରରେ । ଭାରତ ଅଗଷ୍ଟ ୧୫ରେ ତାହାର ସ୍ୱାଧୀନତା ଦିବସ ପାଳନ କରି ଆସିଥିଲାବେଳେ ପାକିସ୍ତାନ ଅଗଷ୍ଟ ୧୪ରେ ତାହାର ସ୍ୱାଧୀନତା ଦିବସ ପାଳନ କରିଥାଏ । ପାକିସ୍ତାନ କିନ୍ତୁ ୧୯୫୬ ମାର୍ଚ୍ଚ ୨୩ରେ ପାକିସ୍ତାନ ଇସଲାମୀୟ ସାଧାରଣତନ୍ତ୍ର ଭାବରେ ତାହାର ପ୍ରଥମ ସମ୍ବିଧାନକୁ ଗ୍ରହଣ କରି ସାଧାରଣତନ୍ତ୍ର ଦିବସ ପାଳନ କରିଥିଲା ସେଦିନ । ଚତୁର ଇଂରେଜମାନଙ୍କ କୂଟନୀତି ଯୋଗୁଁ ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହୋଇଗଲା । ମାତ୍ର ପାକିସ୍ତାନରେ ଗଣତାନ୍ତ୍ରିକ ଶାସନ ଭୁଷୁଡ଼ି ପଡ଼ିଥିବାବଳେ ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ସେପରି ଅବସ୍ଥାକୁ ଆସି ପାରିନାହିଁ ସତ, କିନ୍ତୁ ଆମ ଗଣତନ୍ତ୍ରକୁ ସଜାଡ଼ିବା ଦିଗରେ ତଥା ଆମ ସମ୍ବିଧାନକୁ ସମ୍ମାନ ଦେବା କ୍ଷେତ୍ରରେ ଆମର କର୍ତ୍ତବ୍ୟ ରହିଛି । ଏପରିକି କ୍ଷମତାସୀନ ସରକାରଙ୍କର ମଧ୍ୟ ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନ ଓ ମର୍ଯ୍ୟାଦା ଦେବା ହେଉଛି କର୍ତ୍ତବ୍ୟ ।

ଭାରତ ପରି ଏକ ଜନବହୁଳ ରାଷ୍ଟ୍ର ବିଭିନ୍ନ ରାଜ୍ୟକୁ ନେଇ ଗଠିତ ଏବଂ ସମ୍ବିଧାନ ହେଉଛି ଜୀବନ୍ତ ଦେବତା ସଦୃଶ । ଏହି ସମ୍ବିଧାନ ଆଧାରରେ ଭାରତକୁ ଶାସନ କରିବାର ୭୬ ବର୍ଷ ପରେ ମଧ୍ୟ ଆମ ସମ୍ବିଧାନରେ ରହି ଯାଇଥିବା ଦୋଷତ୍ରୁଟିକୁ ସୁଧାରିବା ପାଇଁ ପାଞ୍ଚ ବର୍ଷ ମଧ୍ୟରେ କୌଣସି ସରକାରଙ୍କୁ ହୁଏତ ସମୟ ମିଳିବ ନାହିଁ । ମାତ୍ର ଆମ ସମ୍ବିଧାନକୁ ୭୬ ବର୍ଷ ମଧ୍ୟରେ ଆମେ ୧୦୬ ଥର ସଂଶୋଧନ କରି ସାରିଛୁଁ । ଗତ ସମ୍ବିଧାନ ସଂଶୋଧନ ବିଧେୟକଟି ଥିଲା ଲୋକସଭା ସମେତ ବିଭିନ୍ନ ବିଧାନସଭା ଓ ଦିଲ୍ଲୀ ବିଧାନସଭାରେ ପୁନଃ ସୀମା ନିର୍ଦ୍ଧାରଣ କରି ଏକ ତୃତୀୟାଂଶ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ । ବିଧେୟକଟି ସଂସଦର ଉଭୟ ଗୃହରେ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଥିଲା । ଏହା ଥିଲା ଆମର ଶେଷ ସମ୍ବିଧାନ ସଂଶୋଧନ ଆଇନ ।

**ଏଥର ଆମ ସାଧାରଣତନ୍ତ୍ର ଦିବସ ପାଳନ ସହିତ କବି ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ 'ବନ୍ଦେ ମାତରମ' ଜାତୀୟ ସଙ୍ଗୀତର ୧୫୦ତମ ବର୍ଷକୁ ଯୋଡ଼ି ଦିଆଯାଇଛି । ଏହି ସାଧାରଣତନ୍ତ୍ରର ବିଷୟବସ୍ତୁକୁ ଭାରତ ସରକାର 'ସ୍ୱତନ୍ତ୍ର କା ମନ୍ତ୍ର ବନ୍ଦେ ମାତରମ' ଭାବେ ପାଳନ କରାଯିବା ଲାଗି ଯେପରି ଆହ୍ୱାନ ଦେଇଛନ୍ତି, ତାହା ହିଁ ବଡ଼ କଥା ।**

ଆମ ଦେଶର ସମ୍ବିଧାନରେ ଆମର ବୈଶିଷ୍ଟ୍ୟ ପ୍ରତିଫଳିତ । ସମ୍ବିଧାନରେ ନିହିତ ଆମର ଭାବ ଓ ଭାଷା ଖୁବ୍ ହୃଦୟସ୍ପର୍ଶୀ । ଆମ ସମ୍ବିଧାନର ମୁଖବନ୍ଧରେ ଏହାର ବୈଶିଷ୍ଟ୍ୟ ମଧ୍ୟ ପ୍ରତିଫଳିତ । ତଥାପି ପ୍ରଶ୍ନ ଉଠୁଛି, ଏତେ ବର୍ଷ ପରେ ଏହି ସମ୍ବିଧାନର ଶାସନଦ୍ୱାରା ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣ ହୋଇ ପାରୁଛି କି ନାହିଁ । ସେ ବିଷୟରେ ଆତ୍ମସମୀକ୍ଷା କରିବାର ସମୟ ଏବେ ଉପନୀତ । ୧୯୪୭ ଅଗଷ୍ଟ ୨୯ ତାରିଖରେ ଆମ ସମ୍ବିଧାନର ଖସଡା ବା ଚିଠା ପ୍ରସ୍ତୁତ କରିବା ସକାଶେ ଯେଉଁ କମିଟି ଓ ସବ୍‌କମିଟି ଗଠିତ ହୋଇଥିଲା, ସେହି ସବୁ କମିଟିର ସୁପାରିଶ ଅନୁଯାୟୀ ୧୯୪୮ ଫେବୃଆରୀ ମାସରେ ବାବା ସାହେବ ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସମ୍ବିଧାନ ଖସଡ଼ା ପ୍ରସ୍ତୁତକାରୀ କମିଟି ସେ ସବୁକୁ ସମ୍ବିଧାନ ପ୍ରଣୟନକାରୀ ସଭା ବା ଗଣ ପରିଷଦରେ ଉପସ୍ଥାପିତ କରାଯାଇଥିଲା । ଏହା ପରେ ବହୁ ତର୍କ ଓ ବିତର୍କ, ସଂଶୋଧନ ଓ ପରିବର୍ତ୍ତନ ପରେ ପ୍ରସ୍ତାବିତ ସମ୍ବିଧାନଟି ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରଣୟନକାରୀ ସଭା ବା ଗଣ ପରିଷଦର ଅନୁମୋଦନ ଲାଭ କରିଥିଲା । ସେତେବେଳେ ସମ୍ବିଧାନର ଅନେକ ଅନୁଚ୍ଛେଦକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଥିଲା ଏବଂ ସମ୍ବିଧାନର ମୁଖବନ୍ଧ ସମେତ ଅବଶିଷ୍ଟ ଅନୁଚ୍ଛେଦଗୁଡ଼ିକ ୧୯୫୦ ଜାନୁଆରୀ ୨୬ରୁ ଜୀବନ୍ୟାସ ଦିଆ ଯାଇଥିଲା ।

ପୂର୍ବରୁ ଗାନ୍ଧିଜୀଙ୍କ ଆହ୍ୱାନରେ ଜାନୁଆରୀ ୨୬ ତାରିଖଟିକୁ ଆମ ସ୍ୱାଧୀନତା ସଂଗ୍ରାମୀମାନେ 'ସ୍ୱାଧୀନତା ଦିବସ' ଭାବେ ପାଳନ କରି ଆସୁଥିଲେ । ତେଣୁ ଜାନୁଆରୀ ୨୬ ପ୍ରଭୃତରେ ଆମ ପାଇଁ ଶୁଭ ଦିବସ ଥିବାରୁ ସେହି ଦିନଠାରୁ ଆମର ସାଧାରଣତନ୍ତ୍ର ଦିବସ ଆରମ୍ଭ ହୋଇଥିଲା–୧୯୫୦ରୁ ।

ଆମର ସମ୍ବିଧାନ ରହଣିଆ ବା ପୁରୁଣାକାଳିଆ ହୋଇଗଲା ବୋଲି ଅଭିଯୋଗ ହେବାରୁ, ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହାର ସଂଶୋଧନ କରାଯିବା ଲାଗି ଚାହିଁଥିଲେ । ତତ୍କାଳୀନ ସର୍ବୋଚ୍ଚ ଅଦାଲତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଏମ୍. ଏନ୍. ଭେଙ୍କଟଚଲ୍ଲିହାଙ୍କ ନେତୃତ୍ୱରେ ସମ୍ବିଧାନ ସମୀକ୍ଷା ଲାଗି ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ତାଙ୍କର ରିପୋର୍ଟ ସରକାରଙ୍କୁ ଦେଇଥିଲେ । କାହିଁକି କେଜାଣି ତାହା ଆଉ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

୧୯୭୫ ଜୁନ୍ ୨୫ରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଆମ ଦେଶରେ ଯେଉଁ ଜରୁରୀକାଳୀନ ପରିସ୍ଥିତି ଜାରି ଜରିଥିଲେ, ତାହା ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ଯାଏଁ ବଳବତ୍ତର ରହିଥିଲା । ଏହା ମଧ୍ୟ ଆମ ଗଣତନ୍ତ୍ର ପାଇଁ ଏକ କଳଙ୍କ ଥିଲା ।


ପୁଣି ଆମ ସମ୍ବିଧାନର ପ୍ରଥମ ଅନୁଚ୍ଛେଦରେ ଯଦିଓ ଭାରତକୁ ଏକ ୟୁନିଅନ ଭାବେ ବର୍ଣ୍ଣନା କରାଯାଇଛି, ପ୍ରକୃତରେ ରାଜ୍ୟଗୁଡ଼ିକ ସହିତ ଚୁକ୍ତି ବା ରାଜିନାମା ବଳରେ ବିଭିନ୍ନ ରାଜ୍ୟକୁ ନେଇ ୟୁନିଅନ ଗଠିତ ହୋଇନାହିଁ । ସମ୍ବିଧାନର ଏପରି କେନ୍ଦ୍ରପ୍ରବଣତା ନୀତିକୁ ମଧ୍ୟ ରାଜ୍ୟମାନେ ସମାଲୋଚନା କରିଛନ୍ତି । ମାତ୍ର ଏ ସବୁ କଥାକୁ ଏବେ ଚିନ୍ତା କରିବାର ସମୟ ଆସିଛି ।

ଏଥର ଆମ ସାଧାରଣତନ୍ତ୍ର ଦିବସ ପାଳନ ସହିତ କବି ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ 'ବନ୍ଦେ ମାତରମ' ଜାତୀୟ ସଙ୍ଗୀତର ୧୫୦ତମ ବର୍ଷକୁ ଯୋଡ଼ି ଦିଆଯାଇଛି । ଏହି ସାଧାରଣତନ୍ତ୍ରର ବିଷୟବସ୍ତୁକୁ ଭାରତ ସରକାର 'ସ୍ୱତନ୍ତ୍ର କା ମନ୍ତ୍ର ବନ୍ଦେ ମାତରମ' ଭାବେ ପାଳନ କରାଯିବା ଲାଗି ଯେପରି ଆହ୍ୱାନ ଦେଇଛନ୍ତି, ତାହା ହିଁ ବଡ଼ କଥା ।

**(ଗୁରୁକଲ୍ୟାଣ ମହାପାତ୍ର )**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଶସ୍ତା ସୁନ୍ଦର ମଜଭୁତ



**ଡ. ନିରଞ୍ଜନ ସାହୁ**

କିଛି ବର୍ଷ ପୂର୍ବେ କୌଣସି ଜିନିଷ କିଣିବା ବେଳେ ଯଦି ତା'ର ବିଶେଷତ୍ୱ ପରଖା ଯାଉଥିଲା – ତାହାର ଭିତ୍ତି ଥିଲା ଶସ୍ତା, ସୁନ୍ଦର ଓ ମଜଭୂତ – ଅର୍ଥାତ୍ ଚିଜଟିର ମୂଲ୍ୟ ମହଙ୍ଗା ଲାଗୁନାହିଁ ତ ! ଦେଖିବାକୁ ପସନ୍ଦଯୋଗ୍ୟ ତ ଏବଂ ତାହା ଦୀର୍ଘସ୍ଥାୟୀ ବୋଲି ଧାରଣା ହେଉଛି ତ ! ମଧ୍ୟବିତ୍ତ ଭାରତୀୟମାନଙ୍କୁ ଆକୃଷ୍ଟ କରିବା ପାଇଁ ଲୁଗାସଫା ପାଉଡ଼ର ନିର୍ମା ତରଫରୁ ଏମିତି ବିଜ୍ଞାପନର ବହୁଳ ବ୍ୟବହାର ହୋଇଥିଲା ଆଜକୁ ପ୍ରାୟ ଚାଳିଶ ପଚାଶ ବର୍ଷ ପୂର୍ବେ ।

କଥା ହେଲା ସେଇ ଧାରଣା ଭିତରେ ଭାରତୀୟମାନେ ଏବେ ବି ଅଛନ୍ତି ନା ସେଥିରେ କିଛି ପରିବର୍ତ୍ତନ ଆସିଛି ? ଗତ କିଛି ବର୍ଷ ହେଲା ଭାରତୀୟମାନଙ୍କର ହାରାହାରି ଆୟ ବୃଦ୍ଧି ପାଇଛି ଯଦିଓ ଏବେବି ଅନେକ ଲୋକଙ୍କର ଜୀବନ ଧାରଣର ମାନ ଖୁବ୍ ତଳେ । ଭାରତର ଲୋକସଂଖ୍ୟା ଏତେ ବଢ଼ିଯାଇଛି ଯେ ଯେତେ କ୍ଷୁଦ୍ର ଶତାଂଶ ନେଇ ପରଖିଲେ ବି ସେଥିରେ କୋଟି କୋଟି ଲୋକ ସାଲୁବାଲୁ ହେଲା ଭଳି ଲାଗନ୍ତି ।

ଶସ୍ତା କହିଲେ ସାଧାରଣତଃ ଧାରଣା ହେବ ଯେଉଁଠି କ୍ରୟମୂଲ୍ୟ କମ୍ । ଯେ ଏକ ଅଦ୍ଭୁତ ଅଭିଜ୍ଞତା – ଯେମିତି ମଧ୍ୟଯୁଗରେ ଐତିହାସିକ ଆଲବିରୁଣି ଲେଖିଥିଲେ– 'ଆପଣ ଚାହିଁଲେ ଅଧଲାଟିଏ ଦେଇ ଗୋଟିଏ ବି କିଣି ପାରିବେ' – ମାତ୍ର ତା' ପରେ ପରେ ସେ ଲେଖିଛନ୍ତି– ହେଲେ ସେଇ ଅଧଲାଟିଏ ପାଇବା ବି ଥିଲା କାଠିକର ପାଠ ।

ଆଲ୍ଲାଉଦ୍ଦିନ ଖିଲଜୀ ବଜାର ଦର ଉପରେ ଏପରି ନିୟନ୍ତ୍ରଣ ଜାରି କରିଥିଲେ ଯେ ଦର ଥିଲା ଖୁବ୍ କମ୍– ମାତ୍ର ପଇସା କାରବାର ବି ଥିଲା ଖୁବ୍ ମାନ୍ଦା, କି ଭଲା ଅର୍ଥନୀତି ପାଠ ଆସିଲା ଯେ ସେଥିରେ କୁହାଗଲା ଦରଦାମ୍ ବଢ଼ିବା ଗୋଟିଏ ଭଲକଥା ତାହା କୁଆଡ଼େ ବେପାର ବଣିଜକୁ ଅନୁକୂଳ କରାଏ – ଅର୍ଥନୀତିର ଗହନ ନୀତି ବୁଝିପାରୁ ନ ଥିବା ଛାତ୍ର ଓ ସାଧାରଣ ଲୋକେ ତାକୁ ଅମଳ କରିପାରନ୍ତି ନାହିଁ – ହେଲେ ଦରଦାମ୍ ଅତ୍ୟଧିକ ବୃଦ୍ଧି ବି ସବୁ କାଳରେ ଖାଉଟିକୁ ବାଧେ– ଅର୍ଥନୀତି ପାଇଁ ଘାତକ ସାଜେ – ତେଣୁ ଲଗାମଛଡ଼ା ଦର ବୃଦ୍ଧି ଯେମିତି ନ ହେବ ସେଥିରେ ମନ ଦେଇଥାନ୍ତି ଦେଶର ନେତୃମଣ୍ଡଳୀ ଓ ଅର୍ଥନୀତିଜ୍ଞମାନେ ।

ଯେଉଁମାନଙ୍କ ପାଖରେ ବହୁ ପଇସା ଥାଏ ସେମାନେ ସାଧାରଣ ଲୋକଙ୍କଠାରୁ ନିଜର ସ୍ୱାତନ୍ତ୍ର୍ୟ ଜାହିର କରନ୍ତି ଆଉ ସେଇ ସ୍ୱାତନ୍ତ୍ର୍ୟରୁ ଗୋଟିଏ ହେଲା ମହଙ୍ଗା ଜିନିଷ ଖରିଦ କରିବା । ଏଇଭଳି ଲୋକଙ୍କ ପାଇଁ କିଛି ଜିନିଷର ଦର ଅତ୍ୟଧିକ ବୃଦ୍ଧି ହୁଏ – ସେଇ ଜିନଷକୁ ଆମେ ବ୍ରାଣ୍ଡେଡ୍ ଜିନିଷ ବୋଲି କହୁ– ଆମ ଭଳି ସାଧାରଣ ଲୋକଙ୍କ ଜୀବନଚର୍ଯ୍ୟାରେ ତାହା ଅଂଶ ପାଲେଟେ ନାହିଁ– ମାତ୍ର ଧନୀକମାନେ ସେଇମିତି ବ୍ରାଣ୍ଡେଡ୍ ଜିନିଷ ଖରିଦ କରି ତାଙ୍କର ସ୍ୱାତନ୍ତ୍ର୍ୟ ଜାହିର କରନ୍ତି । ତାଙ୍କ ଭିତରେ ଥିବା ଅହମିକା ତାହାରି ବାଟଦେଇ ପ୍ରକଟିତ ହୁଏ ।

ଥରେ ଜଣେ ଭଦ୍ର ମହିଳା ଗୋଟିଏ ଦୋକାନକୁ ଶାଢ଼ି କିଣିବାକୁ ଗଲେ– ଲୁଗା ଦୋକାନର ପରିଚାରକ ତାଙ୍କୁ ହରେକ ଲୁଗା ଦେଖାଉଥାନ୍ତି–ତାଙ୍କର ଆଖି କେବଳ ପ୍ରାଇସ୍ ଟ୍ୟାଗ୍ ଉପରେ ଥାଏ – ଦୂରରୁ ତାଙ୍କୁ ନଜର କରୁଥିବା ମାଲିକ ଆଉ ଜଣେ ଅଭିଜ୍ଞ ବିକ୍ରେତାଙ୍କୁ ତାଙ୍କ ନିକଟକୁ ପଠେଇଲେ – ଯିଏ କି ମହିଳାଙ୍କର ମନକଥା ତାଙ୍କୁ କହିଦେଲେ ଓ ତାଙ୍କୁ ପ୍ରଶଂସାରେ ପୋତି ପକେଇ କହିଲେ– ମ୍ୟାଡ଼ାମ୍ ଆପଣଙ୍କ ପରି ବଡ଼ ଘରର ଲୋକଙ୍କ ପାଇଁ ଆଉ ଗୋଟିଏ ନୂଆ ସେକ୍‌ସନ୍ ଅଛି, ଆସନ୍ତୁ ସେଇଠୁ ଆପଣଙ୍କ ପରି ହାଇ ଭାଲ୍ୟୁ ଲୋକଙ୍କ ଶାଢ଼ି ଦେଖେଇବି – ସେଇଠି ସବୁ ଶାଢ଼ିର ଦାମ କୋଡ଼ିଏ ତିରିଶ ହଜାରରୁ ଉପରେ– କିଛି ସମୟ ଭିତରେ ଗୋଟିଏ ଦାମୀ ଶାଢ଼ି କିଣି ଫେରି ଆସିଲେ ମହିଳା ଜଣକ ଅର୍ଥାତ୍ କିଛି ଲୋକଙ୍କ ଭିତରେ ଧାରଣା ଥାଏ ସେ ଅଧିକ ଦାମ୍ ମାନେ ତାହା କେବଳ ତାଙ୍କ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ, ସେମାନେ ଭାବନ୍ତି ଶସ୍ତା ଖୋଜୁଥିବା ଲୋକମାନେ ଅଧମ ଓ ଅନାମଧେୟ– ତେଣୁ ଶସ୍ତା ସେମାନଙ୍କ ନଜର ବାହାରେ । ଯେହେତୁ ଏଇ ଶ୍ରେଣୀୟ ଗ୍ରାହକଙ୍କ ଭିତରେ ଅଧିକ ମୁଦ୍ରା ଖର୍ଚ୍ଚକରି ବ୍ରାଣ୍ଡେଡ୍ ଜିନିଷ କିଣିବାର ପ୍ରବଣତା ଥାଏ, ସେଇ ପ୍ରବଣତାରୁ ଲାଭ ଉଠାନ୍ତି ବଣିକ ଶ୍ରେଣୀ– କେତେ ଲାଭ କରନ୍ତି ସେ ବିଷୟ କେବେ ଚର୍ଚ୍ଚା କରନ୍ତି ନାହିଁ କ୍ରେତା ଗୋଷ୍ଠୀ ।

ଆଗରୁ ଜିନିଷ ଶସ୍ତା କରିବା ପାଇଁ କେତେକ ଦେଶରେ ସରକାରମାନେ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଉପରେ ସବ୍‌ସିଡି ଦେଉଥିଲେ– ମାତ୍ର ସେଇ ପର୍ଯ୍ୟାୟରେ ନୂଆ ଅଧ୍ୟାୟ ଯୋଡ଼ିଲେ ଆମେରିକାର ରାଷ୍ଟ୍ରପତି ମିଷ୍ଟର ଟ୍ରମ୍ପ୍– ନିଜ ଦେଶରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବାହାର ଦେଶରୁ ଆମଦାନୀ ଦ୍ରବ୍ୟ ତୁଳନାରେ ଅଧିକ ପ୍ରତିଯୋଗୀ ହେବା ଲକ୍ଷ୍ୟରେ ଆମଦାନୀ ଶୁଳ୍କ ଲାଗୁ କଲେ ଯାହା ଟାରିଫ୍ ଭାବରେ ବିଶେଷ ଆଲୋଚିତ– ଅନ୍ୟର ଜିନିଷ ଉପରେ ଶୁଳ୍କ ଲଗେଇ ତା'ର ଦର ବଢ଼େଇ ନିଜ ଦ୍ରବ୍ୟକୁ ଶସ୍ତାରେ ବିକ୍ରୀ କରିବାର ନୂଆ ଉପାୟ ବାହାର କରି ଆମେରିକାର ରାଷ୍ଟ୍ରପତି ଯେଉଁ ବିଭୂଷଣ ଅର୍ଜନ କରିଛନ୍ତି ତାକୁ ଇତିହାସ କେମିତି ବିବେଚନା କରିବ ତାହା ଦେଖିବାକୁ ବାକି ରହିଲା ।

**ଆଗରୁ ଜିନିଷ ଶସ୍ତା କରିବା ପାଇଁ କେତେକ ଦେଶରେ ସରକାରମାନେ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଉପରେ ସବ୍‌ସିଡି ଦେଉଥିଲେ– ମାତ୍ର ସେଇ ପର୍ଯ୍ୟାୟରେ ନୂଆ ଅଧ୍ୟାୟ ଯୋଡ଼ିଲେ ଆମେରିକାର ରାଷ୍ଟ୍ରପତି ମିଷ୍ଟର ଟ୍ରମ୍ପ୍– ନିଜ ଦେଶରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବାହାର ଦେଶରୁ ଆମଦାନୀ ଦ୍ରବ୍ୟ ତୁଳନାରେ ଅଧିକ ପ୍ରତିଯୋଗୀ ହେବା ଲକ୍ଷ୍ୟରେ ଆମଦାନୀ ଶୁଳ୍କ ଲାଗୁ କଲେ ଯାହା ଟାରିଫ୍ ଭାବରେ ବିଶେଷ ଆଲୋଚିତ– ଅନ୍ୟର ଜିନିଷ ଉପରେ ଶୁଳ୍କ ଲଗେଇ ତା'ର ଦର ବଢ଼େଇ ନିଜ ଦ୍ରବ୍ୟକୁ ଶସ୍ତାରେ ବିକ୍ରୀ କରିବାର ନୂଆ ଉପାୟ ବାହାର କରି ଆମେରିକାର ରାଷ୍ଟ୍ରପତି ଯେଉଁ ବିଭୂଷଣ ଅର୍ଜନ କରିଛନ୍ତି ତାକୁ ଇତିହାସ କେମିତି ବିବେଚନା କରିବ ତାହା ଦେଖିବାକୁ ବାକି ରହିଲା ।**

ସୁନ୍ଦର ଜିନିଷ ପ୍ରତି ଯୁଗ ଯୁଗରେ ପ୍ରବଣତା ରହିଛି – ହେଲେ ସୁନ୍ଦରତା କେବଳ ବାହ୍ୟ ଗୁଣ ନୁହେଁ – ସୁନ୍ଦରତା ଯେତେବେଳେ ଏକ ଆନ୍ତରିକ ଅଳଙ୍କାର ସେତେବେଳେ ତାହା ଅଧିକ ଗ୍ରହଣୀୟ ।

ପଳାସଫୁଲ ସୁନ୍ଦର ଦିଶିପାରେ ମାତ୍ର ସୁଗନ୍ଧିର ଅନୁପସ୍ଥିତି ହେତୁ ତାହା ସେତେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ନାହିଁ । ମାତ୍ର ଆଧୁନିକ ଯୁଗର ଯନ୍ତ୍ର ପ୍ରସ୍ତୁତ ଦ୍ରବ୍ୟ ସବୁ ଦେଖିବାକୁ ଭାରି ସୁନ୍ଦର – ଆପଣ ଯଦି ସାଧାରଣଜ୍ଞାନରେ ଟିକିଏ ଊଣା ହୋଇଥାନ୍ତି ଆଉ ଦୋକାନୀ ଆପଣଙ୍କୁ କହେ ଆପଣ ନନ୍‌ପଲିସ୍ ଡାଲି ନେବେ ନା ପଲିସ୍ – ଆପଣଙ୍କୁ ଧାରଣା ହୋଇପାରେ ପଲିସ୍ ହୋଇଥିବା ଡାଲି ବୋଧହୁଏ ଉତ୍କୃଷ୍ଟ ମାତ୍ର ବାସ୍ତବତା ଠିକ୍ ତା'ର ବିପରୀତ । ଅର୍ଥାତ୍ ସୁନ୍ଦର କେବଳ ବାହ୍ୟ ଆଭରଣ ହେଲେ ଚଳିବ ନାହିଁ – ଗୁଣ ମଧ୍ୟ ଅନୁରୂପ ହୋଇଥିବା ଦରକାର ।

ମଜଭୂତ ବୋଲି କୁହାଯାଉଥିଲା ସେଇ ଦ୍ରବ୍ୟକୁ ଯାହା ଅଧିକ ଦିନ ଧରି ବ୍ୟବହାର ଯୋଗ୍ୟ ଥିଲା– ମାତ୍ର ଫେସନର ଦୁନିଆଁରେ ମଜଭୂତ ଏକ ଅଗ୍ରହଣୀୟ ବାସ୍ତବତା । ଫେସନ ଏତେ ଶୀଘ୍ର ବଦଳି ଯାଇପାରେ ତାହା ହୁଏତ ଆପଣ କଳ୍ପନା କରିପାରିବେ ନାହିଁ । କିଛି ବର୍ଷ ପୂର୍ବରୁ ଯେଉଁ ଖଣ୍ଡକାବ୍ୟ ବହୁଳ ବ୍ୟବହୃତ ତାହା ହେଲା use and throw ଅର୍ଥାତ୍ ବ୍ୟବହାର କରନ୍ତୁ ଓ ଫିଙ୍ଗି ଦିଅନ୍ତୁ – ଆଗରୁ ଯେଉଁ ଧାରଣା ଥିଲା ସେଗୁଡ଼ିକ ଆଜି ଅଦରକାରୀ ହୋଇଯାଇଛି ।

ଖାଲି ଗାନ୍ଧିଜୀ କହୁ ନ ଥିଲେ ଜିନିଷର ସର୍ବଶ୍ରେଷ୍ଠ ବ୍ୟବହାର କରିବା ପାଇଁ – ଆମ ଗାଁ ଗହଳିର ସ୍ତ୍ରୀ ଲୋକେ ବି ତାହା କାମରେ କରି ଦେଖାଉଥିଲେ– ଶାଢ଼ିଟିଏ ପୁରୁଣା ହେଲେ – ସେଥିରେ ବ୍ଲାଉଜ୍ କିମ୍ବା ସାୟା ତିଆର ହେଉଥିଲା – ସାୟା ଚିରିଗଲେ ରୁମାଲ ହେଉଥିଲା ଏବେ ସେ ସବୁ କଥା ଶୁଣିଲେ ଯୁବପିଢ଼ି ତାଚ୍ଛଲ୍ୟ କରିବେ, ଅତଏବ ଗୋଟିଏ ଜିନିଷର ବହୁଦିନ ଧରି ବ୍ୟବହାର ଏବେ ଏକ ପରିତ୍ୟକ୍ତ କାହାଣୀ ।


ଆମେ ଆଜି ଦୁନିଆରେ ଖୁବ୍ ଦାମୀ ଜିନିଷ କିଣିବାକୁ ଚାହୁଁ ଏବଂ ଆମର ସୌନ୍ଦର୍ଯ୍ୟବୋଧ ଏପରି ସ୍ତରରେ ପହଞ୍ଚିଲାଣି ଯେତେବେଳେ ପୁରୁଣା ଛିଣ୍ଡା ପ୍ୟାଣ୍ଟ ସାର୍ଟକୁ ନୂଆ ଫେସନ ଭାବି ଅଧିକ ଦାମ୍‌ରେ କିଣି ପିନ୍ଧିବାକୁ ପସନ୍ଦ କରୁଁ ।

ମଜଭୂତ ଜିନିଷ ଆମର ଇଚ୍ଛା ଓ ସ୍ୱାଧୀନତା ବିରୋଧୀ – ଆଧୁନିକ ନାଁରେ ଆମେ ସବୁ ପୁରୁଣାକୁ ଧ୍ୱଂସ କରିବା ପାଇଁ ଆଗଭର ।

ଶସ୍ତା ସୁନ୍ଦର ମଜଭୂତର ଯୁଗ ସରିଯାଇଛି – ଏବେ ଆସିଛି ଉଗ୍ର ଆଧୁନିକତାର ନବ ପ୍ରହାର । ଆଧୁନକତାର ପ୍ରହାରରେ ଆମେ ପୀଡ଼ା ପାଉଛୁ ମାତ୍ର ତାକୁ ଅଗ୍ରାଧିକାର ଦେଉଛୁଁ । ମାତ୍ର ଆମର ବୁଦ୍ଧି, ବିବେକ ଓ ଭଗବତ ବିଶ୍ୱାସ ପୁରାତନ ହେଲେବି ସେ ମଣିଷ ସମାଜକୁ ଭଲ ବାଟରେ ଯିବାକୁ ଦେବ । ସେଇ ଆମ ଭିତରେ ଥାଇ ଝଲମଲ କରୁଥିବା ଶସ୍ତା ସୁନ୍ଦର ମଜଭୂତ ଚିଜ୍ । ତାକୁ ଭୁଲିଲେ ବାଟ ହୁଡ଼ିବା ହିଁ ସାର ହେବ ।

**ମୋ– ୯୪୩୮୪୮୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ)**

# ଯଶସ୍ୱୀ ପ୍ରତିଭାଧର ଶ୍ରୀଧର ସ୍ୱାମୀ



**ଅନନ୍ତ ଗୋପାଳ ପଣ୍ଡା**

ଅଖିଳ ବିଶ୍ୱ ବ୍ରହ୍ମାଣ୍ଡର ସର୍ବମୟ କର୍ତ୍ତା, ଦେବ ଦାନବ ଓ ମାନବର ଗତିମୁକ୍ତିଦାତା, ପରମାତ୍ମା ପରମେଶ୍ୱରଙ୍କର ବାଙ୍ମୟ ସତ୍ତା ଭାବେ ଅଭିହିତ ତଥା ସନାତନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ପଠିତ ଓ ପୂଜିତ ଗ୍ରନ୍ଥ ଦ୍ୱୟ ହେଲେ ଶ୍ରୀମଦ୍ ଭାଗବତ ଓ ଶ୍ରୀମଦ୍ ଭଗବଦ୍‌ଗୀତା । 'ଭାଗବତ ଭଗବତାନାଂ ଚ ମୁଖଂ ସ୍ଖଳିତ ଅକ୍ଷରଂ' ନ୍ୟାୟରେ ଏବଂ 'ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ ପଦ୍ମାଦ୍ ବିନିସୃତା' ଆଧାରରେ ଉଭୟ ଗ୍ରନ୍ଥ ଭଗବାନଙ୍କ ମୁଖରୁ ନିଃସୃତ ହୋଇଛି ।

ଭଗବାନଙ୍କ ସପ୍ତଦଶ ଅବତାର ଭାବେ ଅଭିହିତ ପରମପୂଜ୍ୟ ବ୍ୟାସଦେବ ଭାଗବତ ମହାପୁରାଣକୁ ୧୮୦୦୦ ଶ୍ଳୋକରେ ଏବଂ ମହାଭାରତର ଭୀଷ୍ମପର୍ବର ପଚିଶ ଅଧ୍ୟାୟରୁ ବୟାଳିଶ ଅଧ୍ୟାୟ ପର୍ଯ୍ୟନ୍ତ ଅର୍ଥାତ୍ ଅଷ୍ଟାଦଶ ଅଧ୍ୟାୟରେ ସାତଶହ ଶ୍ଳୋକରେ ସଂସ୍କୃତ ଭାଷାରେ ରଚନା କରିଛନ୍ତି । ସଂସ୍କୃତରେ ଲିଖିତ ଏହି ଶ୍ଳୋକମାନଙ୍କୁ ସର୍ବସାଧାରଣଙ୍କ ନିକଟରେ ବୋଧଗମ୍ୟ କରିବା ନିମନ୍ତେ ଯେଉଁ କତିପୟ ପ୍ରାଜ୍ଞ, ବିଜ୍ଞ ଓ ଅଭିଜ୍ଞ ଲେଖକ ବୃନ୍ଦ ଲେଖନୀ ଚାଳନା ପୂର୍ବକ ଶ୍ଳୋକମାନଙ୍କୁ ବିଶଦବାଖ୍ୟା ମାଧ୍ୟମରେ ବା ଟୀକା ଆକାରରେ ପ୍ରକାଶ କରିଛନ୍ତି ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ସ୍ଥାନିତ ହୁଅନ୍ତି ଯଶସ୍ୱୀ ପ୍ରତିଭାଧର ଶ୍ରୀଧର ସ୍ୱାମୀ ।

ପୂର୍ବ ଭାରତର ବୃନ୍ଦାବନ ଭାବେ ସର୍ବଜନ ବିଦିତ, ରମଣୀୟ ସ୍ଥାନମାନଙ୍କ ଦ୍ୱାରା ପରିବେଷ୍ଟିତ ରେମୁଣାର ଅନତିଦୂରରେ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ସନ୍ନିକଟ ମୟୂର ବା ମରେଇ ଗ୍ରାମରେ ୧୩୨୫ ମସିହା (ଗବେଷକ ଡାଃ ବିଷ୍ଣୁଚରଣ ମିଶ୍ରଙ୍କ ମତାନୁସାରେ) ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଜନ୍ମଗ୍ରହଣ କରିଥିଲେ ଏହି ପ୍ରଜ୍ଞାପୁରୁଷ ଶ୍ରୀଧର । କେତେକଙ୍କ ମତରେ ତାଙ୍କର ଆବିର୍ଭାବ ହୋଇଥିଲା ୧୩୦୧ ମସିହାରେ । ତାଙ୍କ ପିତାଙ୍କ ନାମ ଥିଲା ହରିହର ପତି । ପିତାଙ୍କ ସମ୍ପର୍କରେ ଶ୍ରୀଧର ନିଜ ରଚନାରେ ହରିହରାତ୍ମଜ ଭାବେ ଉଲ୍ଲେଖ କରିଛନ୍ତି । ପିଲାଟି ଦିନରୁ ଶ୍ରୀଧର ଥିଲେ ଈଶ୍ୱର ବିଶ୍ୱାସୀ ଏବଂ ଉଗ୍ରବୀର ମହାବିଷ୍ଣୁ ନୃସିଂହଙ୍କ ଉପାସକ । ସଂସ୍କୃତ ଭାଷାର ଏକ ପ୍ରମୁଖ ପୀଠ ଭାବେ ଅଭିହିତ ରେମୁଣାରୁ ଶ୍ରୀଧରଙ୍କ ସଂସ୍କୃତ ଶିକ୍ଷାର ହୋଇଥିଲା ଅୟମାରମ୍ଭ । ସେହି ସମୟରେ ବଙ୍ଗଳାର ମହନୀୟ ସନ୍ଥ ପରମାନନ୍ଦ ପୁରୀ କ୍ଷୀରଚୋରା ଗୋପୀନାଥଙ୍କ କାନ୍ତ କମନୀୟ ରୂପରେ ବିମୁଗ୍ଧ ହୋଇ ରେମୁଣାରେ ଅବସ୍ଥାନ କରୁଥିଲେ । କିଶୋର ବୟସରେ ଉପନୀତ ଶ୍ରୀଧରଙ୍କର ଶାନ୍ତ ସରଳ ସ୍ୱଭାବ ଓ ଉତ୍ତମ ଆଚରଣରେ ପ୍ରୀତ ହୋଇ ପରମାନନ୍ଦ ପୁରୀ ଶ୍ରୀଧରଙ୍କୁ ଦୀକ୍ଷା ପ୍ରଦାନ ପୂର୍ବକ ଶିଷ୍ୟ ଭାବରେ ଗ୍ରହଣ କରିଥିଲେ । ଶ୍ରୀଧରଙ୍କ ରଚିତ ଟୀକାରେ ଗୁରୁ ପରମାନନ୍ଦ ପୁରୀଙ୍କ ନାମ ଅନ୍ତର୍ଭୁକ୍ତ ହୋଇଛି । ଯଥା– 'ଶ୍ରୀଗୁରୁ ପରମାନନ୍ଦଂ ବନ୍ଦେ ଆନନ୍ଦ ବିଗ୍ରହମ୍, ଯସ୍ୟ ସ୍ମରଣ ମାତ୍ରେଣ ଚିଦାନନ୍ଦାୟତେ ବପୁଃ ।' କିଛିଦିନ ରେମୁଣାରେ ଅବସ୍ଥାନ କରି ଗୁରୁ ପରମାନନ୍ଦ ଶ୍ରୀଧରଙ୍କୁ ସାଥିରେ ଧରି ଯାଇଥିଲେ ନବଦ୍ୱୀପ ଧାମକୁ । ନବଦ୍ୱୀପ ଅବସ୍ଥାନ କାଳରେ ଶ୍ରୀଧର ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଦିକ ଶାସ୍ତ୍ର ଅଧ୍ୟୟନରେ ଲିପ୍ତ ରହିଲେ । ପରେ ଅଧିକ ଜ୍ଞାନ ଆହରଣ ନିମନ୍ତେ ଗୁରୁଙ୍କ ଆଦେଶରେ ଶ୍ରୀଧର ବିଦ୍ୟାନଗରୀ କାଶୀଧାମକୁ ଗମନ କଲେ ।

ଶ୍ରୀମଦ୍ ଭଗବଦ୍‌ଗୀତାର ଶ୍ଳୋକମାନଙ୍କୁ ବୋଧଗମ୍ୟ କରିବା ଉଦ୍ଦେଶ୍ୟରେ ଟୀକା ରଚନାକାରୀ ପଣ୍ଡିତମାନଙ୍କର ଏକ ସମ୍ମିଳନୀ ତତ୍କାଳୀନ କାଶୀ ରାଜା ଜୟଚନ୍ଦ୍ରଙ୍କ ଦ୍ୱାରା ଆହୂତ ହୋଇଥିଲା । ସଂସ୍କୃତ ଭାଷାରେ ରାଜାଙ୍କ ପାଣ୍ଡିତ୍ୟ ଥିଲେ ମଧ୍ୟ ପଣ୍ଡିତମାନଙ୍କ ଦ୍ୱାରା ପ୍ରଦତ୍ତ ଟୀକାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଟୀକା ଚୟନ ନିମନ୍ତେ ବାଦାନୁବାଦ ହେବାରୁ ରାଜାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଟୀକାମାନଙ୍କୁ କାଶୀ ବିଶ୍ୱନାଥଙ୍କ ମନ୍ଦିରରେ ରଖି ତାଲାପକାଇ ଜଉମୁଦ ଦିଆଗଲା । ପରଦିନ ପ୍ରଭାତରେ ମନ୍ଦିରର ଦ୍ୱାର ଉନ୍ମୁକ୍ତ ହେବାରୁ ଦେଖାଗଲାଯେ ଶ୍ରୀଧରଙ୍କ ରଚିତ ଟୀକା ବିଶ୍ୱନାଥଙ୍କ ନାଭିକମଳରେ ସ୍ଥାନ ପାଇଅଛି । ତେଣୁ ରାଜା ଶ୍ରୀଧରଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତା ଉପରେ ରଚିତ ସୁବୋଧିନୀ ଟୀକାକୁ ଶ୍ରେଷ୍ଠ ଟୀକାର ମାନ୍ୟତା ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଟୀକା ପାଠକରି ବୃନ୍ଦାବନର ଷଡଗୋସ୍ୱାମୀମାନଙ୍କ ମଧ୍ୟରୁ ଜୀବ ଗୋସ୍ୱାମୀ, ସନାତନ ଗୋସ୍ୱାମୀ ମଧ୍ୟ ଗୀତା ଉପରେ ଟୀକାମାନ ପ୍ରଣୟନ କରିଥିଲେ ।

ଶ୍ରେଷ୍ଠ ଟୀକାକାର ଭାବେ ପ୍ରସିଦ୍ଧି ଅର୍ଜନ କରିବା ପରେ ବେଶୀ ଦିନ କାଶୀରେ ଅବସ୍ଥାନ ନକରି ଶ୍ରୀଧର ଫେରି ଆସିଲେ ନୀଳାଚଳଧାମକୁ । ପୁରୀ ଅବସ୍ଥାନ କାଳରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ରାମକୃଷ୍ଣାନନ୍ଦଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ଶ୍ରୀଧର ନାମରେ ପରିଚିତ ହେଲେ । ତତ୍କାଳୀନ ଉତ୍କଳର ଗଜପତି ପ୍ରତାପଭାନୁ ଦେବଙ୍କ ଅନୁରୋଧ କ୍ରମେ ରାମକୃଷ୍ଣାନନ୍ଦ କପିଳାସ ସ୍ଥିତ ଶ୍ରୀଚନ୍ଦ୍ରଶେଖରଙ୍କ ପୂଜାର୍ଚ୍ଚନାର ବ୍ୟବସ୍ଥା ଦେଖିବା ପାଇଁ ଯିବା ସମୟରେ ସାଥୀରେ ଶିଷ୍ୟ ଶ୍ରୀଧର ସ୍ୱାମୀଙ୍କୁ ନେଇ ଯାଇଥିଲେ । ସେଠାରେ ସ୍ୱାମୀ ରାମକୃଷ୍ଣାନନ୍ଦ ବ୍ରହ୍ମଚାରୀ ମଠ ସ୍ଥାପନ କରି ସେହି ମଠର ଦାୟିତ୍ୱ ଶ୍ରୀଧରଙ୍କ ହସ୍ତରେ ଅର୍ପଣ କରିଥିଲେ । ଶ୍ରୀଧରଙ୍କ କୁଳଦେବତା ଥିଲେ ନୃସିଂହ । ତେଣୁ ଶ୍ରୀଧର ନୃସିଂହ ମନ୍ତ୍ର ଜପ ପୂର୍ବକ ସାଧନାରେ ସିଦ୍ଧି ଲାଭ କରିଥିଲେ । ଏହି ପୀଠରେ ଅବସ୍ଥାନ କାଳରେ ସେ ତାଙ୍କର 'ଭାବାର୍ଥ ଦୀପିକା ଟୀକା', 'ବିଷ୍ଣୁ ପୁରାଣ ଉପରେ ଆତ୍ମ ପ୍ରକାଶିକା ଟୀକା', 'ବାଳ ବୋଧିନୀ ଟୀକା'ମାନ ରଚନା କରିଥିଲେ । ଭାଗବତର ତତ୍ତ୍ୱମାନଙ୍କ ସମ୍ପର୍କରେ ଅବିହିତ ହେବା ସହିତ ଟୀକାମାନ ରଚନା କରିବା ଯେ ପ୍ରଭୁ ନୃସିଂହଙ୍କ କୃପାରୁ ହୋଇଛି ସମ୍ଭବ, ନିମ୍ନୋକ୍ତ ଶ୍ଳୋକହିଁ ଏହାର ସତ୍ୟତାକୁ ପ୍ରତିପ୍ରଦାନ କରେ । ଯଥା:–'ବ୍ୟାସୋ ବେତ୍ତି ଶୁକବେତ୍ତି ରାଜାବେତ୍ତିନ ବେତ୍ତିବା, ଶ୍ରୀଧରଂ ସକଳଂ ବେତ୍ତି ଶ୍ରୀନୃସିଂହ ପ୍ରସାଦତଃ ।'



ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ରାମକୃଷ୍ଣା ନନ୍ଦଙ୍କ ମହାପ୍ରୟାଣ ପରେ ରାଜା ଚତୁର୍ଥ ନରସିଂହ ଦେବ (୧୩୭୮–୧୪୧୪) ଏହି ପୀଠର ଗୁରୁଦାୟିତ୍ୱ ଶ୍ରୀଧର ସ୍ୱାମୀଙ୍କୁ ଅର୍ପଣପୂର୍ବକ ତାଙ୍କୁ ଶଙ୍କରାଚାର୍ଯ୍ୟ ପଦରେ ଅଧିଷ୍ଠିତ କରାଇଥିଲେ । ଏହି ପୀଠର ଗୁରୁ ପରମ୍ପରାରେ ଦଶମ ଏବଂ ୧୧୬ତମ ଆଚାର୍ଯ୍ୟମାନଙ୍କ ନାମ ତାଲିକାରେ ଶ୍ରୀଧର ସ୍ୱାମୀଙ୍କ ନାମ ଥିବାର ଜଣାଯାଏ । ଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ମତାନୁସାରେ ଶ୍ରୀଧର ସ୍ୱାମୀ ଗୋବର୍ଦ୍ଧନ ପୀଠର ଦଶମ ଶଙ୍କରାଚାର୍ଯ୍ୟ ଆସନ ଅଳଙ୍କୃତ କରିଥିଲେ । ଉତ୍କଳ ଜନନୀର ବରପୁତ୍ର ଭାବରେ ଶଙ୍କରାଚାର୍ଯ୍ୟ ପଦବୀ ମଣ୍ଡନ କରିବାରେ ଶ୍ରୀଧର ସ୍ୱାମୀ ହେଉଛନ୍ତି ପ୍ରଥମ ଉତ୍କଳୀୟ ଯାହା ଆମ ରାଜ୍ୟପାଇଁ ଏବଂ ଆମ୍ଭମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

ପ୍ରେମାବତାର ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀଧର ସ୍ୱାମୀଙ୍କ ରଚିତ ଟୀକାମାନ ପାଠ କରି ଅଭିଭୂତ ହୋଇଛନ୍ତି । ସେ ତାଙ୍କୁ ମଧ୍ୟ ଗୁରୁ ଭାବେ ଅଭିହିତ କରିଛନ୍ତି ଯାହା 'ଚୈତନ୍ୟ ଚରିତାମୃତ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ଯଥା:– 'ଶ୍ରୀଧର ସ୍ୱାମୀ ପ୍ରସାଦେ ଭାଗବତ ଜାନି, ଜଗଦ୍‌ଗୁର ଶ୍ରୀଧର ସ୍ୱାମୀ ଗୁରୁ କରି ମାନି '। ଷୋଡଶ ଶତାବ୍ଦୀର ଅନ୍ୟତମ ସନ୍ଥ ଗୋସ୍ୱାମୀ ଶ୍ୟାମାନନ୍ଦ ମଧ୍ୟ ଶ୍ରୀଧର ସ୍ୱାମୀଙ୍କ ମହିମାକୁ ପ୍ରଖ୍ୟାପିତ କରି ଲେଖିଛନ୍ତି, 'ଶ୍ରୀଧର ସ୍ୱାମୀର ସ୍ଥାନେ ଗମନ କରିଲ, ଦର୍ଶନ ମାତ୍ରକେ ଧୂଳାୟଗଡାଗଡି ଦିଲ '। ଶ୍ରୀଧର ସ୍ୱାମୀଙ୍କ ଦ୍ୱାରା ରଚିତ ଭାବାର୍ଥ ଦୀପିକା ଟୀକା ଅବଲମ୍ବନରେ ପଞ୍ଚସଖାମାନଙ୍କ ମଧ୍ୟରେ ଭକ୍ତି ତତ୍ତ୍ୱର ଉଦ୍‌ଘୋଷକ ଜଗନ୍ନାଥ ଦାସ ବ୍ୟାସଦେବଙ୍କ କୃତ ସଂସ୍କୃତ ଭାଷାରେ ରଚିତ ଶ୍ରୀମଦ୍ ଭାଗବତକୁ ନବାକ୍ଷରୀରେ ଅନୁସୃଜନ କରିଛନ୍ତି । ଦ୍ୱାଦଶ ସ୍କନ୍ଧର ତ୍ରୟୋଦଶ ଅଧ୍ୟାୟରେ ସେ ଲେଖିଛନ୍ତି–

**'ଶ୍ରୀଧର ନାମେ ବିପ୍ରବର/କଳିଯୁଗରେ ଜନ୍ମତାର/ ସେ ବିପ୍ର ଅତି ବିଚକ୍ଷଣ/ସଂସ୍କାର ଟୀକାରେ ନିପୁଣ/ଶ୍ରୀ ଭାଗବତ ଏ ପୁରାଣ/ ଅଠର ସହସ୍ର ଶ୍ଳୋକେଣ ॥'**

ଏହି ଅଦ୍ୱୈତବାଦୀ ଶଙ୍କରପନ୍ଥୀ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀ ଆଜି ସ୍ୱଦେହରେ ନାହାନ୍ତି ସତ କିନ୍ତୁ ତାଙ୍କ ଲେଖନୀ ନିଃସୃତ କାଳଜୟୀ ଗ୍ରନ୍ଥମାନ ଯୁଗ ଯୁଗ ପାଇଁ ଓଡ଼ିଆ ବାଣୀ ଭଣ୍ଡାରର ଅମୂଲ୍ୟ ସମ୍ପଦ ଭାବେ ପରିଗଣିତ ହେଉଥିବ, ଏଥିରେ ଦ୍ୱିମତ ହେବାର ନାହିଁ ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ–୯୮୬୧୪୭୦୧୯୮**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଗଣତନ୍ତ୍ର...

ସମ୍ବିଧାନ ହେଉଛି ବିଶ୍ୱ ଇତିହାସରେ ଆଜି ପର୍ଯ୍ୟନ୍ତ ସର୍ବବୃହତ ଗଣତନ୍ତ୍ରର ଆଧାର ଗ୍ରନ୍ଥ । ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶ ଆମ ସମ୍ବିଧାନର ପରିଭାଷା । ସମ୍ବିଧାନ ପ୍ରଣେତାମାନେ ଜାତୀୟତା ଏବଂ ଏକତାର ଭାବନା ସହ ସାମ୍ବିଧାନିକ ବ୍ୟବସ୍ଥାକୁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛନ୍ତି । ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆମ ଦେଶକୁ ଏକତ୍ର କରିଥିଲେ । ଗତବର୍ଷ ଅକ୍ଟୋବର ୩୧ ତାରିଖରେ, କୃତଜ୍ଞ ଦେଶବାସୀମାନେ ଉତ୍ସାହର ସହ ତାଙ୍କର ୧୫୦ ତମ ଜୟନ୍ତୀ ପାଳନର ଶୁଭ ଅବସରରେ ବିଭିନ୍ନ ଉତ୍ସବ ଏବଂ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଆପଣମାନେ ସମସ୍ତେ ଆମର ଜୀବନ୍ତ ଗଣତନ୍ତ୍ରକୁ ମଜବୁତ୍ କରୁଛନ୍ତି । ଆମର ତିନି ସେନାର ପରାକ୍ରମ ଯବାନ ମାତୃଭୂମିର ରକ୍ଷା ପାଇଁ ସଦାସର୍ବଦା ସର୍ତକ ରହିଛନ୍ତି । ଆମର କର୍ତ୍ତବ୍ୟନିଷ୍ଠ ପୁଲିସ କର୍ମୀ ତଥା କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳର ଯବାନ ଦେଶବାସୀଙ୍କ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ତତ୍ପର ପାଇଁ ସଜାଗ ଅଛନ୍ତି । ଆମର ଅନ୍ନଦାତା ଚାଷୀମାନେ ଦେଶବାସୀଙ୍କ ପାଇଁ ପୋଷଣ ସାମଗ୍ରୀ ଉତ୍ପାଦନ କରୁଛନ୍ତି । ଆମ ଦେଶର ପରିଶ୍ରମୀ ଏବଂ ପ୍ରତିଭାବାନ ମହିଳାମାନେ ଅନେକ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି । ଆମର ଉତ୍ସର୍ଗୀକୃତ ଡାକ୍ତର, ନର୍ସ ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଆମ ଦେଶବାସୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି । ଆମର ନିଷ୍ଠାପର ସଫେଇ ମିତ୍ର ଦେଶକୁ ସ୍ୱଚ୍ଛ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ସେହିପରି ସେ କହିଛନ୍ତି ଦେଶର ବିକାଶରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି ।

### ଜୀବନ...

ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ଏଥିସହ ବିରୋଧୀ ଦଳ ନେତା ନିବୀନ ପଟ୍ଟନାୟକ ଅଭିଜିତଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି ।

ଲିଭର ଜନିତ ରୋଗରେ ପୀଡିତ ହୋଇ ଗତ ସେପ୍ଟେମ୍ବରରୁ ଚିକିତ୍ସିତ ହେଉଥିଲେ ଅଭିଜିତ । ପ୍ରଥମେ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ, ମାତ୍ର ପରେ ତାଙ୍କ ଅବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନରେ ସୋଡିୟମ କମିଥିବା ଏବଂ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା । ଟ୍ରମା ସେଣ୍ଟରରେ ପ୍ରାଥମିକ ଚିକିତ୍ସା ପରେ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଥିଲା । ଅଭିଜିତ ମଜୁମଦାରଙ୍କ ସାଥିରେ ଆସିଥିବା ଡାକ୍ତର ଅମ୍ରିତ ପାଟ୍ଟଯୋଶୀଙ୍କ ସୂଚନା ଦେଇ କହିଥିଲେ ଯେ- ଅଭିଜିତ ଗୁରୁତର ଥିଲେ । କିନ୍ତୁ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିଲା ।ଧୀରେଧୀରେ ସୁସ୍ଥ ହେଉଥିବା ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା, ଗତ ୨୩ ତାରିଖରେ ଅଧିକ ବିଗିଡ଼ିଯାଇଥିଲା । ସକାଳେ ହାର୍ଟଆଟାକ୍ ଆସିବା ପରେ ଡାକ୍ତରଙ୍କ ସବୁ ଚେଷ୍ଟା ସତ୍ତ୍ୱେ ଆଉ ବଞ୍ଚାଇବା ସମ୍ଭବ ହୋଇନଥିଲା ।

ଏମ୍ସରୁ ଅଭିଜିତଙ୍କ ମରଶରୀରକୁ କଟକସ୍ଥିତ ଏମଆରଆର ଷ୍ଟୁଡିଓକୁ ନିଆଯାଇଥିଲା । ଏଇଠୁ ଜୀବନର ସଂଗୀତ ଯାତ୍ରା ଆରମ୍ଭ କରିଥିଲେ ଅଭିଜିତ । ଷ୍ଟୁଡିଓ ପରିସରରେ ଅନେକ କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ, କଳାକାର ଓ ପ୍ରଶଂସକ ଅଭିଜିତଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଦାଦାଙ୍କୁ ମନେ ପକାଇଥିଲେ ଆଉ ତାଙ୍କରି ଗୀତରେ ଗୁଣୁଗୁଣୁ ହୋଇ ଲୁହ ଢାଳିଥିଲେ । ପରେ ପରେ ଦାଦାଙ୍କ ବାସଭବନରେ ପହଞ୍ଚିଥିଲା ପାର୍ଥିବ ଶରୀର । ଏଠି ବି ଅଭିଜିତଙ୍କ ପାଇଁ ଲାଗିଥିଲା ଭଲପାଇବାର ଭିଡ଼ । ପଡ଼ୋଶୀଙ୍କଠୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ, ସମସ୍ତେ ଆଧୁନିକ ସଂଗୀତ ଯାଦୁଗରଙ୍କ ଶେଷଦର୍ଶନ କରି ଅଲବିଦା ଜଣାଇଛନ୍ତି ।

ସ୍ୱଗତ ମଜୁମଦାର କ୍ୟାସେଟ୍‌ରେ ସଙ୍ଗୀତ ଦେଇ ଓଡ଼ିଆ ସଙ୍ଗୀତଜଗତରେ ପ୍ରବେଶ କରିଥିଲେ । ହେଲେ ୨୦୦୦ ମସିହାରେ ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ "କାଣିଆ କପିଳା' ସିନେମା ଜରିଆରେ ନିଜର ସିନେ ସଂଗୀତ ଯାତ୍ରା ଆରମ୍ଭ କରିଥିଲେ ଅଭିଜିତ । ସେ ପ୍ରାୟ ୬୦ରୁ ଅଧିକ ସିନେମାରେ ସଂଗୀତ ଦେଇଥିବା ବେଳେ ୧୦୦ ଉର୍ଦ୍ଧ୍ୱ ଆଲବମ୍ ପାଇଁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ତାଙ୍କ ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟରେ ରହିଛି "ମାଧବ ହେ ମାଧବ', "ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଟିଲ୍ ଷ୍ଟାର୍', "ନାଚିବ ଗବର ସିଂହ', "ବାଲୁଙ୍ଗା ଟୋକା', "ସଜନୀ ସଜନୀ', "ଆମେ ତ ଟୋକା ଷ,, ମାର୍କା' । ତାଙ୍କର ଅନେକ ଆଇଟମ୍ ଗୀତ ରହିଛି ଯାହା ସଂଗୀତ ପ୍ରେମୀଙ୍କ ମୁହଁରେ ରହିଛି । "ତୋର କଞ୍ଚା ହଳଦୀ ଦେହଟା ଗୋରୀ ଲୋ' ଗୀତରେ ସେ ନିଜେ କଣ୍ଠଦାନ ମଧ୍ୟ କରିଛନ୍ତି । ଅଭିଜିତଙ୍କ "ରାତି ସାରା ବାର୍ ଲାଇଟ୍ ଦୁକୁ ଦୁକ' ଗୀତ ତାଙ୍କ ଖୁବ୍ ଲୋକପ୍ରିୟ କରାଇଛି । ତାଙ୍କୁ ୨୦୧୦ ମସିହାରେ "ତୁ ଥା ମୁଁ ଯାଉଛି ରୁଷି' ସିନେମା ପାଇଁ ଓ ୨୦୨୨ ମସିହାରେ "ତୃଷ୍ଣା' ସିନେମା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

### ତୃତୀୟ...

ପ୍ରଧାନମନ୍ତ୍ରୀଙ୍କ ୨୦୨୬ର ପ୍ରଥମ ମନ କି ବାତ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହା ୨୦୨୬ର ପ୍ରଥମ ମନ କି ବାତ । ଆସନ୍ତାକାଲି, ଜାନୁଆରୀ ୨୬ ତାରିଖରେ ଆମେ ଗଣତନ୍ତ୍ର ଦିବସ ପାଳନ କରିବୁ । ଏହି ଦିନ ଆମର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ଜାନୁଆରୀ ୨୬ ଆମ ସମ୍ବିଧାନର ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ସୁଯୋଗ ପ୍ରଦାନ କରେ ।

### ବାଂଲାଦେଶରେ...

ଖବର ଦେଇଥିଲେ । ନରସିଙ୍ଗଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲା । ପ୍ରାୟ ଘଣ୍ଟାଏ ପରେ ନିଆଁ ଲିଭିଥିଲା । ନିଆଁ ଲିଭିବା ପରେ ଗ୍ୟାରେଜ ଭିତରୁ ଚଞ୍ଚଳଙ୍କ ପୋଡ଼ା ମୃତଦେହକୁ ବାହାର କରାଯାଇଥିଲା ।

ଚଞ୍ଚଳଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି । ସେ ଗ୍ୟାରେଜରେ ରହୁଥିବା ନେଇ ସମସ୍ତେ ଜାଣିଥିଲେ । ତେଣୁ ତାଙ୍କୁ ମାରିବା ଉଦ୍ଦେଶ୍ୟରେ ହିଁ ହତ୍ୟାକାରୀ ଗ୍ୟାରେଜରେ ନିଆଁ ଲଗାଇଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି । ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ପୁଲିସ କହିଛି ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି । ମାମଲାର ତଦନ୍ତ ଜାରି ରହିଛି ।

ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ସଂଖ୍ୟାଲଘୁ ସଂପ୍ରଦାୟର ଲୋକେ ସେମାନଙ୍କ ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି । ସ୍ଥାନୀୟ ହିନ୍ଦୁମାନେ ଏହି ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି ଓ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ତା'ସହିତ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ପଦକ୍ଷେପ ନେଉ ବୋଲି ଦାବି କରିଛନ୍ତି ।

### ଓଡ଼ିଶାରୁ...

କୁମାର ମିଶ୍ର । ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମଙ୍କୁ ମିଳିବ ପଦ୍ମଶ୍ରୀ । ଭାରତ ସରକାର ଏଥର ୫ଜଣଙ୍କୁ ପଦ୍ମବିଭୂଷଣ, ୧୩ଜଣଙ୍କୁ ପଦ୍ମଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ନାମ ଘୋଷଣା କରିଛନ୍ତି ।

## ୯୨୮ କର୍ମଚାରୀଙ୍କୁ ସାହସିକତା ଓ ସେବା ପଦକ

ନୂଆଦିଲ୍ଲୀ : ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି । ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି ।

ଏମାନଙ୍କ ବ୍ୟତୀତ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନିତ ହୋଇଛନ୍ତି । ସାହସିକତା ପଦକ ପାଇଛନ୍ତି ଓଡ଼ିଶା ପୁଲିସ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ । ଜୀବନ ଏବଂ ସମ୍ପତ୍ତି ରକ୍ଷା, ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀମାନଙ୍କୁ ଧରିବାରେ ଅସାଧାରଣ ସାହସିକତା ଏବଂ ଉଲ୍ଲେଖନୀୟ ସାହସିକତା କାର୍ଯ୍ୟ ପାଇଁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଏ । ବିପଦର ମୂଲ୍ୟାଙ୍କନ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ବିଚାରକୁ ନେଇ କରାଯାଏ ।

୧୨୫ ସାହସିକତା ପୁରସ୍କାର ମଧ୍ୟରୁ ୩୫ ଜଣଙ୍କୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ, ୪୫ ଜଣଙ୍କୁ ଜମ୍ମୁ କଶ୍ମୀର କ୍ଷେତ୍ରରୁ, ୫ ଜଣଙ୍କୁ ଉତ୍ତର-ପୂର୍ବରୁ ଏବଂ ୪୦ ଜଣଙ୍କୁ ଅନ୍ୟାନ୍ୟ ଅଞ୍ଚଳରେ କରିଥିବା ସେମାନଙ୍କର ସାହସିକତା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି । ସାହସିକତା ପଦକ (ଜିଏମ): ମୋଟ ୧୨୫ ସାହସିକତା ପଦକ (ଜିଏମ) ମଧ୍ୟରୁ ଯଥାକ୍ରମେ ୧୨୧ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଇଛି ।

## "ଚିକ୍'ର ନୂଆ ହେୟାର୍ କଲର ଶୁଭାରମ୍ଭ

ଭୁବନେଶ୍ୱର: ଭୁବନେଶ୍ୱରରେ କାଭିନକେୟାର ପକ୍ଷରୁ ଏହାର ନୂତନ ଉତ୍ପାଦ "ଚିକ୍ କ୍ୱିକ୍ କ୍ରିମ୍ ହେୟାର୍ କଲରର ଶୁଭାରମ୍ଭ କରାଯାଇଛି । ଏହା ମାତ୍ର ୧୦ ମିନିଟରେ କେଶ ରଙ୍ଗ କରିବାରେ ସାହାଯ୍ୟ କରିବ ଛ ଅଁଳା ଓ ଭୃଙ୍ଗରାଜ ଭଳି ପ୍ରାକୃତିକ ଉପାଦାନରେ ସମୃଦ୍ଧ ଏହି କଲର୍ କେଶକୁ ଏକ ସ୍ୱାଭାବିକ ଏବଂ ସୁନ୍ଦର ରଙ୍ଗ ଦେବା ପାଇଁ ପ୍ରସ୍ତୁତ କରାଯାଇଛି । ସୁଲଭ ମୂଲ୍ୟରେ ଘରେ ଘରେ ପହଂଚାଇବା ଲକ୍ଷ୍ୟ ନେଇ କମ୍ପାନୀ ଲୋକପ୍ରିୟ ଟିଭି ଅଭିନେତ୍ରୀ ଶ୍ୱେତା ତିଓ୍ୱାରୀଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି ଏବଂ ବିଭିନ୍ନ ମାଧ୍ୟମରେ ଏହାର ଜୋରଦାର ପ୍ରଚାର ଆରମ୍ଭ କରିଛି ।ଏହି ଅବସରରେ କାଭିନକେୟାରର ବିଜନେସ ହେଡ - ପର୍ସନାଲ କେୟାରରଜତ ନନ୍ଦ କହିଛନ୍ତି ଯେ, ଆଜିକାଲି ଗ୍ରାହକମାନେ ଉତ୍ତମ ଗୁଣବତ୍ତା, ସୁବିଧା ଏବଂ ସୁଲଭ ମୂଲ୍ୟ ଥିବା ସମାଧାନ ଖୋଜୁଛନ୍ତି । ବ "ଚିକ୍ କ୍ୱିକ୍ କ୍ରିମ୍ ହେୟାର୍ କଲ'ର୍ ଜରିଆରେ ଆମେ ଏହି ଅଭାବକୁ ପୂରଣ କରିବାକୁ ଯାଉଛୁ ।

## ନୁଭୋକୋର ଆର୍ଟିଷ୍ଟ ଏଲିଟ କଲେକ୍ସନ

ଭୁବନେଶ୍ୱର : ଭାରତର ବିଶ୍ୱସନୀୟ ନିର୍ମାଣ ସାମଗ୍ରୀ କମ୍ପାନୀ "ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ ଲିମିଟେଡ୍' ପକ୍ଷରୁ "ନୁଭୋକୋ ଆର୍ଟିଷ୍ଟ ଏଲିଟ୍ କଲେକ୍ସନ୍' ର ଶୁଭାରମ୍ଭ କରାଯାଇଛି । ଏହା କମ୍ପାନୀର ଡେକୋରେଟିଭ୍ କଂକ୍ରିଟ୍ ବର୍ଗର ଏକ ନୂଆ ଏବଂ ଉନ୍ନତ ମାନର ଉତ୍ପାଦ ।ଆଧୁନିକ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ଏହାକୁ ଖାସ୍ ଭାବେ ପ୍ରସ୍ତୁତ କରାଯାଇଛି । ଏଥିରେ କଳାତ୍ମକ ସୌନ୍ଦର୍ଯ୍ୟ ସହିତ ବୈଷୟିକ ନିଖୁଣତାର ଏକ ସୁନ୍ଦର ସମାହାର ରହିଛି । ଏ ନେଇ ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ ଲିମିଟେଡର ମାର୍କେଟିଂ ମୁଖ୍ୟ ଚିରାଗ ଶାହ କହିଛନ୍ତି ଯେ, ନୁଭୋକୋ ଆର୍ଟିଷ୍ଟ ଏଲିଟ୍ କଲେକ୍ସନ୍ ଆମର ଉନ୍ନତ ଚିନ୍ତାଧାରା ଓ ଡିଜାଇନର ପରିଚୟ ଦିଏ । ଏହି ନୂଆ ରେଞ୍ଜରେ ୪ ପ୍ରକାରର "ଡେକୋରେଟିଭ୍ କଂକ୍ରିଟ୍ ଫିନିଶ୍' ରହିଛି ।

## ଧାନମଣ୍ଡି ଉଦଘାଟିତ

ବଲଙ୍ଗା, (ସବ୍ୟୁ) ବଲଙ୍ଗା ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ଧାନମଣ୍ଡି ଉଦଘାଟିତ ହୋଇଯାଇଛି ।ସମବାୟ ସମିତିର ସମ୍ପାଦିକା ସୈଦାମିନୀ ପ୍ରଧାନଙ୍କ ସଭାପତିତ୍ୱରେ ଲଙ୍ଗା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଅଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଧାନମଣ୍ଡିକୁ ଉ"ାଟନ କରିଥିଲେ । ଏଥିରେ ୧୧ ଜଣ ଚାଷୀଙ୍କ ଠାରୁ ତିନିଶହ ସତୁରୀ କୀଣ୍ଟାଲ ଧାନ ସଂଗୃହିତ ହୋଇଥିଲା ।ଉକ୍ତ ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଲଙ୍ଗାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁମନ୍ତ କୁମାର ଦାସ, ସମାଜସେବୀ ଅଜିତ ଚାନ୍ଦ ଦାସ, ଘନଶ୍ୟାମ ଚ ଇନୀ, କାଳନ୍ଦୀ ଚରଣ ଯେନା, ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଟିପି ଓଡ଼ିଶା ଡିସକମଗୁଡ଼ିକୁ ସର୍ବୋଚ୍ଚ ଗ୍ରେଡ୍

ଭୁବନେଶ୍ୱର (ସବ୍ୟୁ): ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁନେଇ କରାଯାଇଥିବା ସର୍ଭେରେ ଟାଟା ପାଓ୍ୱାରର ଓଡ଼ିଶା ଡିସକମ୍‌ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରିଛନ୍ତି । ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଚମକିାର ପ୍ରଦର୍ଶନ କରି ଦେଶର ସମସ୍ତବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି । ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିସିଓଡିଏଲ୍ ଏବଂ ଟିପିଏନ୍‌ଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ ଏ ପ୍ଲସ ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ "ଏ' ଗ୍ରେଡ୍ ହାସଲ କରିଛି ।ଏହି ରିପୋର୍ଟ ଅନୁସାରେ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିରେ ଏକ ବଡ଼ ଧରଣର ସକାରାତ୍ମକ ପରିବର୍ତ୍ତନ ଆସିଛି । ରାଜ୍ୟର ବିଦ୍ୟୁତବିତରଣ କମ୍ପାନୀଗୁଡ଼ିକର ସାମଗ୍ରିକ ପ୍ରଗତି ଯୋଗୁଁ ବିଦ୍ୟୁତ ଗ୍ରୀଡ୍ ଏବେ ଅଧିକ ଆଧୁନିକ ଓ ସୁଦୃଢ଼ ହୋଇପାରିଛି । ଜାତୀୟ ସ୍ତରରେଏହି ସଫଳତା ପଛର ମୁଖ୍ୟ କାରଣ ହେଉଛି ବିଲିଂ ବ୍ୟବସ୍ଥାରେ ଉନ୍ନତି । ତିନୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ଶୃଙ୍ଖଳା ପ୍ରଦର୍ଶନ କରିଛନ୍ତି ।ଏହି ସଫଳତା ସମ୍ପର୍କରେ ଟାଟା ପାଓ୍ୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ତଥା ଟିପିଏନ୍‌ଓଡିଏଲର ସିଇଓ ଗଜାନନ କାଲେ କହିଛନ୍ତି ଯେ, ଭାରତର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆମେ ସଂକଳ୍ପବଦ୍ଧ । କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ପ୍ରମାଣିତ କରୁଛି ଯେ, ଆମର ଡିଜିଟାଲ୍ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟକ୍ରମବିକାଶର କେନ୍ଦ୍ରବିନ୍ଦୁରେ ଗ୍ରାହକମାନଙ୍କୁ ସ୍ଥାନ ଦେବାରେ ଆମେ ସଫଳ ହୋଇଛୁ ।

## ଶ୍ରୀ ଶ୍ରୀ ବାସୁଦେବ ଜିୟୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଆଠଗଡ଼ , (ସବ୍ୟୁ): ଆଠଗଡ଼ ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତ ଅଧୀନ ଚେରେଇପାଟଣା ଗାଁର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବାସୁଦେବ ଜିୟୁଙ୍କ ନୂତନ ମନ୍ଦୀର ପ୍ରତିଷ୍ଠା ଧୁମ ଧାମରେ ପାଳିତ ହୋଇଯାଇଛି । ଉକ୍ତ ଗ୍ରାମରେ ତିନିଦିନ ଧରି ହରିନାମ ସଂକୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ସହିତ ତିନି ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟକର୍ତ୍ତା ଭାବରେ ଶ୍ରୀମତୀ ସବିତା ରାଉତ ଓ ବେଣୁଧର ରାଉତଙ୍କ ସହ ପାର୍ଶ୍ୱକର୍ତ୍ତା ଭାବରେ ଶ୍ରୀମତୀ ଚିନ୍ମୟୀ ପଣ୍ଡା ଓ ଅକ୍ଷୟ କୁମାର ପଣ୍ଡା ସମସ୍ତ କାର୍ଯ୍ୟ ତୁଲାଇ ଥିଲେ । ତୃତୀୟ ଦିନର ପୂର୍ଣ୍ଣାହୁତିରେ ମୁଖ୍ୟ ଅତିଥି ଭାବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ଯୋଗଦାନ କରିଥିଲେ । ଏହି ଅବସରରେ ତିନିଦିନ ଧରି ଗ୍ରାମରେ ଆନନ୍ଦ ବଜାରର ଆୟୋଜନ କରାଯାଇଥିଲା । ଚେରେଇପାଟଣା ଗ୍ରାମର ସଭାପତି ବିଭୂତି ଭୂଷଣ ରାଉତଙ୍କ ସହ ପରିଚାଳନା କମିଟି ର ସଦସ୍ୟ ଭରତ ଚନ୍ଦ୍ର ମହାନ୍ତି, ସଞ୍ଜୟ ରାଉତ, ପ୍ରଫୁଲ୍ଲ ରାଉତ, ସଞ୍ଜୟକୁମାର ମହାନ୍ତି, ଗଦାଧର ରାଉତ, ପବିତ୍ର ମୋହନ ମହାନ୍ତି, ନୀଳମଣି ବେହେରା, ଅଭିରାମ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ୨୮ରୁ ଭଗବତୀପୁର ମୌଜାରେ ଜବରଦଖଲ ଉଚ୍ଛେଦ, ୪୫ ଜଣଙ୍କୁ ନୋଟିସ

ବାଲୁଗାଁ , (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଚିଲିକା ତହସିଲ ସୋରଣ ରାଜସ୍ୱ ସର୍କଲ ଅଧିନ ଭଗବତୀ ପୁର ମୌଜା ଗୋଚର ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ୪୫ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ସେହି ଅନୁଯାୟୀ ପ୍ରଶାସନ ପକ୍ଷରୁ ଆସନ୍ତା ୨୮ ରୁ ଉକ୍ତ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ ୫ ଏହା ୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏ ନେଇ ସମ୍ପୃକ୍ତ ୪୫ ଜଣଙ୍କୁ ନୋଟିସ ଜାରି କରାଯାଇଥିବା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ସୂଚନା ଦେଇଛନ୍ତି ।ସୂଚନା ମୁତାବକ, ଭଗବତୀପୁର ମୌଜା ସରକାରୀ ଖାତା ନଂ -୧୦୯୬,ପ୍ଲଟ ନଂ - ୨୧୧୫ଏବଂ ୨୧୨୧,କିସମ ଗୋଚରରେ ୪୫ ଜଣ ବ୍ୟକ୍ତି ବିଶେଷ ଉକ୍ତ ଜାଗାରେ ବେଆଇନ ଭାବେ ବାସଗୃହ ଏବଂ ଦୋକାନ ଗୃହ ନିର୍ମାଣ କରି ବସବାସ କରିଆସୁଛନ୍ତି ୫ ଏ ନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ପିଟିସନ ଦାୟର ହୋଇଥିଲା ୫ ମାମଲାର ବିଚାର କରାଯାଇ ଓଡିଶା ହାଇକୋର୍ଟଙ୍କ ଡବ୍ଲୁପି (ସି) ଟିଠି ନଂ-୬୮୨୪/୨୦୧୪ ମୁତାବକ ସମ୍ପୃକ୍ତ ୪୫ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଆଦେଶ ଅନୁଯାୟୀ ଚିଲିକା ତହସିଲ ପକ୍ଷରୁ ପୂର୍ବରୁ ଦୁଇ ଥର ତଥା ଗତ ମାସ ୧୭ ତାରିଖ ଏବଂ ଚଳିତ ମାସ ୧୯ ତାରିଖରେ ଜବରଦଖଲ ଉଚ୍ଛେଦ ନିମନ୍ତେ ଦିବସ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ କୌଣସି କାରଣବଶତଃ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିଥିଲା । ତେବେ ରବିବାର ପୁନର୍ବାର ନୋଟିସ ଜାରି କରାଯାଇଛି । ସେଥିରେ ୨୭ ତାରିଖ ସୁଦ୍ଧା ଅବରୋଧ କରିଥିବା ଉକ୍ତ ସରକାରୀ ଜାଗାରୁ ଶସ୍ୟ କିମ୍ବା ଫସଲ ତଥା ସେଥିରେ ନିର୍ମାଣ କରାଯାଇଥିବା ବାସଗୃହ ଏବଂ ଦୋକାନ ଗୃହକୁ ଜବରଦଖଲ ମୁକ୍ତ ନିମନ୍ତେ ଆହ୍ୱାନ ଦିଆଯାଇଛି, ମିଆଦ ଗଡେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯିବ ବୋଲି ଉଲ୍ଲେଖ ରହିଛି । ଏହି ଉଚ୍ଛେଦ କାର୍ଯ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମାଜିଷ୍ଟ୍ରେଟଙ୍କ ସମେତ ୨୦ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହିବେ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ସୂଚନା ଦେଇଛନ୍ତି ।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତ ତରତୁଆ ଗ୍ରାମର ଅଧିକାରୀ ମହାରଣାଙ୍କ ପୁଅ କୃପାସିନ୍ଧୁ ମହାରଣା (୨୩)ଙ୍କର ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।ଉକ୍ତ ଯୁବକ ଗତ ଦୁଇ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । କୌଣସି କାରଣରୁ ଘର ଛାଡ଼ି ବକୁ ପେଟ୍ରୋଲ ପମ୍ପ ନିକଟରେ ଘର ଭଡ଼ା ନେଇ ରହୁଥିଲେ ।ଶନିବାର ବିଳମ୍ବିତ ରାତ୍ରରେ ମୃତ ଯୁବକଙ୍କ ପନିୀ ସମ୍ପର୍କୀୟ ପିୟୁସାଙ୍କ ପୁଅକୁ ଖବର ଦେଇଥିଲେ ଯେ ସ୍ୱାମୀ ତାଙ୍କର ଅସୁସ୍ଥ ହୋଇଯାଇଛନ୍ତି ।ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିବା ପରେ ଦେଖିଲେ ଯୁବକ ଜଣକ ମୃତ ଅବସ୍ଥାରେ ଖଟ ଉପରେ ପଡ଼ିଥିଲେ । ଖବର ପାଇ ରବିବାର ସକାଳୁ ଗଡିଶାଗୋଦା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।ଯୁବକ ଜଣକର ମୃତ ଶରୀର ଜବତ କରି ପୋଲିସ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ ।ଏନେଇ ୦୯/୨୦୨୬ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୁଧୀର କୁମାର ଦାସ ସୂଚନା ଦେଇଛନ୍ତି ।

## ୩ ଚୋର ଗିରଫ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗାପଡ଼ା ଅଞ୍ଚଳର ତିନି ଜଣ ଅଭିଯୁକ୍ତଙ୍କୁ ଓଲଟପୁର ଥାନା ପୁଲିସ ଗିରଫ କରିଛି । ସେମାନେ ହେଲେ ପ୍ରକାଶ ଭୋଇଙ୍କ ପୁଅ ବିକାଶ ଓରଫ ବିକା ଭୋଇ (୨୫), କାଳନ୍ଦୀ ଭୋଇଙ୍କ ପୁଅ ରଂଜନ ଭୋଇ (୩୨) ଏବଂ ଟୁନିଆ ଓରଫ ସଂଜୟ ଭୋଇଙ୍କ ପୁଅ ଶଶିକାନ୍ତ ଓରଫ ଗନୁଆ (୨୫) ଭୋଇ । ଏମାନେ ବିଭିନ୍ନ ଜାଗାରୁ ବୈଦ୍ୟୁତିକ ମୋଟର ପମ୍ପ, ମନ୍ଦିରରୁ କଂସାବାସନ ଓ ଅନାନ ସାମଗ୍ରୀ ଆଦି ଚୋରି କରୁଥିଲେ । ଏ ନେଇ ଥାନାରେ ବାରମ୍ବାର ଅଭିଯୋଗ ହେବାରୁ ପୁଲିସ ତଦ" କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ଏମାନେ ସମସ୍ତେ ପେସାଦାର ଚୋର ବୋଲି ପୁଲିସ ଜାଣିବାକୁ ପାଇଛି । ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା ସୂଚନା ଦେଇଛନ୍ତି ।

## ଗୋଷ୍ଠୀ ସଂଘର୍ଷ ମୃତ୍ୟୁ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ଗୋପ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ପୋଇତରା ଗାଁରେ ଚୋରା ମାଟି ଉଠାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟି ମୃତ୍ୟୁ ଘଟଣାର ୨୪ଘଣ୍ଟା ମଧ୍ୟରେ ପୋଲିସକୁ ବଡ଼ ସଫଳତା ମିଳିଛ । ମୁଖ୍ୟ ଅଭିଯୁକ୍ତ ପୋଇତରା ଗ୍ରାମର ପ୍ରସନ୍ନ ପ୍ରଧାନକୁ ପୁରୀରୁ ଗୋପ ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗିରଫ କରିଛି ।

ପୋଲିସ ପୂର୍ବରୁ ପ୍ରସନ୍ନ ପ୍ରଧାନଙ୍କ ନାବାଳକ ପୁଅ ସୂର୍ଯ୍ୟ ପ୍ରଧାନକୁ ଗିରଫ କରିଥିବା ବେଳେ ରବିବାର ଦିନ ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନ ପ୍ରଧାନକୁ ପୋଲିସ ଗିରଫ କରିଥିବା ସହ ଅଧିକ ତଦନ୍ତ ଜରିରହିଥିବା ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଢ଼ିଆରୀ କହିଛନ୍ତି ।ତେବେ ଏନେଇ ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଙ୍କୁ ପଚାରିବାରେ ସେ କହିଛନ୍ତି ଖୁବ ଶୀଘ୍ର ଚୋରା ମାଟି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବା ସହିତ ବ୍ୟବହୃତ ହେଉଥିବା ବିଭିନ୍ନ ଟ୍ରାକଟର, ଟ୍ରକ ଓ ଜେସିବି ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି ।ଗୋପ ତହସିଲ ଅଞ୍ଚଳରେ ବେଧଡକ ଭାବରେ ଖୁଲମ ଖୁଲା ମାଟି ଚାଲାଣ ବୃଦ୍ଧି ପାଉଛି ।ଚୋରା ମାଟି ମାଫିଆଙ୍କ ପାଇଁ ବିଭିନ୍ନ ସମୟରେ ଘଟଣା ଓ ଦୁର୍ଘଟଣା ଘଟୁଥିବା ବେଳେ ଶୁକ୍ରବାର ରାତି ୯ଟା ସମୟରେପୋଇତ ଗାଁର ରମଣୀ ରଞ୍ଜନ ପଟ୍ଟନାୟକ ଗାଁ ମନ୍ଦିର ପାଖରେ ଠିଆ ହୋଇ ଥିବା ବେଳେ ସେହି ଗ୍ରାମର ବାପ ପୁଅ ପ୍ରସନ୍ନ ପ୍ରଧାନ ଓ ପୁଅ ସୂର୍ଯ୍ୟ ପ୍ରଧାନ ରମଣୀ ରଞ୍ଜନ ପଟ୍ଟନାୟକଙ୍କୁ ଏକ ବ୍ୟାଟରେ ଅତର୍କିତ ଆକ୍ରମଣ କରିଥିଲେ । ରମଣୀ ରଞ୍ଜନଙ୍କ ସାନ ଭାଇ ରମାରମାଣ ବଡ଼ଭାଇଙ୍କୁ ଉଦ୍ଧାର କରି ଉଠାଉ ଥିବା ବେଳେ ଆକ୍ରମଣ କାରୀ ମାନେ ପୁନର୍ବାର ଆକ୍ରମଣ କରିଥିଲେ । ଉଭୟ ଆହତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନତାରିତ କରିଥିଲେ ।ପରେ ସେଠାରୁ ଏମ୍ସ ହସପିଟାଲ ଯାଇଥିଲେ ମଧ୍ୟ ସେଠାରେ ବଡ଼ ଭାଇ ରମଣୀ ରଞ୍ଜନଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଥିଲା ।ତେବେ ଅଭିଯୋଗ ପାଇ ଗୋପ ପୋଲିସ ପ୍ରସନ୍ନ ପ୍ରଧାନଙ୍କ ନାବାଳକ ପୁଅ ସୂର୍ଯ୍ୟ ପ୍ରଧାନକୁ ଗିରଫ କରିଥିବା ବେଳେ ଆଜି ମଖ୍ୟ ଅଭିଯୁକ୍ତ ପ୍ରସନ୍ନ ପ୍ରଧାନକୁ ପୋଲିସ ଗିରଫ କରିଥିବା ସହ ଅଧିକ ତଦନ୍ତ ଜରିରହିଥିବା ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଢ଼ିଆରୀ କହିଛନ୍ତି ।

## ଏନ ଏ ସି ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବେ ସାଂସଦ

ଦଶପଲ୍ଲା, (ସବ୍ୟୁ): ବହୁ ବାଦ ବିବାଦ ପରେ ଚଳିତବର୍ଷ ପ୍ରଥମ କରି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଦଶପଲ୍ଲା ଏନ ଏ ସି ଦ୍ୱାରା ଆୟୋଜିତ ମିଳିତ ପ୍ୟାରେଡ଼ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ । ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଦଶପଲ୍ଲା ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି । ଜାତୀୟ ପତାକା ଉତ୍ତୋଳନ ପାଇଁ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ସ୍ୱୀକୃତି ପ୍ରଦାନ କରିଥିବା ମଧ୍ୟ ସେ ପ୍ରକାଶ କରିଛନ୍ତି । ସାଂସଦ ମୁଖ୍ୟ ଅତିଥି, ବିଧାୟକ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେବେ ବୋଲି ସେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଦଶପଲ୍ଲା ରେ ବିଜେଡି - ବିଜେପି ରାଜନୀତି ସରଗରମ ହୋଇଛି । ସୂଚନା ଯୋଗ୍ୟଯେ,ଚଳିତ ବର୍ଷ ଏନ ଏ ସି ପକ୍ଷରୁ ଆୟୋଜିତ କରାଯାଇଥିବା ସାଧାରଣ ତନ୍ତ୍ର ଦିବସ ପାଇଁ ବୈଠକ ବସିଥିବା ବେଳେ ବିଜେପି ପକ୍ଷରୁ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ପତାକା ଉତ୍ତୋଳନ କରିବେ ବୋଲି ପ୍ରସ୍ତାବ ଦିଆଯାଇଥିଲା । ମାତ୍ର ଏହାକୁ ବିଜେଡି ପକ୍ଷରୁ ବିରୋଧ କରାଯାଇ ପୂର୍ବ ପରି ବିଧାୟକ ରମେଶ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିବେ ବୋଲି କୁହାଯାଇଥିଲା । ଯାହାକୁ ନେଇ ଉଭୟ ବିଜେଡି ଓ ବିଜେପି ମଧ୍ୟରେ ଛକା ପଂଝା ଲାଗିରହିଥିବା ବେଳେ ଶେଷରେ ଚଳିତବର୍ଷ ମିଳିତ ପ୍ୟାରେଡ଼ ରେ କନ୍ଧମାଳ ସାଂସଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବେ ବୋଲି ସ୍ପଷ୍ଟ କରାଯାଇଛି ।

**AFFIDAVIT**

I, Mirja Ahad Beg, S/o-Late Mirza Nisar Ali Baig, resident of Vil.- Kaupada, Po- Baghilobabanpur, PS-Derabish, Dist-Kendrapara, Pin- 754208, Odisha, declare by this affidavit No. 249 dtd. 24-01-2026 that now onwards I shall be known as MIRZA AHAD BAIG for all purposes.

Sd/- MIRZA AHAD BAIG

**AFFIDAVIT**

By virtue of an affidavit sworn before Notary Public, Kendrapara, dated 24/01/2026 I, Sabir Ali, S/o Mir Jamir Ali, Vill- Mirjapatna, Po-Thakurpatna, PS- Kendrapara Sadar, Dist-Kendrapara, Pin-754250 declare that I have changed my daughter's name from Sonam Ali to Samreen Ali. Henceforth, she shall be known as Samreen Ali for all purposes.

Sd/- Sabir Ali

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସ୍କୁଲ ପିଲାଙ୍କ ଗହଣରେ ମନ କି ବାତ ଶୁଣିଲେ ମୁଖ୍ୟମନ୍ତ୍ରୀ

## ନବସୃଜନ ଉପରେ ଗୁରୁତ୍ୱ ଦେବାକୁ ପିଲାଙ୍କୁ ଦେଲେ ପ୍ରେରଣା



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଗ୍ରହଣରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମର ଆଜି ଥିଲା ୧୩୦ ତମ ଅଧ୍ୟାୟ । ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଶୁଣିବା ସହିତ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ । ଏଥି ସହିତ ଷ୍ଟାର୍ଟଅପ କ୍ଷେତ୍ରରେ ଭାରତ ବର୍ଷର ସଫଳତା ବିଷୟରେ ଆଲୋକପାତ କରି ପିଲା ମନକୁ ସବୁବେଳେ ନବସୃଜନ ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ । ଆଜିର ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଥିବା ତାଙ୍କର ପ୍ରତ୍ୟେକ ପ୍ରେରଣାଦାୟୀ ବିଚାର ସମ୍ପର୍କରେ ପିଲାମାନକ ସହ ମୁଖ୍ୟମନ୍ତ୍ରୀ ସିସ୍ତୃତ ଆଲୋଚନା କରିଥିଲେ ।

ଆଜି ଥିଲା ଜାତୀୟ ମତଦାତା ଦିବସ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଭୋଟରମାନଙ୍କୁ ଭୋଟର ଲିଷ୍ଟରେ ନାମ ପଞ୍ଜୀକୃତ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏଥି ସହିତ ଇଣ୍ଡଷ୍ଟ୍ରି ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ କ୍ୱାଲିଟିକୁ ସର୍ବାଗ୍ରେ ରଖିବା, ସ୍ୱଚ୍ଛତା ଓ ପରିବେଶ ପ୍ରଦୂଷଣ ପ୍ରତି ସଚେତନତା ବୃଦ୍ଧି ଭଳି ଅନେକ ପ୍ରେରଣାଦାୟୀ ବାର୍ତ୍ତା ପ୍ରଧାନମନ୍ତ୍ରୀ ପ୍ରଦାନ କରିଥିଲେ ।

ପ୍ରଧାନମନ୍ତ୍ରୀ ତାଙ୍କର ଏହି ମନ୍ କି ବାତ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱ ଦେଇ ଦେଶବାସୀଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି । ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତୃବୃନ୍ଦ ଓ ସ୍ଥାନୀୟ ବାସିନ୍ଦା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

### ଓଲିଉଡ୍ ଦେଲା ଅଭିଜିତ୍‌ଙ୍କୁ ଅଶ୍ରୁଳ ବିଦାୟ

# ଝାଞ୍ଜିର ମଙ୍ଗଳା ମନ୍ଦିରରୁ ସିନ୍ଦୂର ଓ ଲୁଗା ଦାଦା'ଙ୍କ ମରଶରୀରେ ଲାଗିଲା

କଟକ,(ସବ୍ୟୁ): ଓଲିଉଡ୍‌ର ମେଲୋଡି-କିଙ୍ଗ୍ ତଥା ସଂଗୀତ ଜଗତର ବେତାଜ୍ ବାଦ୍‌ସାହା ଅଭିଜିତ ମଜୁମ୍‌ଦାରଙ୍କ ଦୀର୍ଘ ୫ ମାସର ଜୀବନ ଯୁଦ୍ଧରେ ଆଜି ସକାଳୁ ସକାଳୁ ପଡ଼ିଥିଲା ଦୁଃଖ'ର କୋହଭରା ଯବନିକା । ସକାଳ ୯ଟା ୨ ମିନିଟରେ ସମସ୍ତଙ୍କୁ ପର କରିଦେଇ ଆରପାରିକୁ ଚାଲି ଯାଇଥିଲେ ଅଭିଜିତ ଦାଦା' । ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ୫୪ ବର୍ଷ ବୟସରେ ଆଖି ବୁଜିଦେଇଥିଲେ ସାଢ଼େ ଚାରି କୋଟି ଓଡ଼ିଆଙ୍କର ଅତିପ୍ରିୟର' ଦାଦା । ଡାକ୍ତରଙ୍କ ସୂଚନା ଅନୁସାରେ, ଧୀରେଧୀରେ ସୁସ୍ଥ ହେଉଥିବା ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା, ଗତ ୨୩ ତାରିଖରେ ଅଧିକ ବିଗିଡ଼ିଯାଇଥିଲା । ଆଜି ସକାଳେ ହୃଦ୍‌ଘାତ ଆସିବା ପରେ ଡାକ୍ତରଙ୍କ ସବୁ ଚେଷ୍ଟା ସତ୍ତ୍ୱେ ଆଉ ବଞ୍ଚାଇବା ସମ୍ଭବପର ହୋଇନଥିଲା । ଅଭିଜିତଙ୍କ ଦେହାନ୍ତ ଖବର ଶୁଣୁ ଶୁଣୁ ଡାକ୍ତରଖାନାକୁ ଛୁଟିଥିଲା ଆତ୍ମୀୟ, ସହକର୍ମୀ ଓ ପ୍ରଶଂସକଙ୍କ ସୁଅ । ସମସ୍ତଙ୍କ ଆଖିରେ ଲୁହ, ଆଉ ମନରେ ଗୋଟିଏ ପ୍ରଶ୍ନ- ଦାଦା, ଏମିତି କଣ ଚାଲିଯିବାର ଥିଲା? ସତରେ ପର' କରି ଅଫେରା ରାଇଜର ଅତିଥି ହୋଇଗଲେ ଅଭିଜିତ୍ । ଏମ୍ସରୁ ସିଧା ଅଭିଜିତ୍‌ଙ୍କ ମରଶରୀରକୁ ନିଆଯାଇଥିଲା କଟକର ଏମଆର୍‌ଆର୍ ଷ୍ଟୁଡିଓକୁ । ଏଇଠୁ ଜୀବନର ସଂଗୀତ ଯାତ୍ରା ଆରମ୍ଭ କରିଥିଲେ ଅଭିଜିତ୍ । ଷ୍ଟୁଡିଓ ପରିସରରେ ଅନେକ କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ, କଳାକାର ଓ ପ୍ରଶଂସକ ଅଭିଜିତଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦାଦାଙ୍କୁ ମନେ ପକାଇଥିଲେ ଆଉ ତାଙ୍କରି ଗୀତରେ ଗୁଣୁଗୁଣୁ ହୋଇ ଲୁହ ଢାଳିଥିଲେ । କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ ଏବଂ ସ୍ୱୟଂମ୍ ପାଢ଼ୀ ଅଭିଜିତ୍‌ଙ୍କ ମରଶରୀର ନିକଟରେ 'ମାନନୀୟ ଜଗନ୍ନାଥ' ସଂଗୀତ ଗାଇ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହାପରେ ଏମ୍‌ଆରଆର୍ ଷ୍ଟୁଡିଓରୁ ଦାଦା'ଙ୍କ ମରଶରୀର ନିଆଯାଇ ବକ୍ସିବଜାରସ୍ଥିତ ବାସଭବନରେ ପହଞ୍ଚିଥିଲା । ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ଲାଗିଥିଲା ଅଭିଜିତ୍ ପ୍ରେମୀଙ୍କ ସମାଗମ । ପଡୋଶୀଙ୍କଠୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ, ସମସ୍ତେ ଆଧୁନିକ ସଂଗୀତ ଯାଦୁଗରଙ୍କ ଶେଷଦର୍ଶନ କରି ଅଲ୍‌ବିଦା ଜଣାଇଥିଲେ । ଛଳଛଳ ଆଖିରେ ଆଜି ସାରା ଓଡ଼ିଶା କହୁଛି, ଦାଦା- ତମେ ପରା କହୁଥିଲ, ରାତି ଛୋଟକୁ ଏଠି ସପନ ବେଶି? ସତରେ ଓଡ଼ିଆ ସଂଗୀତ ପ୍ରେମୀଙ୍କ ସପନ ବେଶି ହୋଇଗଲା ।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

କଟକ, (ସବ୍ୟୁ) :ଜିଲ୍ଲାରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି କରିବା ତଥା ଯୁବ ଭୋଟରମାନଙ୍କୁ ମତଦାନ ପ୍ରତି ଆକର୍ଷିତ କରିବା ଉପରେ ଆଜି ଜିଲ୍ଲାସ୍ତରୀୟ ମତାଦାତା ଦିବସରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ୱାକାଥନ୍ ବାହାରିଥିଲା । ଏଥିରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ କଲେଜ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ୱାକାଥନ୍ ବାହାରି ଜୁଡିସିଆଲ ଏକାଡେମୀ ଛକ ଦେଇ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । ପରେ ପରେ ସଦଭାବନା ସଭାଗୃହଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା ।

# ସ୍ୱର୍ଗଦ୍ୱାରରେ ଅଭିଜିତ ମଜୁମଦାରଙ୍କ ଶେଷ କୃତ୍ୟ ସଂପନ୍ନ

ପୁରୀ, (ସବ୍ୟୁ): ପୁରୀ ସ୍ୱର୍ଗଦ୍ୱାରରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଛି । ରବିବାର ସନ୍ଧ୍ୟାରେ ଅଭିଜିତ ମଜୁମଦାରଙ୍କ ପାର୍ଥିବ ଶରୀର ପହଞ୍ଚିଥିଲା । ହିନ୍ଦୁ ରୀତି ନୀତି ଅନୁଯାୟୀ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି । ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଦେହାନ୍ତ ହୋଇ ଥିଲା । ୫୪ ବର୍ଷ ବୟସରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ଅଭିଜିତଙ୍କ ଦେହାନ୍ତ ହୋଇଥିଲା । ଲିଭର୍ ଜନିତ ସମସ୍ୟା ପରେ ସେ ଚିକିତ୍ସିତ ହେଉଥିଲେ । ଏହି ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତଙ୍କ ସଙ୍ଗୀତ କ୍ୟାରିଅର ୧୯୯୧ ମସିହାରେ ଆରମ୍ଭ ହୋଇଥିଲା । 'ଦକ୍ଷିଗଲା' ତାଙ୍କର ପ୍ରଥମ ସମ୍ବଲପୁରୀ ଆଲବମ ଥିଲା, ଯାହା ବେଶ ଲୋକପ୍ରିୟ ହୋଇଥିଲା । ୨୦୦୦ ମସିହାରେ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ । ତାଙ୍କର ତରଙ୍ଗ ଟିଭିର 'ମେଲୋଡି ନାଇଟ୍ସ' ଖୁବ ଲୋକପ୍ରିୟ ହୋଇଥିଲା । ସେ ୭୦୦ରୁ ଅଧିକ ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ।ପୁରୀ ସ୍ୱର୍ଗଦ୍ୱାରରେ ବହୁ ସଙ୍ଗୀତ ନିର୍ଦ୍ଦେଶକ ,ଅଭିଜିତଙ୍କ ଶୁଭେଚ୍ଛୁ ଉପସ୍ଥିତ ଥିଲେ । ପୁଅ ଆୟୁଷ ମଜୁମଦାର ମୁଖାଗ୍ନି ଦେଇଥିଲେ ।







## ନାବାଳିକା ଅପହରଣ ଓ ବାଲ୍ୟ ବିବାହ ଅଭିଯୋଗରେ ଦୁଇ ଗିରଫ

ପୁରୀ, (ସବ୍ୟୁ): ବ୍ରହ୍ମଗିରି ଥାନା ଅଞ୍ଚଳରେ ଘଟିଥିବା ଜଣେ ଅପ୍ରାପ୍ତବୟସ୍କା ନାବାଳିକା ଅପହରଣ ଓ ବାଲ୍ୟ ବିବାହ ସମ୍ବନ୍ଧୀୟ ଅଭିଯୋଗରେ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅଭିଯୋଗକାରୀ ବାସୁଦେବ ପ୍ରଧାନ ଲିଖିତ ଅଭିଯୋଗ ଆଧାରରେ ବ୍ରହ୍ମଗିରି ଥାନା ପୋଲିସ କେଶ ନମ୍ବର ୩୭୬/୨୫ କ୍ରମେ ଭାରତୀୟ ନ୍ୟାୟ ସଂହିତା ବିଏନସର ଧାରା ୧୩୭(୨), ୮୭, ୪୯ ସହିତ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ର ଧାରା ୯ ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇ ଥିଲା । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଭାବେ ଅଜିବ ଦଳାଇ ବୟସ ୫୪ , ପିତା ସ୍ୱ. ଜୟ ଦଳାଇ, ଗ୍ରାମ ହରିଦାସ, ଥାନା ବ୍ରହ୍ମଗିରି, ଜିଲ୍ଲା ପୁରୀ, ଅରବିନ୍ଦ ଦଳାଇ ଓରଫ ଗୁଲୁ ବୟସ ୨୦ ପିତା ଅଜିବ ଦଳାଇ, ଗ୍ରାମ ହରିଦାସ, ଥାନା ବ୍ରହ୍ମଗିରି, ଜିଲ୍ଲା ପୁରୀ ନାମରେ ମାମଲା ରୁଜୁ କରିଛି । ପୋଲିସ ତୁରନ୍ତ କାର୍ଯ୍ୟ ।ନୁଷ୍ଠାନ୍ ପୂର୍ବକ ଅପହୃତା ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ଆଇନ ଅନୁଯାଇ ପୁଲିସ ଅପହୃତା ନାବାଳିକାର ବୟାନ କୋର୍ଟରେ ରେକର୍ଡ କରାଯାଇଛି । ପୁଲିସ ବାପ ଓ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିଲା । କୋର୍ଟ ଅଭିଯୁକ୍ତ ଦୁଇ ଜଣଙ୍କ ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ସେମାନଙ୍କୁ ଜେଲକୁ ପଠାଇ ଦେଇଛି ।


## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୧୬ ତମ ଜାତୀୟ ମତଦାତା ଦିବସ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬ତମ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନ ୯ ଘଟିକା ସମୟରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ର ଛାତ୍ରୀ, ବିଭିନ୍ନ ଅନୁଷ୍ଠାନର ସଚେତନ ନାଗରିକ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତା, ଡେପୁଟୀ କଲେକ୍ଟର, ଆସିଷ୍ଟାଂଟ କଲେକ୍ଟର ଓ ବିଭିନ୍ନ ବ୍ଲକର ବୁଥ୍‌ସ୍ତରୀୟ ଅଧିକାରୀ ମାନେ ହାତରେ ଭୋଟର ସଚେତନତା ବାର୍ତା ପ୍ଲାଗ କାର୍ଡ ଧରି ଏକ ଭୋଟର ସଚେତନତା ରାଲୀ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ପଲା ହାଟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁନଶ୍ଚ ଜିଲ୍ଲା ପାଳାଙ୍କ କାର୍ଯ୍ୟାଳୟ ପରିସରରେ ପହଁଚିଥିଲେ । ଏହି ସଚେତନତା ରାଲିକୁ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଜିଲ୍ଲା କାର୍ଯ୍ୟାଳୟ ପରିସର ଠାରେ ଶୁଭାରମ୍ଭ କରିଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ସମାରୋହ ଉପଜିଲ୍ଲାପାଳ ଶ୍ରୀ ସାହୁଙ୍କ ପୋରହିତ୍ୟାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇ କହିଲେ ଭାରତ ବିଶ୍ୱରେ ସବୁଠାରୁ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ଆମର ପବିତ୍ର ଗଣତନ୍ତ୍ର ବିଶ୍ୱରେ ଅନନ୍ୟ । ନିର୍ବାଚନ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆମେ ଆମ ପ୍ରତିନିଧିଙ୍କୁ ବାଛି ଶାସନ କରିବା ପାଇଁ ନିର୍ବାଚିତ କରୁ ।




## ସୁଧା ସର୍ଜନା ମହା ମହୋତ୍ସବର ଆୟୋଜନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସହର ରେ ସତସଙ୍ଗ ମହା ମହୋତ୍ସବର ଆୟୋଜନ ନିମନ୍ତେ ସତସଙ୍ଗ ର ପ୍ରଧାନ ଆଚାର୍ଯ୍ୟ ଦେବ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ଙ୍କ ଇଚ୍ଛାକୁ ବାସ୍ତବତାର ରୂପ ଦେବାକୁ ତାଙ୍କର ଜ୍ୟେଷ୍ଠ ପୁତ୍ର ପୂଜନୀୟ ଶ୍ରୀ ଶ୍ରୀ ଅଭିନ୍ନ ଦାଦା ଙ୍କୁ ଅଗ୍ରଭାଗରେ ରଖି, ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହା ମହୋତ୍ସବ ତଥା ଭୁବନେଶ୍ୱରର ସତସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଶତାଧିକ ଯୁବକର୍ମୀ, ମା ମାନେ ସହର ମଧ୍ୟରେ ଘର ଘର ପରିକ୍ରମା କରି ଏହି ଉତ୍ସବରେ ଲକ୍ଷାଧିକ ଜନ ସମାଗମ ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଶୀର୍ବାଦ ନେବା ପାଇଁ ନିମନ୍ତ୍ରଣ କରିବା ଦେଖାଯାଏ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଧର୍ମ ଆଲୋଚନା, ଶିଶୁ ମାନଙ୍କ ମଧ୍ୟରେ ବଞ୍ଚିବାର ରାହା, ମା ମାନେ, ମାତୃ ସମିଳନୀରେ ଯୋଗ ଦେବେ । ପ୍ରସାଦ ସେବନ ପାଇଁ ବିଭିନ୍ନ ପ୍ରକାରର ଆୟୋଜନ କରାଯାଇଛି । ସୁନାମ ଧନ୍ୟ " ହ୍ୱାଇଟ୍ ବ୍ୟାଣ୍ଡ " ଦ୍ୱାରା ବହୁ ଚିତାକର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସକାଳ, ସନ୍ଧ୍ୟାରେ ବିନତି ପ୍ରାର୍ଥନା, ଗ୍ରନ୍ଥାବଳୀ ପାଠ, ଉଷା କୀର୍ତ୍ତନ, ନଗର କୀର୍ତ୍ତନ ରେ ଦେଶର ବିଭିନ୍ନ ଅଞ୍ଚଳର ସାଧୁ, ସନ୍ଥ, ଅନୁରାଗୀ ,ସତସଙ୍ଗ ର କର୍ମୀ ଏବଂ ଅନୁରାଗୀ ମାନେ ଯୋଗ ଦେବା ଆଶା କରାଯାଏ । ଏହି ମହା ମହୋତ୍ସବ ସଫଳ କରିବା ପାଇଁ ଉତ୍ସବ କମିଟି ତରଫରୁ ସମସ୍ତ ନଗର ବାସିନ୍ଦା ଙ୍କୁ ଅନୁରୋଧ କରାଯାଇଛି ।



# ବରିଷ୍ଠ ସାମ୍ବାଦିକ ମାର୍କ ଟଲିଙ୍କ ଦେହାନ୍ତ

**ନୂଆଦିଲ୍ଲୀ:** ପ୍ରସିଦ୍ଧ ଭାରତୀୟ ସାମ୍ବାଦିକ ତଥା ଲେଖକ ମାର୍କ ଟୁଲିଙ୍କର ରବିବାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି । ଏନେଇ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ସତୀଶ ଜାକବ ସୂଚନା ଦେଇଛନ୍ତି । ମୃତ୍ୟୁ ସମୟରେ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା ।

ତେବେ ସେ କିଛି ସମୟ ଧରି ଅସୁସ୍ଥ ଥିଲେ ଏବଂ ଗତ ଜାନୁଆରୀ ୨୧ ତାରିଖରେ ତାଙ୍କୁ ସାକେତର ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଆଜି ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ତେବେ ତାଙ୍କୁ ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି କରାଯାଇଥିଲା ।

ଟଲିଙ୍କ ଜନ୍ମ ୨୪ ଅକ୍ଟୋବର ୧୯୩୫ରେ କଲିକତାରେ ହୋଇଥିଲା ଏବଂ ସେ ୨୨ ବର୍ଷ ଧରି ବିବିସିର ନୂଆଦିଲ୍ଲୀ ବ୍ୟୁରୋ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ଏଥିସହିତ ସେ ବିବିସି ରେଡିଓ ୪ କାର୍ଯ୍ୟକ୍ରମ "ସମଥିଂ ଅଣ୍ଡରଷ୍ଟୁଡ୍" ର ଜଣେ ପ୍ରସିଦ୍ଧ ଲେଖକ ଏବଂ ଉପସ୍ଥାପକ ମଧ୍ୟ ଥିଲେ । ତେବେ ସେ ଭାରତ, ବ୍ରିଟିଶ ରାଜ ଏବଂ ଭାରତୀୟ ରେଳବାଇ ଭଳି ବିଷୟଗୁଡ଼ିକୁ କଭର କରୁଥିବା ଅନେକ ଡକ୍ୟୁମେଣ୍ଟାରୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଟୁଲିଙ୍କୁ ୨୦୦୨ ମସିହାରେ ନାଇଟ୍ ଉପାଧି ଦିଆଯାଇଥିଲା ଏବଂ ୨୦୦୫ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ମଧ୍ୟ ପ୍ରଦାନ କରିଥିଲେ । କେବଳ ଏତିକି ନୁହେଁ ସେ ଭାରତ ଉପରେ ମଧ୍ୟ ଅନେକ ପୁସ୍ତକ ଲେଖିଛନ୍ତି । ଯେଉଁଥିରେ "ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ", "ଇଣ୍ଡିଆ ଇନ୍ ସ୍ଲୋ ମୋସନ୍" ଏବଂ "ଦି ହାର୍ଟ ଅଫ୍ ଇଣ୍ଡିଆ" ଇତ୍ୟାଦି ସାମିଲ ରହିଛି ।

# ୨ କୀର୍ତ୍ତି ଚକ୍ର ଓ ୧୦ ସୌର୍ଯ୍ୟ ଚକ୍ର

**ନୂଆଦିଲ୍ଲୀ:** ଗଣତନ୍ତ୍ର ଦିବସ ପୂର୍ବସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସେନାର ଦୁଃସାହାସୀ ଅଧିକାରୀ, ଜୁନିୟର କମିସନଡ ଅଧିକାରୀ ଓ ଜବାନଙ୍କୁ ସେମାନଙ୍କ ବୀରତା ଓ ବିଶିଷ୍ଟ ସେବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପୁରସ୍କାରକୁ ମଞ୍ଜୁରୀ ଦେଇଛନ୍ତି । ଏହି ସମ୍ମାନ ବିଭିନ୍ନ ସୈନ୍ୟ ଅଭିଯାନରେ ଜବାନମାନେ ପ୍ରଦର୍ଶନ କରିଥିବା ଅଦମ୍ୟ ସାହସ, ନେତୃତ୍ୱ ଓ ଉତ୍କୃଷ୍ଟ ସେବା ନିମନ୍ତେ ଦିଆଯାଇଛି । ଏହି ପୁରସ୍କାର ଦେଶରେ ସୁରକ୍ଷା ଓ ଶାନ୍ତି କାୟମ ରଖିବା ପାଇଁ ସୈନିକଙ୍କ ଯୋଗଦାନକୁ ସମ୍ମାନୀତ କରେ । ଏଥିରେ ରାଷ୍ଟ୍ରପତି ୨ କିର୍ତ୍ତି ଚକ୍ର ଓ ୧୦ ସୌର୍ଯ୍ୟ ଚକ୍ରକୁ ମଞ୍ଜୁରୀ ଦେଇଛନ୍ତି । ଗୋଟିଏ ସୌର୍ଯ୍ୟ ଚକ୍ର ମରଣୋପରାନ୍ତ ପ୍ରଦାନ କରାଯିବାକୁ ଥିବା ବେଳେ ବୀରତା ନିମନ୍ତେ ଗୋଟିଏ ଓ ୪୪ ସେନା ମେଡାଲ ଦିଆଯାଇଛି । ଏଥିରେ ୫ ଜଣଙ୍କୁ ମରଣୋପରାନ୍ତ ସମ୍ମାନୀତ କରାଯିବ । ଏହି ପୁରସ୍କାର ମୁଖ୍ୟ ରୂପେ ଆତଙ୍କବାଦୀ ରୋଧୀ ଅଭିଯାନ, ସୀମା ପାଟ୍ରୋଲିଂ, ଉଗ୍ରବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବିପଦପୂର୍ଣ୍ଣ ଅପରେସନରେ ଦୁଃସାହସ ପ୍ରଦର୍ଶନ ନିମନ୍ତେ ଦିଆଯିବ । ରାଷ୍ଟ୍ରପତି ବିଶିଷ୍ଟ ସେବା ନିମନ୍ତେ ୧୯ ପରମ ବିଶିଷ୍ଟ ସେବା ମେଡାଲ, ୪ ଉତ୍ତମ ଯୁଦ୍ଧ ସେବା ମେଡାଲ, ୩୫ ଅତି ବିଶିଷ୍ଟ ସେବା ମେଡାଲ, ୭ ଯୁଦ୍ଧ ସେବା ମେଡା, ସେନା ମେଡାଲ (ବିଶିଷ୍ଟ ) ୨ଥର, ୪୩ ସେନା ମେଡାଲ ବିଶିଷ୍ଟ ଓ ୮୫ ବିଶିଷ୍ଟ ସେବା ମେଡାଲ ମଞ୍ଜୁର କରିଛନ୍ତି । ଏହା ଛଡା ଅପରେସନ ରକ୍ଷକ, ଅପରେସନ ସ୍ନୋ ଲିଓପାର୍ଡ, ଅପରେସନ ହିଫାଜତ, ଅପରେସନ ଅର୍କିଡ ଓ ଅପରେସନ ମେଘଦୂତ ଭଳି ବିଭିନ୍ନ ଅଭିଯାନରେ ଉଦ୍ଧାର କାର୍ଯ୍ୟ ଓ ହତାହତ ଉଦ୍ଧାରରେ ଯୋଗଦାନ ନିମନ୍ତେ ୮୧ଟି ମିସନ-ଇନ-ଡେସ୍ପାଚ୍ ଦିଆଯାଇଛି । ଏଥିରେ ୧-ଆସାମ ରାଇଫଲର ମେଜର ଅର୍ଶଦୀପ ସିଂହ ଓ ପାରା ସ୍ପେଶାଲ ଫୋର୍ସେସର ନାୟବ ସୁବେଦାର ଦୋଲେଶ୍ୱର ସୁବବାଙ୍କୁ କିର୍ତ୍ତି ଚକ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯିବ ।

# ଧର୍ମେନ୍ଦ୍ରଙ୍କୁ ପଦ୍ମ ବିଭୂଷଣ, ରୋହିତଙ୍କୁ ପଦ୍ମଶ୍ରୀ




**ନୂଆଦିଲ୍ଲୀ:** ୨୦୨୬ ମସିହା ପାଇଁ ରବିବାର ଘୋଷଣା କରାଯାଇଛି ପଦ୍ମ ପୁରସ୍କାର । ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରେସ୍ ରିଲିଜ୍ ଜାରି କରାଯାଇଛି । କଳା କ୍ଷେତ୍ରରେ ଅବଦାନ ପାଇଁ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯିବ । କେରଳର ୩ ଜଣଙ୍କୁ ପ୍ରଦାନ କରାଯିବ ପଦ୍ମ ବିଭୂଷଣ ପୁରସ୍କାର । ସେମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ, କେ.ଟି ଥୋମାସ ଓ ପି ନାରାୟଣନ । ଭି ଏସ୍ ଅଚ୍ୟୁତାନନ୍ଦନଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ । କେ.ଟି ଥୋମାସଙ୍କୁ ପବ୍ଲିକ୍ ଆଫାୟର୍ସ କ୍ଷେତ୍ର ପାଇଁ ଏବଂ ପି ନାରାୟଣନଙ୍କୁ ଶିକ୍ଷା ଓ ସାହିତ୍ୟ କ୍ଷେତ୍ର ପାଇଁ ମିଳିବ ପଦ୍ମ ବିଭୂଷଣ ପୁରସ୍କାର । ସେହିପରି କଳା କ୍ଷେତ୍ରରେ ଅବଦାନ ପାଇଁ ଉତ୍ତର ପ୍ରଦେଶର ଏନ୍ ରାଜମଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାୀ କରାଯିବ । ୧୩ ଜଣଙ୍କୁ ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯିବାକୁ ଥିବା ବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ଗାୟିକା ଅଲକାୟାଗ୍ନିକ, ଅଭିନେତା ମାମ୍ମୁଟୀ, ପୀୟୁଷ ପାଣ୍ଡେ (ମରଣୋତ୍ତର), ଭି କେ ମାଲହୋତ୍ରା (ମରଣୋତ୍ତର), ଟେନିସ୍ ଖେଳାଳି ବିଜୟ ଅମୃତରାଜ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶିବୁ ସୋରେନ (ମରଣୋତ୍ତର) । ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ଅବଦାନ ପାଇଁ ଉଦୟ କୋଟାକଙ୍କୁ ମଧ୍ୟ ପ୍ରଦାନ କରାଯିବ ପଦ୍ମ ଭୂଷଣ ପୁରସ୍କାର । ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଥିବା ୧୧୩ ଜଣଙ୍କ ମଧ୍ୟରେ ଅଛନ୍ତି ଭାରତୀୟ କ୍ରିକେଟ୍ ଟିମର ପୂର୍ବତନ ଅଧିନାୟକ ରୋହିତ ଶର୍ମା । ତାଙ୍କ ସହିତ ମହିଳା ହକି ଖେଳାଳି ସବିତା ପୁନିଆ ଓ ଭାରତୀୟ ମହିଳା କ୍ରିକେଟ୍ ଟିମର ଅଧିନାୟିକା ହରମନପ୍ରୀତ କୌର ଭୁଲ୍ଲାର ମଧ୍ୟ ପାଇବେ ପଦ୍ମଶ୍ରୀ ପୁରସ୍କାର । ବଲିଉଡ୍ ଅଭିନେତା ସତୀଶ ଶାହଙ୍କୁ ମଧ୍ୟ ପ୍ରଦାନ କରାଯିବ ପଦ୍ମଶ୍ରୀ ପୁରସ୍କାର । ତାଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ । ଓଡ଼ିଶାରୁ ୪ ଜଣଙ୍କ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଛିଛ ସେମାନେ ହେଉଛନ୍ତି ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର । ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ରଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏହି ପୁରସ୍କାର ଦିଆଯିବ । ସେହିପରି ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ ।

## ପ୍ରବଳ ତୁଷାରପାତ ଅଟକାଇ ପାରିଲାନି ବିବାହ

**ମଣ୍ଡି:** ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାର ସରାଜ ଉପତ୍ୟକାରେ ପ୍ରବଳ ବରଫପାତ ମଧ୍ୟରେ ଏପରି ଏକ ବିବାହ ଅନୁଷ୍ଠିତ ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ୩ରୁ ୪ ଫୁଟ ଉଚ୍ଚ ବରଫ, ବନ୍ଦ ରାସ୍ତା ଏବଂ ପ୍ରବଳ ଥଣ୍ଡା ସତ୍ତ୍ୱେ ବର ଗୀତେଶ ଠାକୁର ତାଙ୍କ ବିବାହ ଶୋଭାଯାତ୍ରା ଧରି ବାହାରିଥିଲେ । ପ୍ରାୟ ୭ କିଲୋମିଟର ଚାଲି ଚାଲି କନିଆଁର ଗାଁରେ ପହଞ୍ଚିଥିଲେ । ବିବାହ ପରେ, କନିଆ ଉଷା ଠାକୁର ମଧ୍ୟ ତାଙ୍କ ଶ୍ୱଶୁର ଘରକୁ ଚାଲି ଚାଲି ଯାଇଥିଲେ । ଜାନୁଆରୀ ୨୩ରେ ଏହି ଅନନ୍ୟ ବିବାହ ହୋଇଥିଲା । କେଓଲି ପଞ୍ଚାୟତର ବୁନାଲିଘର ଗାଁର ବାସିନ୍ଦା ଗୀତେଶ ଠାକୁରଙ୍କ ବିବାହ ଶୋଭାଯାତ୍ରା ଭାଇଚରି ଗାଁକୁ ଯିବାର ଥିଲା । କିନ୍ତୁ ଜାନୁଆରୀ ୨୩ରେ ମଣ୍ଡି ଜିଲ୍ଲାରେ ପ୍ରବଳ ତୁଷାରପାତ ଆରମ୍ଭ ହୋଇଥିଲା, ଯାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହିଥିଲା । ଜଞ୍ଜେହଲି, ବାଗସ୍ୟାଦ, ଲାମ୍ବାଥାଚ କଲହାନି, ସୈଉଧର ଏବଂ ଥୁନାଗ ସାରାଚି ସମେତ ସମଗ୍ର ଅଞ୍ଚଳକୁ କିଛି ଫୁଟ ବରଫ ଘୋଡ଼ାଇ ଦେଇଥିଲା । ରାସ୍ତା ବନ୍ଦ ଏବଂ ଅନ୍ଧାର ସତ୍ତ୍ୱେ, ଗୀତେଶ ଠାକୁର ବିବାହ ପାଇଁ ପାଦରେ ଚାଲି ଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ । ବରର ପିତା ଦେବେନ୍ଦ୍ର ଠାକୁରଙ୍କ ଅନୁସାରେ, ଗୀତେଶ କିଛି ବିବାହ ଅତିଥିଙ୍କ ସହିତ ପ୍ରାୟ ୭ କିଲୋମିଟର ବରଫ ରାସ୍ତା ଦେଇ ବୈଚରୀ ଗାଁରେ ପହଞ୍ଚିଥିଲେ ।

# ଇରାନ ମୁହାଁ ଟ୍ରମ୍ପଙ୍କ ସେନା, ବଙ୍କରରେ ଖାମେନେଇ !

**ନୂଆଦିଲ୍ଲୀ:** ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ଏକ ବିପଜ୍ଜନକ ମୋଡ଼ରେ ପହଞ୍ଚିବା ପରି ମନେ ହେଉଛି । ମଧ୍ୟପ୍ରାଚ୍ୟରେ ଆମେରିକୀୟ ଯୁଦ୍ଧଜାହାଜର ବର୍ଦ୍ଧିତ ଉପସ୍ଥିତି, ଲଢୁଆ ବିମାନ ମୁତୟନ ଏବଂ ଇରାନର ଖୋଲା ଧମକ ଏହି ପ୍ରଶ୍ନ ଉଠାଇଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେବଳ ଚେତାବନୀ ଦେଇ ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ଆଡ଼କୁ ଯାଉଛନ୍ତି କି?



କୁହାଯାଉଛି, ଟ୍ରମ୍ପ ପ୍ରଶାସନ ଇରାନ ବିରୁଦ୍ଧରେ ସାମରିକ ବିକଳ୍ପଗୁଡ଼ିକ ବିଚାର କରୁଛି ଯାହାର ନିର୍ଣ୍ଣାୟକ ପ୍ରଭାବ ପଡ଼ିପାରେ । ଏହି ସମୟରେ, ମଧ୍ୟପ୍ରାଚ୍ୟ ଆଡକୁ ଆମେରିକୀୟ ବିମାନ ବାହକ ଆବ୍ରାହମ ଲିଙ୍କନର ଦ୍ରୁତ ଅଗ୍ରଗତି ପରିସ୍ଥିତିକୁ ଆହୁରି ବିଗାଡୁଛି । ପୂର୍ବରୁ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ ହୋଇଥିବା ଆବ୍ରାହମ ଲିଙ୍କନ୍ ଏବେ ଆରବ ସାଗର ଦେଇ ଆମେରିକାର କେନ୍ଦ୍ରୀୟ କମାଣ୍ଡର କାର୍ଯ୍ୟକ୍ଷମ ଜୋନରେ ପହଞ୍ଚିଛି । ଅନେକ ବିଧ୍ୱଂସକ ଏବଂ ପରମାଣୁ ବୁଡ଼ାଜାହାଜ ମଧ୍ୟ ଉପସ୍ଥିତ ଅଛି । ଏହି ବିମାନ ବାହକରେ ଡଜନ ଡଜନ ଏଫ/ଏ-୧୮ ଲଢୁଆ ବିମାନ ମୁତୟନ କରାଯାଇଛି, ଯାହାର ଷ୍ଟ୍ରାଇକ୍ ପରିସର ଇରାନର ଅନେକ ସହର ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

ଏହା ବ୍ୟତୀତ, ଆମେରିକା ବାୟୁସେନା ଜୋର୍ଡାନରେ ଏଫ-୧୫ ଲଢୁଆ ବିମାନ ଏବଂ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ମୁତୟନ କରିଛି । ଭାରତ ମହାସାଗରର ଡିଏଗୋ ଗାର୍ସିଆ ଘାଟିରେ କାର୍ଗୋ ବିମାନର ଘନଘନ ଗତିବିଧି ଏବେ ଆଶଙ୍କା ବଢ଼ାଇଛି ଯେ ଆମେରିକା ଏକ ବଡ଼ ଅପରେସନ ପାଇଁ ପ୍ରସ୍ତୁତ ହେଉଛି । ସେପଟେ ଆମେରିକାର ସମ୍ଭାବ୍ୟ ଆକ୍ରମଣ ଭିତରେ ଇରାନର ସର୍ବୋଚ୍ଚ ନେତା ବାସଭବନ ଛାଡ଼ି ସୁରକ୍ଷିତ ବଙ୍କରକୁ ସ୍ଥାନାନ୍ତରିତ ହୋଇଥିବା କୁହାଯାଉଛି । ଏଥିସହିତ ଆମେରିକୀୟ ସାମରିକ କାର୍ଯ୍ୟକଳାପର ଜବାବରେ, ଇରାନ ସ୍ପଷ୍ଟ କରିଛି ଯେ ଏହା ପଛକୁ ହଟିବ ନାହିଁ । ଇରାନ ସାମରିକ ନେତୃତ୍ୱ କହିଛି ଯେ ମଧ୍ୟପ୍ରାଚ୍ୟ ଏବଂ ଇସ୍ରାଏଲରେ ଥିବା ଉଭୟ ଆମେରିକୀୟ ସାମରିକ ଘାଟି ଏହାର କ୍ଷେପଣାସ୍ତ୍ର ପରିସର ମଧ୍ୟରେ ଅଛି । ଇରାନର ସାମରିକ ବାହିନୀ ସମ୍ପୂର୍ଣ୍ଣ ସତର୍କ ଏବଂ ଯେକୌଣସି ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ ।

# ୧୦ ଗୁଣ ବଢ଼ିବ ଆଣବିକ ଶକ୍ତି ଉତ୍ପାଦନ

**ନୂଆଦିଲ୍ଲୀ:** ୨୦୦୫ରେ ଜାରି ହୋଇଥିବା ବିଦ୍ୟୁତ୍ ନୀତିକୁ ବଦଳାଇ ଦୁଇ ଦଶନ୍ଧି ପରେ ଏବେ ଭାରତ ସରକାର ନୂତନ ବିଦ୍ୟୁତ୍ ନୀତି-୨୦୨୬ ଆଣିବାକୁ ଯାଉଛନ୍ତି । ଏଥିପାଇଁ ଚିଠାପ୍ରସ୍ତାବ ପ୍ରସ୍ତୁତ ହୋଇ ସାରିଛି । ଉନ୍ନତ ଆଣବିକ ପ୍ରଯୁକ୍ତିବିଦ୍ୟା, କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ଓ ଅନ୍ୟାନ୍ୟ କ୍ଷୁଦ୍ର କ୍ଷମତା ସମ୍ପନ୍ନ ରିଆକ୍ଟର ବ୍ୟବହାର କରାଯିବା ସହ ଆଣବିକ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ପ୍ରବେଶ ପାଇଁ ଏହି ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି । ଭାରତକୁ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ସମର୍ଥ ରାଷ୍ଟ୍ର ଭାବେ ପରିଗଣିତ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି । ଧୀରେ ଧୀରେ ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବା ସହ କୋଇଲା ଭିତ୍ତିକ ତାପଜ ଶକ୍ତି ଉତ୍ପାଦନ ହ୍ରାସ କରାଯିବା ପାଇଁ ଯୋଜନା କରାଯାଉଛି । ସଂପ୍ରତି ଭାରତରେ ଉତ୍ପାଦିତ ବିଦ୍ୟୁତ୍ର ସର୍ବାଧିକ ଭାଗ ହେଉଛି କୋଇଲା ଭିତ୍ତିକ ତାପଜ ଶକ୍ତି ପ୍ରକଳ୍ପରୁ ଉତ୍ପାଦିତ ହେଉଥିବା ବିଦ୍ୟୁତ୍ ଶକ୍ତି । ତେବେ କୋଇଲା ଏକ ନବୀକରଣକ୍ଷମ ବିଦ୍ୟୁତ୍ ଉତ୍ସ ହୋଇ ନଥିବା ବେଳେ ଏହାର ମାତ୍ରାଧିକ ବ୍ୟବହାର ପରିବେଶ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଉଛି । ତେଣୁ ନୂଆ ବିଦ୍ୟୁତ୍ ନୀତିରେ ଆଣବିକ ପ୍ରକଳ୍ପ ଉପରେ ଅଧିକ ମନୋନିବେଶ କରିବ ଭାରତ । ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି ଯେ ୨୦୪୭ ସୁଦ୍ଧା ଭାରତର ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବାର୍ଷିକ ୧୦ ଗୁଣରୁ ଅଧିକ ବୃଦ୍ଧି ପାଇ ୧୦୦ ଜିଗାୱାଟ୍ ହେବ । ସଂପ୍ରତି ଏହା ମାତ୍ର ୮.୮ ଜିଗାୱାଟ୍ ରହିଛି । ଶକ୍ତି କ୍ଷେତ୍ରରେ ଆର୍ଥିକ ସଂସ୍କାର ପାଇଁ ପଥ ଉନ୍ମୁକ୍ତ କରାଯିବା ସହ ଘରୋଇ କ୍ଷେତ୍ରର ସହଭାଗିତା ଉପରେ ଗୁରୁତ୍ୱ ଆରୋପ କରାଯିବ । ଭାରତରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୪୭ ସୁଦ୍ଧା ମୁଣ୍ଡପିଛା ବିଦ୍ୟୁତ୍ ଉତ୍ପାଦନ ଦୁଇ ଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟାରେ ପ୍ରଦୂଷଣ ହ୍ରାସକୁ ଗୁରୁତ୍ୱ ଦେଇଛି ଏହି ଚିଠା ପ୍ରସ୍ତାବ । ୨୦୩୦ ସୁଦ୍ଧା ପ୍ରଦୂଷଣ ୪୫ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟୁତ୍ ଶୁଳ୍କ ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଆଣିବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ ରହିଛି ।

## ଆକାଶରୁ ବରଫ ବର୍ଷା, ଅନ୍ଧାରରେ ଆମେରିକା

**ନ୍ୟୁୟର୍କ:** ଆମେରିକାରେ ବରଫ ଝଡର ତାଣ୍ଡବ । ବିମାନ ଯାତ୍ରା ପ୍ରଭାବିତ । ଜୀବନ ଜୀବିକା ବି ଠପ୍ ।୨୦୨୬ରେ ଭୟଙ୍କର ବରଫ ଝଡର ସାମ୍ନା କରିଛି ଆମେରିକା । ଯାହା ଏଠାରେ ସବୁ କିଛି ଠପ୍ କରିଦେଇଛି । ରିପୋର୍ଟ ଅନୁସାରେ, ଶନିବାରଠାରୁ ୟୁଏସରେ ପ୍ରବଳ ଶୀତ ଅନୁଭୁତ ହେଉଛି । ଯାହାର ପ୍ରଭାବରେ ତାପମାତ୍ରା ମାଇନସକୁ ଖସିଛି ।ଫଳରେ ୮ ହଜାରରୁ ଅଧିକ ବିମାନ ଉଡାଣ ରଦ୍ଦ ହୋଇଥିବା ବେଳେ ଲକ୍ଷେରୁ ଅଧିକ ଘରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି ।ଟେକ୍ସାସ ସହ ଦେଶର ପୂର୍ବ ପ୍ରାନ୍ତ ଏହି ଭୟଙ୍କର ବରଫ ଝଡର ସାମ୍ନା କରୁଛି । ତେବେ ସୋସିଆଲ ମିଡିଆରେ ଆମେରିକା ବରଫ ଝଡର ଅନେକତ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି । ଯାହା ସେଠାକାର ଭୟଙ୍କର ସ୍ଥିତି ବାବଦରେ ପ୍ରମାଣ ଦେଉଛି ।ପାଣିପାଗ ବିଭାଗର କହିବାନୁସାରେ, ଦେଶର ଅନେକ ଜାଗାରେ ବରଫର ବର୍ଷା ହେଉଛି । ପ୍ରବଳ ବରଫପାତ ହେଉଛି । କିଛି ସହର ଧଳାଚାଦର ଘୋଡେଇ ହୋଇଯାଇଛି । ଯାହା ଆସନ୍ତା ସପ୍ତାହେ ଯାଏଁ ଜାରି ରହିବ । ଦକ୍ଷିଣ କାରୋଲିନା, ଭର୍ଜିନିଆ, ଟେନେସ, ଜର୍ଜିଆ, ମ୍ୟାରୀଲ୍ୟାଣ୍ଡ, ମିସିସିପି ଆଦିରେ ଆସନ୍ତା ସପ୍ତାହରେ ମଧ୍ୟ ଏମିତିପାଗ ରହିବ । ପ୍ରଶାସନ ଏହା ଉପରେ ନଜର ରଖିଛି । ସୁରକ୍ଷିତ ଏବଂ ଉଷ୍ମମ ରହିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

# ଶୁଭ୍ରାଂଶୁ ଶୁକ୍ଲାଙ୍କୁ ମିଳିବ ଅଶୋକ ଚକ୍ର



**ନୂଆଦିଲ୍ଲୀ:** ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ) ର ଐତିହାସିକ ମହାକାଶ ମିଶନ ପାଇଁ ଅଶୋକ ଚକ୍ରରେ ସମ୍ମାନିତ କରାଯିବ । ଏହି ସମୟରେ ଶୁଭାଂଶୁ ଶୁକ୍ଲା ଅନେକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିର ସାମନା କରିଥିଲେ ଓ ଅନ୍ତର୍ଜାତୀୟ ମଞ୍ଚରେ ଭାରତକୁ ଗୌରବାନ୍ୱିତ କରିଥିଲେ । ତାଙ୍କର ଏହି ଅସାଧାରଣ ଓ ଅପ୍ରତ୍ୟାଶିତ ସଫଳତାକୁ ଦେଖି ଅଶୋକ ଚକ୍ରରେ ସମ୍ମାନିତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ ଶୁଭାଂଶୁ ଶୁକ୍ଲା ତିନି ଅନ୍ୟ ମହାକାଶ ଯାତ୍ରୀଙ୍କ ସହ ଅକ୍ସିଓମ-୪ ମିଶନରେ ଆଇଏସ୍ଏସ୍ ଯାତ୍ରା କରିଥିଲେ । ସେ ୨୦୨୫ ଜୁନ୍ ୨୫ରେ ମହାକାଶ ଅଭିମୁଖେ ଉଡାଣ ଭରିଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୱିଙ୍ଗ କମାଣ୍ଡର ରାକେଶ ଶର୍ମାଙ୍କ ପରେ ମହାକାଶ ଯାତ୍ରା କରିବାରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ହୋଇଥିଲେ । ଶୁଭାଂଶୁ ଶୁକ୍ଲାଙ୍କ ଏହି ସ୍ପେସ୍ ମିଶନ ଅନେକ ଦୃଷ୍ଟିରୁ ଐତିହାସିକ ରହିଥିଲା । ୨୦ ଦିନ ମହାକାଶରେ ରହିବା ପରେ ଜୁଲାଇ ୧୪ରେ ପୃଥିବୀକୁ ସୁରକ୍ଷିତ ଫେରିଥିଲେ । ଏହି ଅବଧିରେ ସେ ୬୦ରୁ ଅଧିକ ପ୍ରୟୋଗ କରିଥିଲେ, ଯେଉଁଥିରେ ଜୈବିକ ଚିକିତ୍ସା ବିଜ୍ଞାନ, କୃଷି ଓ ଅନ୍ୟାନ୍ୟ ବୈଜ୍ଞାନିକ କ୍ଷେତ୍ର ସହ ଜଡ଼ିତ ଗବେଷଣା ସାମିଲ ଥିଲା ।

## ମୋର ସବୁଠାରୁ ସୁନ୍ଦର ସ୍ମୃତି ମଧ୍ୟରୁ ଭାରତକୁ ଗସ୍ତ କରିବା ଅନ୍ୟତମ: ସୁନୀତା

**ତିରୁବନନ୍ତପୁରମ:** ମହାକାଶଚାରୀ ସୁନିତା ୱିଲିୟମ୍ସ ଭାରତ ଗସ୍ତରେ ଅଛନ୍ତି । ଗତ ବର୍ଷ, ସୁନିତା ନଅ ମାସ ଧରି ପୃଥିବୀ ପରିକ୍ରମା କରିଥିଲେ । ସେ ଭାରତର ପ୍ରଥମ ୟୁନେସ୍କୋ ସାହିତ୍ୟ ସହର କୋଝିକୋଡରେ କେରଳ ସାହିତ୍ୟ ମହୋତ୍ସବର ନବମ ସଂସ୍କରଣରେ ଯୋଗଦେବା ପାଇଁ ଭାରତ ଆସିଛନ୍ତି । ୧୨ ବର୍ଷ ପରେ ଭାରତ ଗସ୍ତ କରି ସୁନିତା ୱିଲିୟମ୍ସ କହିଛନ୍ତି, ମୋର ସବୁଠାରୁ ସୁନ୍ଦର ସ୍ମୃତି ମଧ୍ୟରୁ ଗୋଟିଏ ହେଉଛି ୨୦୧୩ରେ ମୋ ବାପାଙ୍କ ସହ ଭାରତ ଗସ୍ତ କରିବା । ସେହି ସମୟରେ ଆମେ ପରିବାର ଓ ବନ୍ଧୁମାନଙ୍କୁ ଭେଟିଥିଲୁ । ଦୁର୍ଭାଗ୍ୟବଶତଃ, ମୋ ବାପା ଆଉ ମୋ ସହିତ ନାହାନ୍ତି । ମୁଁ ତାଙ୍କ ଗୃହ ରାଜ୍ୟ ଗୁଜରାଟ ପରିଦର୍ଶନ କରିପାରିବି ନାହିଁ । ପ୍ରଥମ ଥର ପାଇଁ କେରଳ ଆସି ସେ କହିଛନ୍ତି,ଦେଶର ଏହି ଅଂଶକୁ ଦେଖିବା ପାଇଁ ମୁଁ ବେଶ୍ ଉତ୍ସାହିତ । ମୋ ବାପା ମୋତେ କହିଥିଲେ ଯେ, କେରଳ ଏକ ଯାଦୁକରୀ ସ୍ଥାନ ଓ ଅନେକ ଭାରତୀୟ ସନ୍ଥଙ୍କ ବାସସ୍ଥାନ । ମୁଁ କେରଳ ସାହିତ୍ୟ ମହୋତ୍ସବ ନେଇ ଉତ୍ସାହିତ । ପୁସ୍ତକସମସ୍ତଙ୍କ ପାଇଁ ଶିଖିବାର ଏକ ଉତ୍ସ ।ପିଲାଦିନରୁ ପଢ଼ିବା ମୋ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା ।

# ଏଆଇ ପ୍ରଭାବରେ ୬୦ ପ୍ରତିଶତ ଚାକିରି ଲୋପ ପାଇବ: ଆଇଏମ୍ଏଫ୍




**ଡାଭୋସ:** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜୋର୍ଜିଭା କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଭାବରେ ସାରା ବିଶ୍ୱରେ ୪୦ ପ୍ରତିଶତ ଓ ବିକଶିତ ଦେଶଗୁଡ଼ିକରେ ୬୦ ପ୍ରତିଶତ ଚାକିରି ଲୋପ ପାଇବ । ଏଆଇକୁ ସେ ଶ୍ରମ ବଜାରରେ ମାଡ଼ ହେବାକୁ ଥିବା ସୁନାମି ସହ ତୁଳନା କରିଛନ୍ତି । କିନ୍ତୁ ଏହି ପ୍ରଯୁକ୍ତି ଉତ୍ପାଦକତା ବଢ଼ାଇବ । ଏହାର ପରୋକ୍ଷ ଲାଭ ମିଳିବ ବୋଲି ଜୋର୍ଜିଭା କହିଛନ୍ତି । ତାଙ୍କ ମତରେ ଏଆଇ ଦ୍ୱାରା ଅଧିକ ଉପାର୍ଜନ କରୁଥିବା ଲୋକମାନେ ଉପକୃତ ହେବେ । ସେମାନଙ୍କ ପାଖରେ ଯେଉଁ ଅଧିକ ଅର୍ଥରାଶି ପହଞ୍ଚିବ ତାହାର ଲାଭ ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ମିଳିବ । ସେମାନେ ଯେଉଁ ଖର୍ଚ୍ଚ କରିବେ ସେଥିରୁ ରେଷ୍ଟୋରାଁ, ରିଟେଲ ଷ୍ଟୋର୍ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ର ଉପକୃତ ହେବ ।

ଏଆଇ ଦକ୍ଷତା ଥିବା ପ୍ରତି ୧୦ ଜଣରୁ ଜଣେ ଅଧିକ ଆୟ କରୁଛନ୍ତି । ସେମାନେ ସେହି ବର୍ଦ୍ଧିତ ରାଶିକୁ ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ କରୁଛନ୍ତି । ତାହାର ପ୍ରଭାବରେ ଅଳ୍ପ କୁଶଳୀ ନିଯୁକ୍ତିର ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ସାନ ଫ୍ରାନ୍ସିସ୍କୋରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ପ୍ରତି ନୂଆ ପ୍ରଯୁକ୍ତି ନିଯୁକ୍ତି ପ୍ରଭାବରେ ରୋଷେୟା, ଶିକ୍ଷକ ଭଳି ୪.୪ଟି ନୂଆ ସ୍ଥାନୀୟ ଚାକିରି ସୃଷ୍ଟି ହୋଇଥାଏ ।

ଏଆଇ ଦ୍ୱାରା ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରଭାବିତ ହେବେ ବୋଲି ଜୋର୍ଜିଭା କହିଛନ୍ତି । ଏଆଇ ମାଧ୍ୟମରେ ନିଜ ଦକ୍ଷତା ବଢ଼ାଇ ନ ପାରିଲେ ମଧ୍ୟବିତ୍ତ ବର୍ଗଙ୍କ ଆୟ ବଢ଼ିବ ନାହିଁ । ଅନ୍ୟ ପକ୍ଷରେ ଅଟୋମେସନ ହେଲେ ଆଉ ପ୍ରାରମ୍ଭିକ ପର୍ଯ୍ୟାୟର ଚାକିରି ସୃଷ୍ଟି ହେବ ନାହିଁ । ତେଣୁ ଶ୍ରମଶକ୍ତିରେ ପ୍ରବେଶ କରୁଥିବା ଯୁବକଯୁବତୀମାନଙ୍କୁ କାମ ମିଳିବା କଷ୍ଟକର ହୋଇପଡ଼ିବ । ଏଆଇ କିଛି ଲୋକଙ୍କ ପାଇଁ ଲାଭଦାୟକ ଓ ଅନ୍ୟମାନଙ୍କ ପାଇଁ ହାନିକାରକ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

ଏଆଇ ବିପ୍ଳବ ଦ୍ରୁତ ଗତିରେ ଘଟୁଥିବାରୁ ମଧ୍ୟବିତ୍ତ ଓ ବିକାଶଶୀଳ ଦେଶଗୁଡ଼ିକର ସୁରକ୍ଷା ପାଇଁ ସରକାର ଓ ଅନୁଷ୍ଠାନଗୁଡ଼ିକୁ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ଆଇଏମ୍ଏଫ୍ ପକ୍ଷରୁ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ଆକଳନକୁ ବଢ଼ାଇ ୩.୩ ପ୍ରତିଶତ କରାଯାଇଛି । କିନ୍ତୁ ଜୋର୍ଜିଭା ସତର୍କ କରିଛନ୍ତି ଯେ ବିଭିନ୍ନ ଦେଶର ଋଣ ସେମାନଙ୍କ ଜିଡିପିର ୧୦୦ ପ୍ରତିଶତ ସ୍ତରରେ ରହିଥିବାରୁ ଏଆଇ କ୍ଷେତ୍ର ଆବଶ୍ୟକ କରୁଥିବା ବିପୁଳ ନିବେଶ ସଂଗ୍ରହ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇଯିବ । ତେଣୁ ଅଭିବୃଦ୍ଧିର ଯେଉଁ ଆକଳନ କରାଯାଇଛି ତାହା ଏତେ ବଡ଼ ବିପ୍ଳବ ଲାଗି ପାଣ୍ଠି ସଂଗ୍ରହ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ସେ କହିଛନ୍ତି ।

# ରପ୍ତାନି କ୍ଷେତ୍ରରେ ନିଆଯିବ ସଂସ୍କାରମୂଳକ ପଦକ୍ଷେପ



**ନୂଆଦିଲ୍ଲୀ:** ଉତ୍ପାଦନ ଶିଳ୍ପରେ ଆଗକୁ ହେବାକୁ ଥିବା ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ ଯୋଗୁ ଭାରତରୁ ରପ୍ତାନି ୨୦୩୫ ସୁଦ୍ଧା ତିନି ଗୁଣ ହେବା ଆଶା କରାଯାଉଛି । ୨୦୧୪ ପରଠାରୁ ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ତୃତୀୟ ପର୍ଯ୍ୟାୟରେ କିଛି ସଂସ୍କାରମୂଳକ ପଦକ୍ଷେପ ନେବାକୁ ଯାଉଛନ୍ତି, ଯାହା ରପ୍ତାନିକୁ ତ୍ୱରାନିତ କରିବ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ଏବେ ସ୍ୱତନ୍ତ୍ର ଯୋଜନା କରୁଛନ୍ତି ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି । ଏଥିପାଇଁ ଦେଶର ରପ୍ତାନି ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଉଦ୍ୟମ ଜାରି ରହିଛି । ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଭାରତ ସେମିକଣ୍ଡକ୍ଟର୍, ଧାତୁ, ଶକ୍ତି ସଂରକ୍ଷଣ ଏବଂ ଚମଡା ଭଳି ଶ୍ରମ-ସମ୍ବଳ ଶିଳ୍ପ ସମେତ ୧୫ଟି କ୍ଷେତ୍ରରେ ଉତ୍ପାଦନକୁ ପ୍ରାଥମିକତା ଦେବ । ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ଦଶନ୍ଧି ମଧ୍ୟରେ ବାର୍ଷିକ ସାମଗ୍ରୀ ରପ୍ତାନିକୁ ପ୍ରାୟ ୧.୩ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ୨୦୧୪ରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଓ ୨୦୨୦ରେ ରପ୍ତାନି ପ୍ରୋତ୍ସାହନ ଯୋଜନାରେ ରପ୍ତାନି ବୃଦ୍ଧି ପାଇଁ ଭାରତ ସରକାର ବଳିଷ୍ଠ ପଦକ୍ଷେପ ନେଇଥିଲେ ।

## ରଣଜୀ ଟ୍ରଫି

# କିଟରେ ତାମିଲନାଡୁର ପ୍ରଥମ ବିଜୟ



ଭୁବନେଶ୍ୱର,୨୫।୧(ସବ୍ୟ): ଚଳିତ ରଣଜୀ ଋତୁରେ ତାମିଲନାଡୁ ଦଳ କିଟ୍ ଷ୍ଟାଡିୟମରେ ପ୍ରଥମ ବିଜୟ ହାସଲ କରିଛି। ଘରୋଇ ଓଡ଼ିଶା ଦଳକୁ ୨୦୭ ରନ ବ୍ୟବଧାନରେ ପରାଜିତ କରି ଏହି ବଡ଼ ବିଜୟ ପାଇଛି ତାମିଲନାଡୁ। ଏପର୍ଯ୍ୟନ୍ତ ତାମିଲନାଡୁ ଖେଳିଥିବା ୬ଟି ମ୍ୟାଚରୁ ଗୋଟିଏ ବିଜୟ, ୨ଟି ପରାଜୟ, ୩ଟି ଡ୍ର ସହ ୧୧ ପଏଣ୍ଟ ହାସଲ କରି ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି। ପରାଜିତ ଓଡ଼ିଶା ୬ ମ୍ୟାଚରୁ ଗୋଟିଏ ବିଜୟ ଓ ୪ଟି ପରାଜୟ ସହ ୭ ପଏଣ୍ଟ ପାଇ ସପ୍ତମରେ ରହିଛି। କିଟ୍ ଷ୍ଟାଡିୟମରେ ତାମିଲନାଡୁ ପ୍ରଥମ ଇନିଂସରେ ୨୮୬ ଓ ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟ ଇନିଂସରେ ୪୫୫ ରନର ବିଜୟଲକ୍ଷ୍ୟକୁ ପିଛା କରି ୨୪୭ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଚତୁର୍ଥ ଦିନ ଓଡ଼ିଶା ପାଇଁ ଥିଲା କର ବା ମର। ଦ୍ୱିତୀୟ ଇନିଂସରେ ଓଡ଼ିଶା ୨ ୱିକେଟ୍ ହରାଇ ୪୭ ରନ୍ କରିଥିଲା। ଏହି ଇନିଂସକୁ ଆଗେଇ ନେଇଥିଲେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ଅନୀଲ ପରିଡା। ଶୁଭ୍ରାଂଶୁ ୫୫ ରନ୍ କରି ତାଳ ମେଳ ଅଭାବରୁ ରନ୍ ଆଉଟ୍ ହୋଇଥିଲେ। ଏହି ଯୋଡି ଭାଙ୍ଗିବା ସହ ଓଡ଼ିଶାର ମ୍ୟାଚ ବଞ୍ଚାଇବା ଆଶା ଶେଷ ହୋଇଯାଇଥିଲା। କିନ୍ତୁ ଅନୀଲ ପରିଡା ଆଶା ଦେଇଥିଲେ। ସେ ୨୨୦ ବଲର ସମ୍ମୁଖୀନ ହୋଇ ୯୮ ରନ୍ କରିଥିଲେ। ଗୋବିନ୍ଦ ପୋଦ୍ଦାର ୨୭ ରନ୍, ରାଜେଶ ମହାନ୍ତି ୩୦ ରନ୍ କରିଥିଲେ। ପୁଣିଥରେ ବିପ୍ଳବ ସାମନ୍ତରାୟ, ସମ୍ବିତ ବରାଳ, ରାଜେଶ ଧୂପର ଓ ଦେବବ୍ରତ ପ୍ରଧାନ ଆଉଟ୍ ହେବାରୁ ଓଡ଼ିଶାର ଲଢ଼େଇ ଏକ ପ୍ରକାର ଶେଷ ହୋଇଥିଲା। ତେଣୁ ଓଡ଼ିଶା ୮୩.୫ ଓଭରରେ ୨୪୭ ରନ୍ କରି ଅଲଆଉଟ୍ ହୋଇଥିଲା। ତାମିଲନାଡୁର ସୋନୁ ଯାଦବ, ପି. ବିଦ୍ୟୁତ, ସାଇ କିଶୋର, ନିଧିଶ ରାଜଗୋପାଳ, ପ୍ରତ୍ୟେକ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ। ୭ ୱିକେଟ୍ ସାଙ୍ଗକୁ ୭୪ ରନର ଉପଯୋଗୀ ଇନିଂସ ପାଇଁ ସୋନୁ ଯାଦବଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ପାକିସ୍ତାନକୁ ଆଇସିସିର କଡ଼ା ଚେତାବନୀ

ନୂଆଦିଲ୍ଲୀ,୨୫।୧(ଏଜେନ୍ସି): ବାଂଲାଦେଶକୁ ସମର୍ଥନ କରି ଆଇସିସି ପୁରୁଷ ଟି-୨୦ ବିଶ୍ୱକପକୁ ବଏକଟ୍ କରିବ ବୋଲି ପାକିସ୍ତାନ ଘୋଷଣା କରିଥିଲା। କିନ୍ତୁ ଆଇସିସିର କଡ଼ା ଚେନାବନୀ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ବାଟକୁ ଆସିଛି। ଏପରିକି ରବିବାର ବିଶ୍ୱକପ ଦଳ ମଧ୍ୟ ଘୋଷଣା କରିଛି। ସଲମାନ ଅଲ୍ଲୀ ଆଘାଙ୍କ ନେତୃତ୍ୱରେ ପାକିସ୍ତାନ ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରିବ ବୋଲି ରବିବାର ଦଳ ଘୋଷଣା ହୋଇଛି। ପାକିସ୍ତାନ ଦଳକୁ ଫେରିଛନ୍ତି ବାବର ଆଜମ ଓ ସହିନ ଶାହ ଆଫ୍ରିଦୀ। ବ୍ୟାଟିଂ ଲାଇନକୁ ଦୃଢ଼ କରିବା ପାଇଁ ବାବରକୁ ଡକା ଯାଇଛି। ବାଂଲାଦେଶ ବଦଳକୁ ସ୍କଟଲାଣ୍ଡକୁ ସୁଯୋଗ ଦିଆଯିବା ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ମୋହସିନ ନକଭି ଟୁର୍ଣ୍ଣାମେଣ୍ଟ ବର୍ଜନ କରିବାକୁ ଧମକ ଦେଇଥିଲେ। ଯାହା ପରେ ଆଇସିସି ଏକ ଚେତାବନୀ ଘୋଷଣା କରିଛି। ଯଦି ପାକିସ୍ତାନ ଟି-୨୦ ବୋର୍ଡରୁ ଓହରି ଯିବ ତେବେ ପରିସ୍ଥିତି ଭୟଙ୍କର ହେବ। ଏପରିକି ପାକିସ୍ତାନର ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ମଧ୍ୟ ନଷ୍ଟ ହୋଇଯାଇପାରେ। ନକଭି ପୂର୍ବରୁ ବାଂଲାଦେଶକୁ ବାଦ ଦେବା ନିଷ୍ପତ୍ତି ପାଇଁ ଆଇସିସିର ପ୍ରଶାସକ ସଂସ୍ଥାକୁ ସମାଲୋଚନା କରିଥିଲେ।

# ଆଗୁଆ ଶୃଙ୍ଖଳା ଜିତିଲା ଭାରତ



ଗୌହାଟୀ,୨୫।୧(ଏଜେନ୍ସି): ଅଭିଶେକ ଶର୍ମା ଓ ସୂର୍ଯ୍ୟ କୁମାର ଯାଦବଙ୍କ ରନ ଝଡ଼ରେ ନ୍ୟୁଜିଲାଣ୍ଡ ଧରାଶାୟୀ ହୋଇଛି। ମାତ୍ର ୧୦ ଓଭରରେ ଭାରତ ମ୍ୟାଚ ଜିତି ଯାଇଛି। ଏହି ବିଜୟ ପାଇଁ ଭାରତ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାକୁ ଆଗୁଆ ୩-୦ରେ ଜିତି ଯାଇଛି। ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ପକ୍ଷରୁ ୧୫୪ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଭାରତ ମାତ୍ର ୧୦ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ପୂରଣ କରିନେଇଛି। ଅଭିଶେକ ଶର୍ମା ୨୦ ବଲରୁ ୬୮ ଓ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୨୬ ବଲରୁ ୫୭ ରନର ଇନିଂସ ଖେଳିଛନ୍ତି। ଟି-୨୦ ବିଶ୍ୱକପ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ଏମିତି ପ୍ରଦର୍ଶନ ଅନ୍ୟ ଦଳ ପାଇଁ ଚେତାବନୀ ସଦୃଶ୍ୟ ହୋଇଛି।

୧୫୪ ରନକୁ ପିଛା କରିଥିବା ଭାରତ ପ୍ରଥମ ବଲରେ ହିଁ ସଞ୍ଜୁ ସାମସନଙ୍କୁ ହରାଇଥିଲା। ଏହାପରେ ଇଶାନ କିଷାନ ଓ ଅଭିଶେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ବୋଲରଙ୍କ ନିଦ ହଜାଇ ଦେଇଥିଲେ। ଇଶାନ୍ତ ୧୩ ବଲରୁ ୨୮ ରନ୍ କରିଥିଲେ। ଏହାପରେ ଅଭିଶେକ ୧୪ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ ୨୬ ବଲରୁ ୬ଟି ଚୌକା ଓ ୩ଟି ଛକା ସହାୟତାରେ ୫୭ ରନ୍ କରି ମ୍ୟାଚ ଫିନିସ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। ୧୩ ରନ୍ ସ୍କୋରରେ ରଚିନ ରବିନ୍ଦ୍ର ବ୍ୟାକ୍ତିଗତ ୪ ରନ୍ କରି ପାଭିଲିୟନ୍ ଫେରିଥିଲେ। ଟିମ ସେଁଫଟ ୧୧ ରନ୍ କରି ବୁମରାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ଗ୍ଲେନ୍ ଫିଲିପ୍ସ ଓ ମାର୍କ ଚାମ୍ପମ୍ୟାନଙ୍କ ଇନିଂସ ଦେଖିବାକୁ ମିଳିଥିଲା। ଭାରତୀୟ ବୋଲର ଶାଣିତ ବୋଲିଂ କରି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ହାତ ଖୋଲିବାର ସୁଯୋଗ ଦେଇନଥିଲେ। ଗ୍ଲେନ୍ ଫିଲିପ୍ସ ୪୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଡାର୍ଲି ମିଚେଲ ୧୪ ରନ୍ କରିଥିଲେ। ଅଧିନାୟକ ମିଚେଲ ସାଣ୍ଟନର ୨୭ ରନ କରିବାରୁ ନ୍ୟୁଜିଲାଣ୍ଡ ୯ ୱିକେଟ୍ ହରାଇ ୧୫୩ ରନ କରିପାରିଥିଲା। ଭାରତର ଯଶପ୍ରୀତ ବୁମରା ସର୍ବାଧିକ ୩ ୱିକେଟ, ରବି ବିଷ୍ଣୋଇ ୨ଟି, ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ୱିକେଟ୍ ନେଇଥିଲେ।

# ଜଟଣୀ ବାର ଆସୋସିଏସନ ଏକାଦଶକୁ ହରାଇ ପୋଲିସ ଏକାଦଶ ବିଜୟୀ

ଜଟଣୀ,୨୫।୧(ସବ୍ୟ): ଜଟଣୀ ସହରର ସମାଜିକ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଉଚ୍ଚ ବିଦ୍ୟାଳୟ ପଛ ମହତାବ ନଗର ଠାରେ ଅବସ୍ଥିତ କ୍ଲବ ଫିଲଡ଼ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଚତୁର୍ଥ ସମ୍ଭାବନା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଯଥାକ୍ରମେ ଜଟଣୀ ପ୍ରଶାସନିକ ମିଳିତ ଏକାଦଶ, ଜଟଣୀ ମିଡିଆ ଆଇକନ ଏକାଦଶ, ଜଟଣୀ ବାର୍ ଆସୋସିଏସନ୍ ଏକାଦଶ ଏବଂ ଜଟଣୀ ଥାନା ଏକାଦଶ ଅଂଶଗ୍ରହଣ କରିଥିଲେ । ସେମିଫାଇନାଲ ପର୍ଯ୍ୟନ୍ତ ୧୦ ଓଭର ବିଶିଷ୍ଟ ନକ୍ଆଉଟ୍ ଆଧାରରେ ସମସ୍ତ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଫାଇନାଲ୍ ମ୍ୟାଚରେ ଜଟଣୀ ବାର ଆସୋସିଏସନ ଏକାଦଶ ଏବଂ ଜଟଣୀ ପୁଲିସ ଥାନା ଏକାଦଶ ପରସ୍ପରକୁ ପଡ଼ିଆରେ ଭେଟିଥିଲେ। ଟସ ଜିତି ପୁଲିସ ଏକାଦଶ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇ ୧୫ ଓଭରରେ ୧୩୧ ରନ କରିଥିବାବେଳେ ପ୍ରତିପକ୍ଷ ବାର ଆସୋସିଏସନ ଏକାଦଶ ୧୫ ଓଭରରେ ୧୨୮ ରନ୍ କରିବାରେ ସମର୍ଥ ହୋଇଥିଲା ଯାହାଫଳରେ ପୁଲିସ ଏକାଦଶ ବିଜେତା ଘୋଷିତ ହୋଇଥିଲେ ଏବଂ ବାର ଆସୋସିଏସନ ରନର୍ସ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ,କାଉନସିଲର ଶଶାଙ୍କ ଶେଖର ରାୟ, ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ଅନନ୍ତ ଶତପଥୀ, ପୌରାଧକ୍ଷ ଅନନ୍ତ ବେହେରା ଯୋଗଦେଇଥିଲେ।









Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି